# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS
RNI Regn No- ODIODI/2014/57766.
Vol.11 . No.89 Bhubaneswar, Thursday, December 05, 2024 | ବର୍ଷ- ୧୧ ସଂଖ୍ୟା-୮୯ ଭୁବନେଶ୍ୱର ଗୁରୁବାର, ଡ଼ିସେମ୍ବର ୦୫.୨୦୨୪ | ପୃଷ୍ଠା - ୮ | ମୂଲ୍ୟ : ୨.୦୦/-


## ଦେବେନ୍ଦ୍ର ଫଡ଼ନାବିସ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ



ମହାରାଷ୍ଟ୍ର, ୦୪/୧୨: ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ଭାରତୀୟ ଜନତା ପାର୍ଟିର ଦେବେନ୍ଦ୍ର ଫଡ଼ନାବିସ। ଆଜି ବସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପାର୍ଟିର ନେତାମାନେ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତାଙ୍କର ଦୁଇ ଉପମୁଖ୍ୟମନ୍ତ୍ରୀ ହେବେ ଶିବସେନାର ଏକନାଥ ସିନ୍ଦେ ଓ ଏନସିପିର ଅଜିତ ପାୱାର। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ମୁମ୍ବାଇର ଆଜାଦ ମଇଦାନରେ ଅପରାହ୍ନ ୫ ଘଣ୍ଟା ସମୟରେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଶପଥଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ ବୋଲି ମହାରାଷ୍ଟ୍ର ବିଜେପି ସଭାପତି ଚନ୍ଦ୍ରଶେଖର ବାବନକୁଳ ଘୋଷଣା କରିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣାର ୧୧ ଦିନ ପରେ ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ଭାରତୀୟ ଜନତା ପାର୍ଟି ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଏ ନେଇ ଉଭୟ ଦିଲ୍ଲୀ ଓ ମୁମ୍ବାଇରେ ଦଳକୁ ଅନେକ କସରତ କରିବାକୁ ପଡ଼ିଛି। ବିଦାୟୀ ମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାକୁ ଅଡ଼ି ବସିବାରୁ ନୂଆ ସରକାର ଗଠନ ବିଳମ୍ବିତ ହୋଇଥିଲେ। ଶେଷରେ ନୂଆ ସରକାରରେ ଉପମୁଖ୍ୟମନ୍ତ୍ରୀ ହେବାକୁ ସିନ୍ଦେ ରାଜି ହେବା ପରେ ଆଜି ମହାରାଷ୍ଟ୍ର ବିଜେପିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଦେବେନ୍ଦ୍ର ଫଡ଼ନାବିସ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯାଇଛି। ସେ ଆଜି ରାଜ୍ୟପାଳଙ୍କୁ ଭେଟି ନୂଆ ସରକାର ଗଠନ କରିବାକୁ ଦାବି ଉପସ୍ଥାପନ କରିବେ। ଆଜି ବିଜେପି ବିଧାୟକ ଦଳର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦେବେନ୍ଦ୍ର ଫଡ଼ନାବିସଙ୍କୁ ବିଧାୟକ ଦଳ ନେତା ଭାବେ ସର୍ବସମ୍ମତିରେ ନିର୍ବାଚିତ କରାଯାଇଥିଲା। ଏହା ପରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରିଥିଲେ ଓ ଦେବେନ୍ଦ୍ର ଫଡ଼ନାବିସଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ରାଜ୍ୟର ୨୮୮ ଆସନରୁ ବିଜେପି ଏକାକି ୧୩୨ ଆସନରେ ବିଜୟୀ ହୋଇଛି। ଏହାର ସହଯୋଗୀ ଦଳ ଭାବେ ସିନ୍ଦେଙ୍କ ଶିବେସନା ୫୭ ଓ ଅଜିତ ପାୱାରଙ୍କ ଏନସିପି ୪୧ ଆସନ ହାସଲ କରିଛନ୍ତି। ଏହି ମେଣ୍ଟ ବିଧାନସଭାରେ ମୋଟ ୨୩୦ ଆସନ ହାସଲ କରିଛି।

# ପରାକ୍ରମ ଦେଖାଇଲା ନୌସେନା












ପୁରୀ, ୦୪/୧୨: ମହୋଦଧିରେ ବିଶ୍ୱ ଦେଖିଲା ଭାରତୀୟ ନୌସେନାର ବଳ। ନୌସେନା ଦିବସରେ ଓଡ଼ିଶାରେ ଲେଖାହେଲା ଉତ୍ସବର ନୂଆ ଇତିହାସ। ରାଷ୍ଟ୍ରପତିଙ୍କ ସାମ୍ନାରେ ୧୫ ଯୁଦ୍ଧ ଜାହାଜ, ୩୭ ଏୟାରକ୍ରାଫ୍ଟ ଓ ୩୫ ଶହରୁ ଅଧିକ ନୌବୀରଙ୍କ ଦୁର୍ଦ୍ଧର୍ଷ ରଣକୌଶଳ ଦେଖି ତାଜୁବ ଦୁନିଆ। ଓଡ଼ିଆ ପୁଅ କମାଣ୍ଡର ରାହୁଲ ପଟ୍ଟନାୟକଙ୍କ ନେତୃତ୍ୱରେ ସବ୍‌ମେରିନ୍ INS ଶଲ୍-କୀ ପରାକ୍ରମ ଦେଖାଇବା ପରେ ଆରମ୍ଭ ହୋଇଥିଲା ଶୌର୍ଯ୍ୟ, ସାହସ, ସମନ୍ୱୟର ଅଭୂତପୂର୍ବ ପ୍ରଦର୍ଶନ। ରାଷ୍ଟ୍ରପତି ତଥା ୩ ସେନାର କମାଣ୍ଡର-ଇନ-ଚିଫ୍ ଦ୍ରୌପଦୀ ମୁର୍ମୁଙ୍କୁ ଗାର୍ଡ ଅଫ୍ ଅନର ପରେ କମ୍ପି ଉଠିଥିଲା ପୁରୀ ବ୍ଲୁ ଫ୍ଲାଗ୍ ବିଚ୍। ସମୁଦ୍ରର ଘୋ' ଘୋ' ଶବ୍ଦକୁ ଚିରି ଆକାଶରୁ ଶୁଭିଥିଲା ବିମାନର ଗୁରୁଗର୍ଜନ। ଚିତାକର୍ଷକ ଫ୍ଲାଏପାଷ୍ଟ ସହ ବମ୍ ବର୍ଷ ମାନୁଏଭର ଦେଖାଇଥିଲେ ୫ଟି ହକ୍ ବିମାନ। ଏହାପରେ ୩ଟି ଚେତକ ହେଲିକପ୍ଟର ବ୍ୟାନର ଫର୍ମେସନରେ ସଗର୍ବେ ଉଡ଼ାଇଥିଲେ ଜାତୀୟ ପତାକା ଓ ଭାରତୀୟ ନୌସେନାର ଧ୍ୱଜା। ପରେ ନୌସେନାର ଶକ୍ତି ପ୍ରଦର୍ଶନ ଯେତେ ଆଗଉଥିଲା, ସେତିକି ଉତ୍ତଙ୍ଗ ହେଉଥିଲା ସମୁଦ୍ରର ସୁଉଚ୍ଚ ଜୁଆର। ସର୍ବସମ୍ମୁଖକୁ ଆସି ସାମରିକ ଦକ୍ଷତା ଦେଖାଇଥିଲା ସମୁଦ୍ରର ଅଥଳ ଗର୍ଭରେ ଲୁଚି ରହୁଥିବା ବୁଡ଼ା ଜାହାଜ INS ଶଲ୍-କୀ। ଆଉ ଓଡ଼ିଶା ପାଇଁ ଗର୍ବର କଥା, ଏହାର ନେତୃତ୍ୱ ନେଇଥିଲେ ଓଡ଼ିଆ ପୁଅ କମାଣ୍ଡର ରାହୁଲ ପଟ୍ଟନାୟକ। ଏହା ପରେ ଦେଖିବାକୁ ମିଳିଥିଲା ଦୁର୍ଦ୍ଧର୍ଷ ମରିନ କମାଣ୍ଡୋ- ମାର୍କସ୍‌ର ଜଲୱା। ଲୋକଲୋଚନରୁ ସର୍ବଦା ଦୂରେଇ ରହୁଥିବା ଭାରତର ଏହି

### ଉଦ୍‌ଘାଟନ କଲେ ରାଷ୍ଟ୍ରପତି

ଏଲିଟ୍ ସ୍ପେଶାଲ ଫୋର୍ସର ବୀର ଯୋଦ୍ଧାମାନେ ଦେଖାଇଥିଲେ ରଣକୌଶଳ। ଆତଙ୍କୀଙ୍କ କବ୍ଜାରୁ ନିରୀହଙ୍କୁ ଉଦ୍ଧାର କରିବାର ଡେମୋ ଚକିତ କରିଥିଲା ସମୁଦ୍ର କୂଳରେ ସମବେତ ଜନସମୁଦ୍ରକୁ। ପ୍ରମାଣିତ କରିଥିଲା, ମାର୍କସ୍ କୁ ଶତ୍ରୁ କାହିଁକି କହେ ମୃତ୍ୟୁର ଦୂତ। ମାର୍କସ୍‌ଙ୍କ କାରନାମା ପରେ ଦେଖିବାକୁ ମିଳିଥିଲା ଆମ୍ଫିବିଅସ୍ ଡେମୋ। ବେଳାଭୂମିରେ ଘର୍ଘର ନାଦ କରି ଛୁଟିଥିଲେ ଯୁଦ୍ଧ ଟ୍ୟାଙ୍କ। ଉଭୟ ଜଳ, ସ୍ଥଳ ଓ ଆକାଶରେ ୩ ସେନା ସମନ୍ୱୟ ରଖି କିଭଳି କରନ୍ତି ଅପରେସନ, ତା'ର ଚାକ୍ଷୁସ ପ୍ରମାଣ ପାଇଥିଲେ ଅଗଣିତ ଦର୍ଶକ ଓ ଅତିଥି। ଏହାପରେ ପୁଣି ଆକାଶରେ ଦିଶିଥିଲା ସଶସ୍ତ୍ର ମାର୍କସଙ୍କ କରିସ୍ମା। ତ୍ରିରଙ୍ଗା ଓ ଅନ୍ୟ ରଙ୍ଗୀନ ପାରାସୁଟରେ ୨୪ ହଜାର ଫୁଟ୍ ଉଚ୍ଚତାରୁ କରିଥିଲେ କମ୍ବାଟ୍ ଫ୍ରି ଫଲ। ଆକାଶରୁ ଖସି ରାଷ୍ଟ୍ରପତିଙ୍କୁ ଭେଟି ଦେଇଥିଲେ ସୁନ୍ଦର ସ୍ମୃତି ଉପହାର। ଆକାଶରେ ଉଡୁଥାନ୍ତି ୩୭ ବିମାନ ଓ ହେଲିକପ୍ଟର, ସମୁଦ୍ରରେ ପଇଁତରା ମାରୁଥାନ୍ତି ୧୫ଟି ଯୁଦ୍ଧ ଜାହାଜ। ଆଉ ପ୍ରାୟ ୩୫ଶହ ନୌବୀର ସାମିଲ ହୋଇଥିବା ନେଭି ଡେ'ରେ ପ୍ରଦର୍ଶିତ ହୋଇଥିଲା ହେଲୋ ଲ୍ୟାଣ୍ଡିଂ ଡେମୋ, ଆଞ୍ଜେଲ୍ ଡେମୋ, ସର୍ଚ୍ଚ ଆଣ୍ଡ୍ ରେସ୍କ୍ୟୁର ଡେମୋ ଭଳି ବିଭିନ୍ନ କୌଶଳ। ଓଘଝ ଜଲସା, ମିଜାଇଲ୍ ଡେଷ୍ଟ୍ରୋୟର INS ଦିଲ୍ଲୀ, INS ଶକ୍ତି, INS ସରୟୁ, INS ଅରିହନ୍ତ, INS ସାତପୁରା ସହ, ପରାକ୍ରମ ଦେଖାଇଥିଲେ ହକ, ସି-କିଙ୍ଗ, ମିଗ୍-୨୯ ଓ ଡ୍ରୋନିୟର ଭଳି ଏୟାରକ୍ରାଫ୍ଟ ଏବଂ ଚେତକ, MS-୬୦ ହେଲିକପ୍ଟର। ନୌସେନା ଦିବସର ପରବର୍ତ୍ତୀ ପର୍ଯ୍ୟାୟରେ ଆସିଥିଲା ପରଂପରା ପ୍ରଦର୍ଶନର ବେଳ। ମନମୁଗ୍ଧ କରିଥିଲା ହର୍ଣ୍ଣ ପାଇପ ଡାନ୍ସ। ସଞ୍ଜ ନଇଁ ଆସୁଥାଏ, ସମୁଦ୍ର ଭିତରୁ ଅନ୍ଧାର ମାଡ଼ି ଆସୁଥାଏ। ହେଲେ ମନରେ ବଢ଼ି ଚାଲିଥାଏ ଉତ୍ସାହ ଓ ଉତ୍ସୁକତା। ଅଚାନକ ଅଗ୍ନିବର୍ଷାରେ ଝଲସି ଉଠିଲା ଆକାଶ। MH-୬୦ ଜ ଏକ ମଲ୍‌ଟି-ରୋଲ୍ ହେଲିକପ୍ଟର ଦେଖାଇଥିଲା ଫ୍ଲେୟାର ଫାୟାରିଂ ଦକ୍ଷତା। ଏହାପରେ ମିଗ୍ ୨୯କ, ଆଣ୍ଟି ସବମରିନ ରକେଟ୍ ଫାୟାରିଂ ଓ ଶେଷରେ ସମସ୍ତ ବିମାନର ମିଳିତ ଭାବେ କମ୍ପୋଜିଟ୍ ଫ୍ଲାଏପାଷ୍ଟ ଦେଖିବାକୁ ମିଳିଥିଲା ପୁରୀ ଆକାଶରେ। ଶେଷରେ ବିଟିଂ ରିଟ୍ରିଟ, ଧ୍ୱଜାବତରଣ ଓ ସେରିମନିଆଲ ସନସେଟ ସହ ଆଜି ମହୋଦଧିରେ ଅସ୍ତ ଯାଇଥିଲା ରକ୍ତିମ ସୂର୍ଯ୍ୟ।

## ସରକାରୀ ଜମିରେ ଘର ହୋଇଥିଲେ ଚଢ଼ିବ ବୁଲ୍‌ଡୋଜର



ଭୁବନେଶ୍ୱର, ୦୪/୧୨: ଯେଉଁମାନେ ସରକାରୀ ଜମିକୁ ଜବର ଦଖଲ କରି ବଡ଼ ଅଟାଳିକା କରିଛନ୍ତି, ହାଇକୋର୍ଟ ରହିତାଦେଶ ଉଠିବା ପରେ ଚଢ଼ିବ ବୁଲଡଜର। ରାଜସ୍ୱ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି। ଗରିବଙ୍କୁ ପଟ୍ଟା ପ୍ରଦାନ ନେଇ ମନ୍ତ୍ରୀ କହିଛନ୍ତି, ଗରିବ ଲୋକଙ୍କୁ ପଟ୍ଟା ସହିତ ପକ୍କା ଘର ଦିଆଯିବ। ପ୍ରତି ଶନିବାର ଭୂମିହୀନଙ୍କୁ ଜମି ଦେବା ପାଇଁ ତହସିଲଦାର ଓ ବିଡ଼ିଓଙ୍କ ବୈଠକ ବସିବ। ହିତାଧିକାରୀଙ୍କୁ ପଟ୍ଟା ଓ ଜମି ସହିତ ପକ୍କାଘର ଯୋଗାଇବେ ବିଡ଼ିଓ। ଏ ସରକାର ସମୟରେ ଜଣେ ହେଲେ ଭୂମିହୀନ ରହିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ୭୦% ଶିକ୍ଷାନୁଷ୍ଠାନର ନିଜସ୍ୱ ଜମି ନାହିଁ। ଡିସେମ୍ବର ୩୦ ସୁଦ୍ଧା ସବୁ ସ୍କୁଲକୁ ଜମି ଦିଆଯିବ। ସବୁ ତହସିଲ ଅଫିସକୁ ଦୁର୍ନୀତି ମୁକ୍ତ କରିବା ପାଇଁ ରେଜିଷ୍ଟ୍ରାସନ୍ ଅଫିସକୁ ସ୍ମାର୍ଟ ସର୍ଭିଲାନ୍ସ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଏଭଳି ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମ୍ ଆରଆଇ ଅଫିସରେ ଲାଗିବ ବୋଲି ମନ୍ତ୍ରୀ କହିଛନ୍ତି। ଗୃହରେ ପାରିତ ହେଲା ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ୨୦ କୋଟି ୨୨ ଲକ୍ଷ ୫୩ ହଜାର କୋଟି ଟଙ୍କା। ଏହାସହ ଅନୁସୂଚିତ ଜାତି, ଜନଜାତି ବିଭାଗର ଖର୍ଚ୍ଚ ଦାବି ଗୃହରେ ପାରିତ ହୋଇଛି। ଅବଶିଷ୍ଟ ବିଭାଗର ଖର୍ଚ୍ଚ ଦାବି ମଧ୍ୟ ଗୃହରେ ପାରିତ ହୋଇଛି।

## ଆତଙ୍କବାଦ ଧମକ ଓଡିଶା ପାଇଁ ବିରଳ



ଭୁବନେଶ୍ୱର, ୦୪/୧୨: ଓଡ଼ିଶାରେ ପୋଲିସ ମହାନିର୍ଦ୍ଦେଶକ ମାନଙ୍କ ବୈଠକ ଭୁବନେଶ୍ୱରଠାରେ ହେବା ସମୟରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଭଳି ଦେଶର ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ଥିବା ବେଳେ ଆତଙ୍କବାଦ ଧମକ ଆସିବା ଓଡିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟ ପାଇଁ ଏକ ବିରଳ ଘଟଣା। ମନ୍ଦିର ସହରକୁ ଟେରର ସହରରେ ପରିଣତ କରିବା ପାଇଁ ଖଲିସ୍ଥାନ ଆତଙ୍କବାଦୀ ପନ୍ନୁ ଧମକ ଦେଇଥିଲା। ଓଡିଶା ଏକ ଶାନ୍ତିପ୍ରିୟ ରାଜ୍ୟଭାବେ ପରିଚୟ ଥିବା ବେଳେ ଓଡ଼ିଶାର ଜନ ସାଧାରଣ ମଧ୍ୟ ଶାନ୍ତ ବାତାବରଣକୁ ପସନ୍ଦ କରିଥାନ୍ତି। ଏହି ଧମକ ଓଡ଼ିଶାର ଜନ ସାଧାରଣଙ୍କ ମନରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ଯଦିଓ, ଏହି ଧମକ ଭିଆଇପି ମାନଙ୍କ ଭୁବନେଶ୍ୱରରେ ଉପସ୍ଥିତିକୁ ଲକ୍ଷ୍ୟ ରଖି କୁହା ଯାଇଛି ବୋଲି ବିଶ୍ୱାସ କରା ଯାଉଛି, ଏହାକୁ ହାଲୁକା ଭାବେ ନେବା ଉଚିତ ନୁହେଁ ବୋଲି ବିଜୁ ଜନତା ଦଳ ତରଫରୁ ଏକ ପ୍ରେସ ବାର୍ତ୍ତାରେ କୁହାଯାଇଛି। ବିଜେଡି ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଏକ ପ୍ରେସ ବାର୍ତ୍ତାରେ କହିଛନ୍ତି, ରାଜ୍ୟରେ ଆତଙ୍କବାଦ ଧମକ ଘଟଣାକୁ ଗୁରୁତ୍ୱ ଦେଇ ଏହା ଉପରେ ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି। କାରଣ, ଭୁବନେଶ୍ୱର ରାଜ୍ୟର ରାଜଧାନୀ ହୋଇଥିବା ବେଳେ, ପୁରୀ ଏକ ଆନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳ ହୋଇଥିବାରୁ, ଏହି ଧମକ ଆଗକୁ ପର୍ଯ୍ୟଟକ ମାନଙ୍କ ଆଗମନ ପାଇଁ କଣ୍ଟା ହୋଇପାରେ। ରାଜ୍ୟ ସରକାର ଏହାକୁ ଗୁରୁତର ସହିତ ନେଇ ଏହି ଧମକର ପୃଷ୍ଠଭୂମି ଉପରେ, ସବିଶେଷ ତଥ୍ୟ ସଂଗ୍ରହ କରିବା ପାଇଁ, ଏକ ସ୍ୱତନ୍ତ୍ର ଅନୁସନ୍ଧାନ ଟିମ ଗଠନ କରିବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ, ଏହି ଧମକ ବିଷୟରେ ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ଟିମ ଦ୍ୱାରା ତଦନ୍ତ ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି ବୋଲି ଡ଼ଃ ମହାନ୍ତି କହିଛନ୍ତି।

## ଖୁବଶୀଘ୍ର ଗଞ୍ଜାମ ଏବଂ ଢେଙ୍କାନାଳରେ ଖୋଲିବ ଆୟୁଷ ହସପିଟାଲ



ଭୁବନେଶ୍ୱର,୪।୧୨: ଓଡିଶାର ଗଞ୍ଜାମ ଏବଂ ଢେଙ୍କାନାଳ ଜିଲାରେ ଖୁବ ଶୀଘ୍ର ଆୟୁଷ ଡାକ୍ତରଖାନା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ପୁରୀରେ ଗୋପାବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ଏକ ସମାବେଶକୁ ସମ୍ବୋଧିତ କରି ସେ ଆୟୁର୍ବେଦିକ ସୁବିଧା ସମ୍ପ୍ରସାରଣ ଘୋଷଣା କରିଥିଲେ ଏବଂ ଦୁଇଟି ନୂତନ ଆୟୁଷ ଡାକ୍ତରଖାନା ଉଦଘାଟନ ସମ୍ପର୍କରେ ସୂଚନା ଦେଇଥିଲେ। ଆୟୁର୍ବେଦ ଚିକିତ୍ସା ଏକ ପ୍ରାଚୀନ ଅଭ୍ୟାସ। ଯାହା ପାଞ୍ଚ ହଜାର ବର୍ଷରୁ ଅଧିକ ସମୟ ଧରି ସ୍ୱାସ୍ଥ୍ୟସେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଅବଶ୍ୟ, ଏହା ମୁଖ୍ୟ ସ୍ରୋତ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସ୍ୱୀକୃତି ପାଇବା ପରିବର୍ତ୍ତେ ପ୍ରାୟ ଧାର୍ମିକ ବିଶ୍ୱାସର ସଦୃଶ ରହିଥିଲା। ୨୦୧୪ ପର୍ଯ୍ୟନ୍ତ ଭାରତର ପାରମ୍ପାରିକ ଚିକିତ୍ସା ପଦ୍ଧତି ଅବହେଳିତ ହୋଇଥିଲା। କେବଳ ଜିନିଷଗୁଡିକ ପରିଚାଳନା ଏବଂ ଦାୟିତ୍ୱ ନିର୍ବାହ କରିବା ପାଇଁ ନାମମାତ୍ର ପାଣ୍ଠି ଯୋଗାଣ କରାଯାଉଥିଲା। ତେବେ ନଭେମ୍ବର ୯, ୨୦୧୪ ରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆୟୁଷ ମନ୍ତ୍ରଣାଳୟ ଗଠନ କରି ଆୟୁର୍ବେଦକୁ ଏକ ନୂତନ ଦିଗ ଏବଂ ଏକ ନୂତନ ଆଶା ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଆୟୁର୍ବେଦରେ ବହୁ ରୋଗର ଉପଶମ ଥିବାରୁ ବ୍ୟାପକ ଅନୁସନ୍ଧାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପୁରୀ ଜିଲାର ଗୋପାବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ ତମ ଫାଉଣ୍ଡେସନ ଡେ ଉତ୍ସବକୁ ସମ୍ବୋଧିତ କରି ମୁର୍ମୁ କହିଛନ୍ତି ଯେ ଯୋଗ ଏବଂ ପ୍ରକୃତି ସହିତ ଜଡିତ ରହି ଜଣେ ବ୍ୟକ୍ତି ଜୀବନରେ ରୋଗମୁକ୍ତ ରହିପାରିବ। କେତେକ ରୋଗର ଚିକିତ୍ସା ପାଇଁ ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ଚିକିତ୍ସା ପଦ୍ଧତି ବିଷୟରେ ସେ ଅବଗତ ଥିବା ଦର୍ଶାଇ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ କେତେକ ବୃଦ୍ଧ ଆଦିବାସୀ ବିଭିନ୍ନ ରୋଗ ବିଷୟରେ ଜାଣନ୍ତି ଏବଂ ସେମାନଙ୍କୁ ଚିକିତ୍ସା କରିବା ପାଇଁ ଆବଶ୍ୟକ ହେଉଥିବା ଔଷଧଗୁଡିକ ବିଷୟରେ ମଧ୍ୟ ଜଣା ଅଛି।

# ରଙ୍ଗ ବଦଳିଲା, ପୋଷାକ ମିଳିଲାନି






ଭୁବନେଶ୍ୱର, ୦୪/୧୨: ପାଠପଢ଼ା ସରିଆସିଲାଣି। ପିଲାମାନେ ଧୀରେ ଧୀରେ ସ୍କୁଲ ଆସିବା ବନ୍ଦ କରୁଛନ୍ତି। ସିଲାବସ୍ ଶେଷ ସହ ବିଦ୍ୟାଳୟଗୁଡ଼ିକରେ କ୍ଲାସ ରିଭିଜନ୍ ଆରମ୍ଭ ହୋଇଯାଇଛି। ଦୁଇ ମାସ ପରେ ପରୀକ୍ଷା ଥିବାରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସ୍କୁଲ ପଠାଇବାକୁ ଉଚିତ ମଣୁନାହାନ୍ତି। ଗୋଟିଏ ଧାଡ଼ିରେ କହିଲେ, ଅଢ଼େଇ ମାସ ପରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ପରୀକ୍ଷା ହଲ୍‌ରେ ବସିବେ। ମାତ୍ର ଆଜି ପର୍ଯ୍ୟନ୍ତ ସେମାନଙ୍କୁ ସ୍କୁଲ ୟୁନିଫର୍ମ ମିଳିପାରି ନାହିଁ। ୨୦୨୪-୨୫ ଶିକ୍ଷାବର୍ଷ ଏପ୍ରିଲରୁ ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏଁ ମାଧ୍ୟମିକ ବିଦ୍ୟାଳୟ(ହାଇସ୍କୁଲ) ଛାତ୍ରଛାତ୍ରୀଙ୍କୁ ପୋଷାକ ମିଳି ନ ଥିବାରୁ ସେମାନେ ପୁରୁଣା ୟୁନିଫର୍ମରେ ସ୍କୁଲ ଆସୁଛନ୍ତି। ଭୁବନେଶ୍ୱରର ବିଭିନ୍ନ ହାଇସ୍କୁଲରେ ଏଭଳି ଚିତ୍ର ସାମ୍ନାକୁ ଆସିଛି। କେବଳ ରାଜଧାନୀରେ ନୁହେଁ, ରାଜ୍ୟର ଅଧିକାଂଶ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ଆଜି ପର୍ଯ୍ୟନ୍ତ ୟୁନିଫର୍ମ ମିଳି ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ନୂଆ ସରକାର ଆସିବାର ୩ ମାସରେ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ରଙ୍ଗ ବଦଳାଇଥିଲେ। ବିଜେଡି ସରକାର ସମୟରେ ଛାତ୍ରଛାତ୍ରୀଙ୍କ ୟୁନିଫର୍ମର ରଙ୍ଗ 'ହଣ୍ଟର ଗ୍ରିନ୍' କରାଯାଇଥିଲା। ବର୍ତ୍ତମାନର ସରକାର ତାହାକୁ ବଦଳାଇ ବାଦାମୀ ରଙ୍ଗର ଗାରପକା

### ସରିଆସିଲାଣି ଦଶମ ଶ୍ରେଣୀ ପାଠପଢ଼ା ଆଶା ଆଶଙ୍କାରେ ଲକ୍ଷାଧିକ ଛାତ୍ରଛାତ୍ରୀ

ସାର୍ଟ ଓ ଖଇରିଆ ରଙ୍ଗର ପ୍ୟାଣ୍ଟ ରଖିଛନ୍ତି। ଛାତ୍ରଙ୍କ ପାଇଁ ଫୁଲ୍‌ପ୍ୟାଣ୍ଟ ଓ ସାର୍ଟ ରହିଥିବା ବେଳେ ଛାତ୍ରୀଙ୍କ ଲାଗି ଚୁଡ଼ିଦାର-ପଞ୍ଜାବୀ ସହ ହାଫ୍ ଜ୍ୟାକେଟ୍ ରହିଛି। ଛାତ୍ରୀଙ୍କ ହାଫ୍ ଜ୍ୟାକେଟ୍‌ରେ ଦୁଇଟି ପକେଟ୍ ଓ ଛାତ୍ରଙ୍କର ବେଲ୍ଟ ରହିଛି। ଡ୍ରେସ୍‌ରେ କୌଣସି ଲୋଗୋ ନାହିଁ। ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନାରେ ହାଇସ୍କୁଲରେ ପଢୁଥିବା ପିଲାଙ୍କୁ ପୋଷାକ ବଣ୍ଟନ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅକ୍ଟୋବର ୧ରେ ଅବଗତ କରାଯାଇଥିଲା। ଇତିମଧ୍ୟରେ ଦୁଇ ମାସ ବିତିଯାଇଥିଲେ ମଧ୍ୟ ହାଇସ୍କୁଲ ପିଲାମାନଙ୍କୁ ୟୁନିଫର୍ମ ମିଳିପାରି ନାହିଁ। କେବେ ମିଳିବ ସେନେଇ କାହା ପାଖରେ ସୂଚନା ମଧ୍ୟ ନାହିଁ। ଦୁଇହଳ ୟୁନିଫର୍ମ ଓ ଗୋଟିଏ ହଳ ହାଉସ୍ ଡ୍ରେସ୍ ବାବଦରେ ଜଣେ ପିଲା ପିଛା ଏକ ହଜାର ଟଙ୍କା ଲେଖାଏଁ ଦେବାର ବ୍ୟବସ୍ଥା କରାଯାଇଛି। ଜିଲ୍ଲାସ୍ତରରେ ଚୟନ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଏହି ୟୁନିଫର୍ମ ଯୋଗାଇ ଦିଆଯିବାର ନିୟମ ରହିଛି। ମାତ୍ର ଏପର୍ଯ୍ୟନ୍ତ ଶତ ପ୍ରତିଶତ ବିଦ୍ୟାଳୟରେ ୟୁନିଫର୍ମ ଯୋଗାଣ ହୋଇପାରି ନାହିଁ। କେଉଁଠି ୟୁନିଫର୍ମ ରଙ୍ଗକୁ ନେଇ ତ ଆଉ କେଉଁଠି ସ୍ୱୟଂ ସହାୟକ ଗୋଷ୍ଠୀ ଚୟନକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ସ୍ଥାନେ ସ୍ଥାନେ କିଏ ବାଣ୍ଟିବ ତାହାକୁ ନେଇ ମଧ୍ୟ ବିବାଦ ଦେଖାଦେଲାଣି। ଏଭଳି ସମସ୍ୟା ମଧ୍ୟରେ ପାଠପଢ଼ା ଶେଷ ହେବାକୁ ଯାଉଥିବା ସାଢ଼େ ୫ ଲକ୍ଷ ଦଶମ ଶ୍ରେଣୀ ପିଲା ପୋଷାକ ପାଇବେ କି ନାହିଁ ତାହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ସିଲାବସ୍ ସରିଥିବାରୁ ଯେଉଁ ପିଲାମାନେ ସ୍କୁଲ ଆସୁନାହାନ୍ତି ସେମାନଙ୍କୁ ଦିଆଯିବ କି ନାହିଁ ଏବେ ଦୁଇ ହଳ ୟୁନିଫର୍ମ ମିଳିଲେ ପିଲା ତାଙ୍କୁ ପିନ୍ଧିବେ କେବେ? ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ହଠାତ୍ ପୋଷାକର ରଙ୍ଗ ପରିବର୍ତ୍ତନ ଦ୍ୱାରା ଏଭଳି ସମସ୍ୟା ଉପୁଜିଛି। ଯେଉଁ ରଙ୍ଗ ଚୟନ କରାଯାଇଛି ସେଭଳି କପଡ଼ା ମିଳିବା କଷ୍ଟକର ହୋଇପଡୁଛି। ହାତରେ ଆଉ ମାତ୍ର ଦୁଇ ମାସ ସମୟ ଥିବାରୁ ଏହାରି ଭିତରେ ଡ୍ରେସ୍ ତିଆରି କରି ସବୁ ପିଲାଙ୍କୁ ଯୋଗାଇଦେବାକୁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଅରାଜି ହେଉଛନ୍ତି। ଯେଉଁଠି ବି ଦିଆଯାଇଛି ତାହାର ରଙ୍ଗ ଠିକ୍ ନାହିଁ। ଛାତ୍ରଛାତ୍ରୀ ପ୍ରକୃତ ରଙ୍ଗର ପୋଷାକ ପିନ୍ଧିପାରୁ ନାହାନ୍ତି। ତଥାପି ଜାନୁଆରି ଭିତରେ ୟୁନିଫର୍ମ ବଣ୍ଟନ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ଅଧିକାରୀ ଜଣକ କହିଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟରୁ ତାଲା ଭାଙ୍ଗି ଲୁଟ



ବସ୍ତା, ୦୪/୧୨ (ନି.ପ୍ର): ବସ୍ତା ବ୍ଲକ ସିଂଲା ଥାନା କରୁଆ ପଞ୍ଚାୟତ କାର୍ଯ୍ୟାଳୟ ର ତାଲା ଭାଙ୍ଗି ଗତ କାଲି ବିଳମ୍ବିତ ରାତ୍ରୀରେ ଗୋଟିଏ ୫୨ ଇଞ୍ଚର ଏଲ୍ଇଡି ଟିଭି ସହିତ,ଗୋଟିଏ ପ୍ରିଣ୍ଟର ଓ କିଛି ଜରୁରୀ କାଗପତ୍ର ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଅଭିଯୋଗ ମୁତାବକ ଆଜି ସକାଳ ସମୟରେ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟଫାଟକ ଖୋଲା ଥିବା ବେଳେ ଓ ତାଲା ଭାଙ୍ଗି ତଳେ ପଡ଼ିଥିଲା ଖବର ପାଇ ସରପଞ୍ଚ ଜୟନ୍ତ କୁମାର ରଣା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଏଡିଓ ସୁବାସ ବିଶ୍ୱାଳ, ଜିଆରଏସ ସ୍ୱପ୍ନେଶ୍ୱର ଜେନା ପହଞ୍ଚି ବ୍ଲକ ପ୍ରଶାସନ ଓ ସିଂଲା ଥାନାକୁ ଲିଖିତ ଅବଗତ କରିଥିଲେ। ଅଭିଯୋଗ କୁ ଅତି ଗୁରୁତର ସହିତ ଗ୍ରହଣ କରି ସିଂଲା ଥାନା ଅଧି କାରୀ ଭୁବନ ମୋହନ ସେଠୀ ୧୯୬/ ୨୪ ମାମଲା ରୁଜୁ କରି ,ଏଏସଆଇ ଗୋପାଳ ପ୍ରସାଦ ମୁର୍ମୁ, କନେଷ୍ଟବଳ ଶ୍ୟାମସୁନ୍ଦର ମାଝୀ ଓ ଏପିଏଫ ରେଙ୍ଗ ଚାତାର ସଦଳେ ବଳେ ଘଟଣା ସ୍ଥଳରେ ପହଞ୍ଚି,ସାଇଣ୍ଟିଫିକ ଟିମ ଓ ସନ୍ଧା ନୀ କୁକୁର ସହାୟତାରେ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି। ତେବେ ଏହା ପୂର୍ବରୁ ବସ୍ତା ବ୍ଲକର ବିଭିନ୍ନ ପଞ୍ଚାୟତ ରୁ ସମାନ ଢଙ୍ଗରେ ଏହି ସବୁ ସାମଗ୍ରୀ ଚୋରି ହେଉଥିଲେ ବି ସାଇଣ୍ଟିଫିକ୍ ଟିମ,ସନ୍ଧାନୀ କୁକୁର କିମ୍ବା ପୋଲିସ କୁ କୌଣସି ସଫଳତା ମିଳି ପାରିନାହିଁ। ଯାହା କି ପୋଲିସ ପାଇଁ ମୁଣ୍ଡ ବିନ୍ଧା ସାଜିବା ସହିତ ଚେଲେଞ୍ଜ ସୃଷ୍ଟି ହୋଇଛି।ଏନେଇ ସରପଞ୍ଚ ଜୟନ୍ତ କୁମାର ରଣା, ସାମ୍ବାଦିକ ଅଜିତ କୁମାର ସାହୁ,ପଞ୍ଚାନନ ପାତ୍ର, ନିରଞ୍ଜନ ପାତ୍ର, ଜଗନ୍ନାଥ ବ୍ରହ୍ମଚାରି, ଲକ୍ଷ୍ମୀଧର ସାହୁ, ହୃଷୀକେସ ପ୍ରଧାନ , ମହେଶ୍ୱର ନାୟକ,ଝାଡେଶ୍ୱର ଧଳ,ଗୋପୀ ନାଥ ସିଂହ, ନିତ୍ୟାନନ୍ଦ ସାହୁ ପ୍ରମୁଖ ପୋଲିସ ପେଟ୍ରୋଲିଂ କଡ଼ାକଡି କରିବା ସହିତ ପଞ୍ଚାୟତ କାର୍ଯ୍ୟାଳୟ ସାମନା ରେ ଅତ୍ୟାଧୁନିକ ଆଲୋକି କରଣ ସାଙ୍ଗକୁ ଉନ୍ନତ ସିସି କ୍ୟାମେରା ଲଗାଇବା ଏବଂ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଓ ପ୍ରଶାସନ ନିକଟରେ ଦୃଢ଼ ଦାବୀ କରିଛନ୍ତି।

# ଗଛରେ ପିଟିହେଲା ଟ୍ରକ, ଡ୍ରାଇଭର ମୃତ

ବଣାଇ, ୦୪/୧୨ (ନି.ପ୍ର): : ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ଥାନାର କୁଣ୍ଡେଇଡିହା ନିକଟରେ ଏକ ଟ୍ରକ ଦୃତ ଗତିରେ ଆସି ରାସ୍ତା ପାଖରେ ଥିବା ଗଛ କୁ ବାଡେଇ ଦେବା ରୁ, ଗାଡି ଚାଳକ ଗାଡ଼ି ଭିତରେ ଚାପି ହୋଇ ରହିଥିଲା ଫଳରେ ସ୍ଥାନୀୟ ଲୋକେ ଗୁରୁଣ୍ଡିଆ ପୋଲିସ ଓ ଅଗ୍ନିଶମ ବିଭାଗ କୁ ଖବର ଦେବା ପରେ ଅଗ୍ନିଶମ ବିଭାଗର କର୍ମଚାରୀ ଆସି ଉଦ୍ଧାର କରିଥିବା ବେଳେ ଗାଡ଼ି ଭିତରେ ଗାଡ଼ି ଚାଳକର ମୃତ୍ୟୁ ହୋଇ ସାରିଥିବା ଜଣା ପଡ଼ିଥିଲା ଗାଡ଼ି ଚାଳକଙ୍କ ନାଁ ବାସୁ ଦେବ ଯାଦବ ଓ ତାଙ୍କ ଘର ଔରଙ୍ଗା ବାଦ ବୋଲି ଜଣା ପଡିଛି, ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି।

# ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଦାବୀପତ୍ର ପ୍ରଦାନ



ପାତ୍ରପୁର,୦୪/୧୨ (ନି.ପ୍ର): କେନ୍ଦ୍ର ଅନୁରୂପ ଚିକିତ୍ସା, ଭତ୍ତା ଓ ସ୍ୱାସ୍ଥ୍ୟ ସେବା ପ୍ରଦାନ ଦାବିରେ ଅତିରିକ୍ତ ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ୯ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଭାପତି ଡି.ମୋହନ ରାଓ ସମ୍ପାଦକ ସଙ୍କର୍ଷଣ ପାତ୍ର, ବ୍ଲକ ଆବାହକ ଶଶାଙ୍କ କୁମାର ପ୍ରଧାନ, ପ୍ରଫୁଲ୍ଲ ପତି,ଡି. କାଳିଦାସ ଓ ସିମାଞ୍ଚଳ ପଣ୍ଡା ଙ୍କ ସମେତ ଅନେକ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଚିକିତ୍ସା ଭତ୍ତା ଓ ସ୍ୱାସ୍ଥ୍ୟ ସେବା ଅନ୍ୟ ରାଜ୍ୟ ରେ ଅବସର ପ୍ରାପ୍ତ କର୍ମଚାରୀ ମାନେ ବହୁତ ସୁବିଧା ପାଉଥିବା ବେଳେ ଓଡ଼ିଶାରେ ଏହି ସୁବିଧା ଲାଗୁ କରିବା ପାଇଁ ଦାବିପତ୍ର ରେ ଦର୍ଶାଯାଇଛି। ୧୮ ମାସର ମହଙ୍ଗା ଭତ୍ତା ପ୍ରଦାନ କରିବା, କରୋନା ଠାରୁ ବନ୍ଦଥିବା ବରିଷ୍ଠ ନାଗରିକ ମାନଙ୍କୁ ରେଳଭଡ଼ା ରିହାତି ପୁନଃ ପ୍ରଚଳନ କରିବା, ସରକାରୀ ବସ୍ ରେ ଭଡ଼ା ୫୦% ରିହାତି କରିବା, କେନ୍ଦ୍ର ଅନୁରୂପ ଓଡ଼ିଶାର କର୍ମଚାରୀଙ୍କୁ ପୁରା ପେନସନ ୨୫ ବର୍ଷ ପରିବର୍ତ୍ତେ ୨୦ ବର୍ଷ ରଖିବା ଓ ପେନସନ୍ ରାଶି ସର୍ବନିମ୍ନ ଟ ୮୩୦୦ ପରିବର୍ତ୍ତେ ୯୦୦୦ କରିବା ଭଳି ପ୍ରମୁଖ ଦାବି ଗୁଡ଼ିକ ଦାବିପତ୍ରରେ ଦର୍ଶାଯାଇଛି।

# ବଣାଇଁରେ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ



ବଣାଇ, ୦୪/୧୨ (ନି.ପ୍ର): ବଣାଇଁଗଡ ସହରସ୍ଥିତ ରାଜା ଧରଣୀଧର ବହୁମୁଖୀ ଖେଳ ପଡିଆ ଠାରେ ଉପଖଣ୍ଡ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କୃଷି ମେଳାରେ ବିଭିନ୍ନ କୃଷି ଯନ୍ତ୍ରପାତି ଆସି ଥିବା ବେଳେ ଏଥିରେ ସମୁଦାୟ ୪୦ ଗୋଟି ବିଭାଗର ଚାଷ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି ଗୁଡ଼ିକୁ ଷ୍ଟଲ୍ ଗୁଡିକରେ ପ୍ରଦର୍ଶନ କରାଯାଇଥିଲା । ଚାଷୀ ମାନେ କୃଷି ଯନ୍ତ୍ରପାତି କିପରି ସୁଲଭ ମୂଲ୍ୟରେ ପାଇ ପାଇବେ ଓ କୃଷକ ମାନଙ୍କ ନିକଟରେ ଉପଲବଧ ହେବ ମେଳା ମାଧମରେ କୃଷକ ମାନଙ୍କୁ ଷ୍ଟଲ ମାନଙ୍କରେ ଉପସ୍ଥିତ କର୍ମଚାରୀ ମାନେ ବୁଝାଉ ଥିବା ଦେଖିବାକୁ ମିଳିଥିଲା । ଉପଖଣ୍ଡ କୃଷକ ଙ୍କ ପାଇଁ ଆସନ୍ତା ତିନିଦିନ ପାଇଁ ଏହି ମେଳା ଆୟୋଜନ କରାଯାଇଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଜିଲ୍ଲା ଜିଲ୍ଲାପରିଷଦ ଉପାଧକ୍ଷ କମଳ ଲାକ୍ରା, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଜ଼ିଲ୍ଲା ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଙ୍କ ପ୍ରତିନିଧି ମନୋଜ କୁମାର ପ୍ରଧାନ, ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ,ସୁନ୍ଦରଗଡ଼ ଜ଼ିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବୀର ବିଚିତ୍ର ସେନ ନାୟକ,ଜୁଲିଆଣି କାଣ୍ଡିର,ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହରିହର ନାୟକ, ସରପଞ୍ଚ ନମିତା ନାଗ, ମୁଖ୍ୟ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ରର ଡକ୍ଟର ଜୟନ୍ତ କୁମାର ପତି, ସୁନ୍ଦରଗଡ କୃଷି ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ, ସୁବୋଧ ପାଣିଗ୍ରାହୀ, ଦିପ୍ତି ପଟେଲ ପ୍ରମୁଖ ଉପସ୍ଥିତ ରହି ଲାଗିଥିବା କୃଷି ଯନ୍ତ୍ରପାତି ମେଳାରେ ପରିଦର୍ଶନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

# ଶଶି ଭୂଷଣ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ



ସୋରଡ଼ା, ୦୪/୧୨ (ନି.ପ୍ର): ସୋରଡା ଶଶୀଭୂଷଣ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା ଚୟନ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ବୈଠକରେ ସ୍ଥିର ହୋଇଛି। ନୂତନ ସଭାପତି ଭାବେ ସମାଜସେବୀ ଶ୍ରୀ ଧୋବା ବେହେରାଙ୍କୁ ଚୟନ କରାଯାଇଥିବା ବେଳେ ସମ୍ପାଦକ ରୁପେ ବରିଷ୍ଠ ଶିକ୍ଷକ କାଳୀ ଚରଣ ପ୍ରଧାନ, ସହ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, କାର୍ଯ୍ୟକାରୀ ସମ୍ପାଦକ ରାଧାମୋହନ ସାହୁ ଏବଂ ରାଜୀବ ହୋତା, ସୌଜନ୍ୟ ସମ୍ପାଦକ ଶ୍ରୀ କେ. ସତ୍ୟ ନାରାୟନ ସୁବୁଦ୍ଧି, ସଂଗଠକ ସମ୍ପାଦକ ଏସ. ଦିଲ୍ଲିପ କୁମାର ପାତ୍ର, କୋଷାଧକ୍ଷ ଶ୍ରୀ ସନ୍ତୋଷ ସାମନ୍ତରାୟ, ଅଡିଟର ଶ୍ରୀ ପ୍ରଶାନ୍ତ କୁମାର ରାଉତ,ପରିଚାଳନା ସମ୍ପାଦକ ଶ୍ରୀଯୁକ୍ତ ଉମାଶଙ୍କର ଦାସ ଶର୍ମାଙ୍କୁ ଚୟନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକର ପ୍ରାରମ୍ଭରେ ସଂସଦର ଆଜୀବନ ସଭାପତି ସ୍ୱର୍ଗତ ପଦ୍ମଲୋଚନ ପଣ୍ଡାଙ୍କ ପରଲୋକ ଗମନ ସକାଶେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠିତ ବୈଠକରେ ସଂସଦର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

# ଅଙ୍ଗନୱାଡି କେନ୍ଦ୍ରର ସୂଚନା ବୋର୍ଡ ପୁନଃରୁଦ୍ଧାର ନିର୍ମାଣ କାର୍ଯ୍ୟରେ ଘଟଲା



ରାଇକିଆ୦୪/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ରାଇକିଆ ବ୍ଲକ ମଣ୍ଡାକିଆ ଗ୍ରାମପଞ୍ଚାୟତ ଅଧିନସ୍ଥ ବାକିଙ୍ଗିଆ ନୂଆପଡ଼ା ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ରର ସୂଚନା ବୋର୍ଡ ପୁନଃରୁଦ୍ଧାର ନିର୍ମାଣ କାର୍ଯ୍ୟରେ ଘଟଲା। ସରକାରଙ୍କ ଆଦେଶ ଆସିଥିବା ଜିଲ୍ଲା ପରିଷଦର ଆର୍ଥିକ ବର୍ଷର ଅନୁଦାନର ଅଟକଳ ମୂଲ୍ୟ ୧୦୦୦୦୦ ଟଙ୍କା ଆସିଥିବା ବେଳେ ରାଇକିଆ ବ୍ଲକ ପଞ୍ଚାୟତ ଦାୟିତ୍ୱରେ ଥିବା ପିଇଓ ଜଣାୟତରେ କାମ କରାଯାଇଥିବା ବେଳେ ଆରମ୍ଭରୁ ସୂଚନା ଫଳକ ନ କରି କାମ ସାରିବା ପରେ ସୂଚନା ଫଳକ ଲଗାଇ ଥିବାରୁ ଜନସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଇଥିବା ଦେଖିବାକୁ ମିଳୁଛି। ତାହା ବି ଗ୍ରାମପଞ୍ଚାୟତ ଦାୟିତ୍ୱ ରେ ଥିବା ପିଇଓଙ୍କ ଜଣାତରେ ଅତିରୁ ଅତି ନିମ୍ନ ମାନର କାମକରି ଠିକାଦାର ଓ ପିଇଓ ମିଶି ଏହି ସୂଚନା ବୋର୍ଡ ପୁନଃରୁଦ୍ଧାର ନିର୍ମାଣ କାମରେ ହରି ଲୁଟ କରାଯାଇ ଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଥିବା ହସ୍ତକ୍ଷେପ ହେଇଛି। ଏହି ଦିଗରେ ଏକ ଲକ୍ଷ୍ୟ ଟଙ୍କା ଚୋଲୁ କରିବାପାଇଁ ମଣ୍ଡାକିଆ ପଞ୍ଚାୟତ କର୍ମଚାରୀ ମାନେ ସୂଚନା ବୋର୍ଡ ଲଗାଇଥିବା ଆଶଙ୍କା ଦେଖାଦେଇଥିବା ଯୋଗୁଁ ଲୋକଙ୍କ ମନରେ ଅସନ୍ତୋଷ ହେଇ ଅଭିଯୋଗ ଆଣିଥିବା ଦେଖିବାକୁ ମିଳିଛିଏହା ପୂର୍ବରୁ ରାଇକିଆ ବ୍ଲକ ପ୍ରଶାସନ ଅଧିକାରୀ ଏନେଇ ଅବଗତ ଥାଇ ମଧ ନିରବ କାହିଁକି ବୋଲି ଗ୍ରାମବାସୀମାନେ ପ୍ରଶ୍ନକରିଛନ୍ତି। ଏବଂ ବ୍ଲକ ପାଖାପାଖି ପଞ୍ଚାୟତ ପରିସର କାମରେ ଯଦି ଏଭଳି ସୂଚନା ଫଳକ ରହୁନାହିଁ ତାହାଲେ ବଣ ପାହାଡ଼ ପଲ୍ଲୀ ଅଞ୍ଚଳ ଏରିଆରେ କଣ ନ ହେଉଥିବ ତାହା ଏକ ଚାଞ୍ଚଲ୍ୟ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି କ୍ଷେତ୍ରରେ ସରକାରଙ୍କ ନିୟମ ପ୍ରକାରେ କାମ ଆରମ୍ଭ ହେବା ପୂର୍ବରୁ ସୂଚନା ଫଳକ ରହିବାର ନିୟମ ଥିଲେ ସୁଦ୍ଧା ତାହାକୁ ଖୁଲମଖୁଲା ଉଲଂଘନ କରାଯାଉଛି। ଏଥିପ୍ରତି ବ୍ଲକ୍ ପ୍ରଶାସନର କୌଣସି ଦୃଷ୍ଟି ନପଡ଼ିବା ଦୁର୍ଭାଗ୍ୟକୁ ବୋଲି ଜିଲ୍ଲାର ବୁଦ୍ଧିଜୀବୀ ଓ ଜନସାଧାରଣ ରେ ଚର୍ଚ୍ଚା ହେଉଛି। ଏବଂ ସୂଚନା ବୋର୍ଡ ପୁନଃରୁଦ୍ଧାର ନିର୍ମାଣ କାର୍ଯ୍ୟରେ ଯେଉଁ ମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କୁହା ଯାଇଛି।ଏଣୁ ରାଇକିଆ ବ୍ଲକର ଅଞ୍ଚଳବାସୀ ଏଭଳି ପୁନର୍ବାର କୋ?ଣସି ପଞ୍ଚାୟତ ଇଲାକାରେ ମନମୁଖୀ କାମ କରାଯାଏ ତାହାହେଲେ ଆଗାମୀ ଦିନରେ ବିରାଟ ଧରଣରେ ଆନ୍ଦୋଳନ କରିବା ପାଇଁ ପଛେଇବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

# ସୁକିନ୍ଦାରେ ଥିବା ଏକାଧିକ ଖଣିକୁ ପ୍ରଦୂଷଣ ବିଭାଗର ତାଗିଦ୍‌ଭରା ନୋଟିସ

## ଟାଟା କମର୍ଦା,ସାରୁଆବିଲିଓ ଓସ୍ତପାଳର ଫେକର ଖଣିକୁ ପ୍ରଦୂଷଣ ବିଭାଗର ଛାଟ




କଳିଙ୍ଗନଗର,୦୪/୧୨ (ନି.ପ୍ର): ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଥିବା ଏକାଧିକ ଖଣିକୁ କଳିଙ୍ଗନଗର ରେ ଥିବା ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଗତ ୧୨ ତାରିଖରେ ପରିଦର୍ଶନ କରି ଟିକିନିଖି ତଦନ୍ତ କରିଥିବା ଦେଖିବାକୁ ମିଳିଥିଲା।ଖଣି ଅଞ୍ଚଳ ରେ ଥିବା ଟାଟା ଷ୍ଟିଲ ମାଲିକାନାରେ ଥିବା କମର୍ଦା କ୍ରୋମାଇଟ ମାଇନ୍ସ, ସାରୁଆବିଲି କ୍ରୋମାଇଟ ଖଣି ରେ ଥିବା ଇଟିପି ରୁ ବାହାରୁଥିବା ବର୍ଯ୍ୟ ଜଳ ନିଷ୍କାସନ ଫଳରେ ସ୍ଥାନୀୟ ଅଳରେ ପ୍ରଦୂଷଣ କରୁଥିବା ଯୋଗୁଁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଦୁଇ ଖଣି କୁ ତଦନ୍ତ ରିପୋର୍ଟ ସହିତ ପ୍ରଦୂଷଣ କରୁଥିବା ଅଭିଯୋଗ କରି ଏକ ନୋଟିସ ଜାରି କରିଛନ୍ତି ଠିକ୍ ସେହିପରି ଓସ୍ତପାଳର ଫେକର ଖଣିକୁ ମଧ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଗୋଟିଏ ଚିଠି ଦେଇଥିବା ଦେଖିବାକୁ ମିଳିଛି। କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଦିଆଯାଇଥିବା ଚିଠି ନମ୍ବର ୩୭୯୧ କେଏନଜି/ମାଇନ୍ସ-୯ ତା ୧୪.୧୧.୨୦୨୪ ରେ କମର୍ଦା ମାଇନ୍ସ ଯାହା କି ଟାଟା ଷ୍ଟିଲ ମାଲିକାନା ରେ ଥିବା ବେଳେ ଠିକ୍ ସେହିପରି ସାରୁଆବିଲ ମାଇନ୍ସ କୁ କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୩୭୮୭ କେଏନଜି/ ମାଇନ୍ସ-୩ ତା ୧୪.୧୧.୨୦୨୪ ରେ ଦେଇଥିବା ଦେଖିବାକୁ ମିଳିଛି। ଉଭୟ ଖଣି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ର w.r.t Cr+୬ ଥିବା ମାନକୁ ବଜାୟ ରଖିବାରେ ବିଫଳ ହୋଇଥିବା ଯୋଗୁଁ ତୁରନ୍ତ ଏହାକୁ ସୁଧାରିବା ପାଇଁ ନୋଟିସ ରେ ନିର୍ଦ୍ଦେଶ ଜାରି କରିଛନ୍ତି । ଏଥିସହିତ ଓସ୍ତ ପାଳ ରେ ଥିବା ଫେକର ଖଣିକୁ ମଧ କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଏକ ଚିଠି ସଂଖ୍ୟା ୩୭୯୩ କେଏନଜି/ମାଇନ୍ସ-୩ ତା ୧୪.୧୧.୨୦୨୪ ରେ ସମାନ ଅଭିଯୋଗ କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶନାମା ପଠାଇଛନ୍ତି। ଯାହା କୁ ନେଇ ଖଣି ଅଞ୍ଚଳ ରେ ଥିବା ସାଧାରଣ ଲୋକଙ୍କ ଜୀବନ କୁ ଅଲୋଡା ଭାବି ଖଣି ଅଞ୍ଚଳ ରେ ଥିବା ଖଣି ମାଲିକଙ୍କ ଚେତା ପଶିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଯଦି ତୁରନ୍ତ କିଛି ପଦକ୍ଷେପ ଗ୍ରହଣ ନକରିବେ ତେବେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଆଗକୁ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣ ଲୋକଙ୍କ ଦାବି ହେଉଛି। ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ସୁକିନ୍ଦା ଖଣି ଅଞ୍ଚଳ ରେ ଥିବା ବହୁ ନିରିହ ଲୋକଙ୍କ ଜୀବନକୁ ଅଲୋଡା ଭାବି ପୂର୍ବରୁ କାର୍ଯ୍ୟ କରୁଥିବା ଖଣି କର୍ତୃପକ୍ଷ ମାନେ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି। ନା ପୂର୍ବରୁ ଚାଲିଆସୁଥିବା ପରମ୍ପରାକୁ ବଜାଇ ରଖୁଛନ୍ତି।

# ଓପିଟିସିଏଲ୍ ଗ୍ରୀଡ୍‌ରେ ଅଗ୍ନିକାଣ୍ଡ, ନିଆଁକୁ କାବୁକଲେ ୫ ଦମକଳ

ରାଉରକେଲା: ସୋମବାର ରାତି ପ୍ରାୟ ସାଢ଼େ ୮ଟାରେ ବାଲୁଘାଟସ୍ଥ ତରକେରା ଓପିଟିସିଏଲ୍ ଗ୍ରୀଡ୍‌ରେ ଅଗ୍ନିକାଣ୍ଡ ଘଟି ବହୁ ବୈଦ୍ୟୁତିକ ସାମଗ୍ରୀ ସହ ଟ୍ରାନ୍ସଫର୍ମର ଜଳିପୋଡି ପାଉଁଶ ହୋଇଯାଇଛି। ନିଆଁକୁ କାବୁ କରିବାକୁ ଓଡ଼ିଶା ଅଗ୍ନିଶମ ବିଭାଗର ୪ଟି ଓ ଆରଏସ୍‌ପିର ଗୋଟିଏ, ଏମିତି ମୋଟ ୫ଟି ଦମକଳ ଗାଡ଼ି ନିୟୋଜିତ ହୋଇଥିଲା। ପ୍ରାୟ ଘଣ୍ଟା ପରେ ନିଆଁକୁ କାବୁ କରାଯାଇଥିଲା। ଅଗ୍ନିକାଣ୍ଡରେ କୌଣସି କର୍ମଚାରୀ ହତାହତ ହୋଇନଥିବା ଜଣାପଡ଼ିଛି। ସଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଓପିଟିସିଏଲ୍‌ର ବରିଷ୍ଠ ଅଧିକାରୀ ଓ ଟେକ୍ନିକାଲ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଗ୍ରୀଡ୍ ଜଳିଯିବା ପରେ ଟାୱାର ପାୱାରକୁ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଫଳରେ ସହରର ଅଧିକାଂଶ ଅଞ୍ଚଳ ପ୍ରାୟ ୨ ଘଣ୍ଟା ଅନ୍ଧାରରେ ରହିଥିଲା। କର୍ମଚାରୀମାନେ ପହଞ୍ଚି ମରାମତି କରିବା ପରେ ସହରର ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା। ଓପିଟିସିଏଲ୍‌ର ଜଣେ କର୍ମଚାରୀଙ୍କ କହିବାନୁଯାୟୀ ରାତି ପ୍ରାୟ ସାଢ଼େ ୮ଟାରେ ବିଦ୍ୟୁତ୍ ସଟ୍‌ସର୍କିଟ ଯୋଗୁ ବଡଧରଣ ବିସ୍ଫୋରଣ ହୋଇଥିଲା। ଚାହୁଁ ଚାହୁଁ ନିଆଁ ଚାରିଆଡକୁ ବ୍ୟାପି ଯାଇଥିଲା। ନିଆଁ ଲାଗିବା ପରେ ୨୨୦/ ୧୩୨ କେଭି ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ଜଳିଯାଇଥିଲା। ପ୍ରଥମେ ଅଗ୍ନିଶମ ବିଭାଗର ଦୁଇଟି ପରେ ଆଉ ଦୁଇଟି ସହ ଆରଏସ୍‌ପିର ଗୋଟିଏ ଦମକଳଗାଡ଼ି ଗୋଟିଏ ପରେ ଗୋଟିଏ ଗ୍ରୀଡ୍‌ରେ ପହଞ୍ଚିଥିଲା।

# ରାଉଲକେଲା ପାୱାର ହାଉସ୍ ରୋଡ଼ ଠାରେ ଥିବା ଆରଏସପି ଜମି ହେଲା ଜବରଦଖଲ ମୁକ୍ତ



ବଣାଇ,୦୪/୧୨ (ନି.ପ୍ର): ପାୱାର ହାଉସ୍ ରୋଡ଼ ନିକଟରେ ଥିବା ରାଉରକେଲା ଇସ୍ପାତ କାରଖାନାର ଏକ ଜମିକୁ ଜବରଦଖଲ ମୁକ୍ତ କରାଯାଇଛି। ଆରଏସପି ଅଧୀନରେ ଥିବା ଉକ୍ତ ଜମିରୁ ଜବରଦଖଲ ହଟାଇବା ପାଇଁ ପୂର୍ବରୁ ରାଉରକେଲା ଇସ୍ପାତ କାରଖାନା ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ଏକ ପତ୍ର କରାଯାଇଥିଲା। ଯାହା ଫଳରେ ବୁଧବାର ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ତରଫରୁ ପାୱାର ହାଉସ୍ ରୋଡ଼ ଠାରେ ଥିବା ଆରଏସପି ଜମିରୁ ବେଆଇନ ଭାବେ ପାର୍କିଂ ହୋଇଥିବା ଟ୍ରକ୍ ତଥା ଅନ୍ୟ ସମସ୍ତ ଗାଡ଼ି ଗୁଡ଼ିକୁ ହଟାଯାଇଛି। ଦୀର୍ଘ ସମୟ ଧରି ଆରଏସପିର ଏହି ଜାଗା ବେଆଇନ ଭାବେ ଜବରଦଖଲକାରୀଙ୍କ କବଜାରେ ରହିଥିଲା। ମୁଖ୍ୟତଃ ପାୱାର ହାଉସ୍ ରୋଡ଼ ନିକଟରେ ଥିବା ଏହି ଜମି ଟ୍ରକ୍ ଗୁଡ଼ିକର ପାର୍କିଂ ନିମନ୍ତେ ବ୍ୟବହୃତ ହେଉଥିବାରୁ ସହର ମଧ୍ୟରେ ବଡ଼ ବଡ଼ ଟ୍ରକ୍ ଗୁଡ଼ିକର ଅବାଧ ପ୍ରବେଶ ହେଉଥିଲା। ଯାହା ଫଳରେ ଟ୍ରକ୍ ଧୂଆଁ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବାୟୁ ପ୍ରଦୂଷଣ ସୃଷ୍ଟି ହେବା ସହ ସହର ଭିତରେ ଟ୍ରାଫିକ୍ ସମସ୍ୟା ମଧ ଦିନକୁ ଦିନ ଗୁରୁତର ହେଉଥିଲା। ବହୁ ସମୟ ଧରି ଏହି ସ୍ଥାନକୁ ଜବରଦଖଲ ମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଥିଲା। ଯାହା ବୁଧବାର ଦିନ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ପୁଲିସ ଉପସ୍ଥିତିରେ କାର୍ଯ୍ୟକାରୀ କରାଯାଇଥିଲା। ପୂର୍ବରୁ ଡାକବାଜି ମାଧ୍ୟମରେ ଏହି ସ୍ଥାନରୁ ଟ୍ରକ୍ ତଥା ଅନ୍ୟ ସମସ୍ତ ଯାନବାହାନ ଗୁଡ଼ିକୁ ଯଥାଶୀଘ୍ର ହଟାଇବା ପାଇଁ ଘୋଷଣା କରାଯାଇଥିଲା। ଏଥିସହ ସାମାଜିକ ଗଣମାଧ୍ୟମ ଯୋଗେ ସୂଚନା ପ୍ରଦାନ କରାଯାଇଥିଲା। କିନ୍ତୁ କିଛି ଅମାନିଆ ବ୍ୟକ୍ତି ଏହି ନିର୍ଦ୍ଦେଶକୁ ନମାନିବାରୁ ବୁଧବାର ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପାନପୋଷ ସହକାରୀ ଜିଲ୍ଲାପାଳ ଶ୍ରୀଯୁକ୍ତ ବିକାଶ ଭୋଇ, ଡିଏସପି ନିର୍ମଳ ମହାପାତ୍ର, ପାନପୋଷ ଆଞ୍ଚଳିକ ପରିବହନ ଅଧିକାରୀ ବିଭୋର ସାମନ୍ତରାୟ, ରାଉରକେଲା ମହାନଗର ନିଗମର ଏନଫୋର୍ସମେଣ୍ଟ ଟିମ୍ ପ୍ରମୁଖଙ୍କ ଉପସ୍ଥିତିରେ ଏହି ଜବରଦଖଲ ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇଥିଲା। ଆଗକୁ ଯଦି ଏହି ସ୍ଥାନରେ କୌଣସି ଟ୍ରକ୍ କିମ୍ବା ଅନ୍ୟ ଗାଡ଼ି ପାର୍କିଂ କରାଯାଏ ତେବେ ଉକ୍ତ ଗାଡ଼ି ଜବତ କରାଯିବା ସହ ସମ୍ପୃକ୍ତ ମାଲିକଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଜି ଜବରଦଖଲ ଉଚ୍ଛେଦ ସମୟରେ ପ୍ରଶାସନ ତରଫରୁ ଚେତାବନୀ ଦିଆଯାଇଛି। ପାୱାର ହାଉସ୍ ରୋଡ଼ ଠାରେ ଥିବା ଜମି ଜବରଦଖଲ ମୁକ୍ତ ପରେ ଏହା ରାଉରକେଲା ଇସ୍ପାତ କାରଖାନା ଅଧୀନକୁ ଆସିଥିବା ବେଳେ ଏହା ଆଗକୁ ରାଉରକେଲା ସହରବାସୀଙ୍କ ହିତ ଉଦ୍ଦେଶ୍ୟରେ ବ୍ୟବହୃତ ହେବ ବୋଲି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଶ୍ରୀଯୁକ୍ତ ଆଶୁତୋଷ କୁଲକର୍ଣ୍ଣି ସୂଚନା ଦେଇଛନ୍ତି। ଜବରଦଖଲକାରୀଙ୍କ ଅକ୍ତିଆରରେ ଥିବା ଜମି ଗୁଡ଼ିକରୁ ଜବରଦଖଲ ଉଚ୍ଛେଦ କରାଯାଇ ଏହାକୁ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟରେ ବ୍ୟବହାର କରାଯିବ ବୋଲି ସେ କହିଛନ୍ତି। ରାଉରକେଲା ସହରର ବିକାଶକୁ ଶୀର୍ଷରେ ପହଞ୍ଚାଇବା ନିମନ୍ତେ ସରକାରୀ କିମ୍ବା ରାଉରକେଲା ଇସ୍ପାତ କାରଖାନାର ଜମି ଗୁଡ଼ିକରୁ ବେଆଇନ ଜବରଦଖଲ ହଟାଇବା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସହରବାସୀଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଭିନ୍ନକ୍ଷମ ଦିବସ ପାଳନ

ନବରଙ୍ଗପୁର,୦୪/୧୨ (ନି.ପ୍ର): ଭିନ୍ନକ୍ଷମ ଦିବସ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଆଶାକିରଣ (ମାନସିକ ଅନଗ୍ରସର ପିଲାଙ୍କ ନିମନ୍ତେ ଶିକ୍ଷା ଓ ବୈଷୟିକ ତାଲିମ କେନ୍ଦ୍ର) ପରିସରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ଫଳ ଓ ବିସକୁଟ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ସୁବ୍ରତ ମହାନ୍ତି ଯୋଗ ଦେଇଥିଲେ । ଅନ୍ୟାନ୍ୟ ଅତିଥି ଭାବେ ପରିବାର ବିଚାର ବିଭାଗୀୟ ଜର୍ଜ ଶ୍ରୀମତୀ ଲିଲିପ୍ତା ପସାୟତ, ଅତିରିକ୍ତ ଜିଲ୍ଲା ଜର୍ଜ ଶ୍ରୀଯୁକ୍ତ ବିଷ୍ଣୁ ପ୍ରସାଦ ମିଶ୍ର, ଅତିରିକ୍ତ ଜିଲ୍ଲା ଜର୍ଜ (ପୋକସୋ) ଶ୍ରୀଯୁକ୍ତ ବାସୁଦେବ ଆଚାର୍ଯ୍ୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀଯୁକ୍ତ ସୁକାନ୍ତ କିଶୋର ଜେନା, ବରିଷ୍ଠ ଦେବାନୀ ଜର୍ଜ ଶ୍ରୀମତୀ ମୋନିତା ତ୍ରିପାଠୀ, ବରିଷ୍ଠ ଦେବାନୀ ଜର୍ଜ, ନବରଙ୍ଗପୁର (ମହିଳା କୋର୍ଟ) ଶ୍ରୀମତୀ ସୁଦୀପା ପାତ୍ର, ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତୀ ପ୍ରଜ୍ଞା ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକରି ଶ୍ରୀଯୁକ୍ତ ରାଜେଶ କୁମାର ମିଶ୍ର, ଉପ ମୁଖ୍ୟ ଏଲଏଡ଼ିସି, ଶ୍ରୀ ରାଜ କିଶୋର ନାଗ ଓ ଆଶା କିରଣ ସ୍କୁଲର ଅଧକ୍ଷ୍ୟ ଶ୍ରୀଯୁକ୍ତ ଜଗନ୍ନାଥ ବେହେରା ଯୋଗ ଦେଇଥିଲେ ଓ ପିଲାଙ୍କ ସହ ନାଚ ଗୀତ ମାଧ୍ୟମରେ ଭିନ୍ନକ୍ଷମ ଦିବସ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ପରିଚାଳନା କରଯାଇଥିଲା ।

# ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ନବରଙ୍ଗପୁର,୦୪/୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ବ୍ଲକ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି କ୍ଷଏଥିରେ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ଲେମ୍ବୁ ଚାମଚ, ଆଳୁ ଚାମଚ,ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତକାର୍ଯ୍ୟ ହୋଇଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଭଗବାନ ମାଝୀ, ଉପ ବିଭାଗୀୟ ଅଧିକାରୀ ବ୍ରଜେନ୍ଦ୍ର କୁମାର ମିଶ୍ର, କନିଷ୍ଠ ସହାୟକ ଧନଞ୍ଜୟ ବିଶୋଇ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା, ଗୀତାଞ୍ଜଳୀ ବସ୍ତିଆ, ଧନଞ୍ଜୟ ବଡଜେନା, ଗୁପ୍ତେ ପ୍ରସାଦ ନାଗ, ହେମନ୍ତ କୁମାର ପଣ୍ଡା ଓ ହେମେନ୍ଦ୍ର ନାଥ ବେହେରା, ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ରାଇସିଂ ପୂଜାରୀ, ଜଗନ୍ନାଥ ରାଓ, ପ୍ରତାପ ଦାସ, ସତ୍ୟ ନାରାୟଣ ମାହାଳିକ, ରଞ୍ଜିତା ଦାଶ ଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ପଚାଶ ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଗୋଷ୍ଠୀ ସାଧନ କର୍ମୀ (ବି ଆର ଟି)ଛନ୍ଦା ଚରଣ ମେହେର ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ନାଗ ବେଶ୍ ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିଥିଲେ ।

# ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସ

## ମୟୂରଭଞ୍ଜ ର ଉଭୟ ବାଳକ ବାଳିକା ଟିମ ଦ୍ୱିତୀୟ ଦିବସରେ ବିଜୟୀ

ବାରିପଦା ୦୪/୧୨ (ନି.ପ୍ର): ଓଡିଶା ରାଜ୍ୟ ବିଦ୍ୟାଳୟ କ୍ରୀଡା ସଂଗଠନ, ଭୂବନେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବାରିପଦାଠାରେ ଡିସେମ୍ବର ୨ ରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୧୭ ବର୍ଷରୁ କମ ଉଭୟ ବାଳକବାଳିକା ବର୍ଗର ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା - ୨୦୨୪- ୨୫ ର ଦ୍ୱିତୀୟ ଦିବସ ରେ ଛଅ ଗୋଟି ଖେଳ ପଡିଆ ଯଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଷ୍ଟାଡିୟମ ର ୨ଟି ଖେଳପଡିଆ, ଏ. ପି. ଜେ. ଆବଦୁଲ କଲାମ ପଡିଆ, ଷ୍ଟେସନବଜାର ଖେଳପଡିଆ, ଲେଟ କାଟ ଖେଳ ପଡିଆ ଓ ମଧୁବନ ମିନି ଷ୍ଟାଡିୟମ ଠାରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ।



ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡିଶା, ଭୂବେନେଶ୍ୱର ର ସହ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ଜ୍ୟୋତିପ୍ରସାଦ ପରିଡା ଓ ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଉପସ୍ଥିତ ହୋଇ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଆଜି ସକାଳେ ଅନୁଷ୍ଠାନିକ ଭାବେ ନିଜେ ବେଟିଂ କରି ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ । ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଷ୍ଟାଡିୟମର ଏକ ନମ୍ବର ଖେଳ ପଡିଆ ରେ ଅନୁଷ୍ଠିତ ବାଳକ ବିଭାଗ ର ପ୍ରଥମ ମ୍ୟାଚରେ ଖୋର୍ଦ୍ଧା ଟିମ କଳାହାଣ୍ଡି କୁ ପରାସ୍ତ କରିଥଲା । ଦ୍ୱିତୀୟ ମ୍ୟାଚ ରେ ଝାରସୁଗୁଡା ଟିମ କୋରାପୁଟ କୁ ପରାସ୍ତ କରିଥିଲା । ଉକ୍ତ ଷ୍ଟାଡିୟମ ର ଦୁଇ ନମ୍ବର ଖେଳ ପଡିଆରେ ଅନୁଷ୍ଠିତ ବାଳକ ବିଭାଗ ରେ ସୁନ୍ଦରଗଡ଼ ଟିମ କନ୍ଧମାଳ କୁ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ ରେ ସୋନପୁର ଟିମ ଗଞ୍ଜାମ କୁ ପରାସ୍ତ କରିଥିଲା । ତୃତୀୟ ମ୍ୟାଚ ବାଲେଶ୍ୱର ଟିମ ସୁନ୍ଦରଗଡ଼ କୁ ପରାସ୍ତ କରିଥିଲା । ଏ. ପି. ଜେ. ଆବଦୁଲ କଲାମ ପଡିଆର ଅନୁଷ୍ଠିତ ବାଳକ ବିଭାଗ ର ପ୍ରଥମ ମ୍ୟାଚରେ ଅନୁଗୁଳ ଟିମ ମାଲକାନଗିରି କୁ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ ରେ ନବରଙ୍ଗପୁର ଟିମ ଦେବଗଡ଼ କୁ ପରାସ୍ତ କରିଥିଲା । ମଧୁବନ ମିନି ଷ୍ଟାଡିୟମ ରେ ଅନୁଷ୍ଠିତ ବାଳକ ବିଭାଗ ର ପ୍ରଥମ ମ୍ୟାଚ ରେ ଭୁବନେଶ୍ୱର ଟିମ ଯାଜପୁର କୁ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ ରେ ମୟୂରଭଞ୍ଜ ଟିମ ରାୟଗଡା କୁ ପରାସ୍ତ କରିଥିଲା । ଷ୍ଟେସନବଜାର ଖେଳପଡିଆ ରେ ଅନୁଷ୍ଠିତ ବାଳିକା ବିଭାଗ ରେ ପ୍ରଥମ ମ୍ୟାଚ ମୟୂରଭଞ୍ଜ ଟିମ ଗଞ୍ଜାମ କୁ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ ରେ କେନ୍ଦୁଝର ଟିମ ନୂଆପଡା କୁ ପରାସ୍ତ କରିଥିଲା କ୍ଷ ତୃତୀୟ ମ୍ୟାଚରେ ଜଗତସିଂହପୁର ଟିମ ସମ୍ବଲପୁର କୁ ପରାସ୍ତ କରିଥିଲା । ଚତୁର୍ଥ ମ୍ୟାଚ ରେ କଟକ ଟିମ ନବରଙ୍ଗପୁର କୁ ପରାସ୍ତ କରିଥିଲା । ଲେଟ କ୍ୟାଟ ଖେଳପଡିଆ ରେ ଅନୁଷ୍ଠିତ ବାଳିକା ବିଭାଗ ର ପ୍ରଥମ ମ୍ୟାଚ ରେ ଢେଙ୍କାନାଳ ଟିମ ନୟାଗଡ କୁ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ ରେ ବଲାଙ୍ଗୀର ଟିମ ଭଦ୍ରକ କୁ ପରାସ୍ତ କରିଥିଲା ।

# ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ଜଳେଶ୍ୱର,୦୪/୧୨ (ନି.ପ୍ର): ମଙ୍ଗଳବାର ପୂର୍ବାହ୍ନରେ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ,ଜଳେଶ୍ୱର ତାଲୁକ ଆଇନ ସେବା ସମିତି,ଲାଓନ୍ସ କ୍ଲବ ଜଳେଶ୍ୱର, ରୋଟାରୀ କ୍ଲବ ସୁବର୍ଣ୍ଣରେଖା ରାଇବଣିଆ, ଇନର ହ୍ୟୁଇଲ କ୍ଲବ ସୁବର୍ଣ୍ଣରେଖା ରାଇବଣିଆ ସହଯୋଗରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଅଛି । ଆୟୋଜିତ ସଭାରେ ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜର ସଭାପତି ଶ୍ରୀଯୁକ୍ତ ବିଷ୍ଣୁପଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷା ବରିଷ୍ଠ ଦେୱାନୀ ଜଜ୍ ଶ୍ରୀମତି ନିଶା ସାମଲ,ମୁଖ୍ୟ ବକ୍ତା ଭାବେ ଜେଏମ ଏଫ୍ ସି ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ଯୋଗଦେଇ ଦିବସର ଆଭିମୁଖ୍ୟ ଏବଂ ଦିବ୍ୟଙ୍ଗ ମାନଂକ ପାଇଁ ଆଇନର ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସାଧାରଣ ସଂପାଦକ, ନିର୍ଦ୍ଦେଶକ ଯୁଗଳ କିଶୋର ପ୍ରଧାନ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ । ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ ଅତିଥି ମାନଙ୍କର ପରିଚୟ ସ୍ୱାଗତ ଅଭିଭାଷଣ ବାର୍ଷିକ ଇତିବୃତି ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଚିନ୍ମୟ କୁମାର ଦାସ, ଜଳେଶ୍ୱର ଓକିଲ ସଂଘର ସଭାପତି କୁଞ୍ଜବିହାରୀ ଦାସ ,ତାଲୁକ ଆଇନ ସେବା ସମିତିର ସଦସ୍ୟ ଆଡଭକେଟ ସୁନୀଲ କୁମାର ଜେନା ପ୍ରମୁଖ ଦିବ୍ୟାଙ୍ଗ ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଉପସ୍ଥିତ ବ୍ୟକ୍ତି ବିଶେଷ ଙ୍କ ମଧ୍ୟରେ ଦିଲ୍ଲୀପ କୁମାର ଗିରି, ଡ଼ଃ ଇଶ୍ୱର ଚନ୍ଦ୍ର ଜେନା, ସୁନୀଲ କୁମାର ଗିରି, ସୁନୀଲ କୁମାର ନାୟକ, ସମରେଶ ଡିଣ୍ଡା,ଗିରିଜା ଶଙ୍କର ଦାସ,ଶେଖ ସବିର, ପୂର୍ଣ୍ଣଚନ୍ଦ୍ର ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅଶୋକ ଦାସ ମଞ୍ଚ ଆହ୍ୱାନ କରିଥିଲାବେଳେ କପିଳେଶ୍ୱର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଲାୟନସ କ୍ଲବ ଜଳେଶ୍ୱର ପକ୍ଷରୁ ସମସ୍ତ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ଏବଂ ରୋଟାରୀ କ୍ଲବ ସୁବର୍ଣ୍ଣରେଖା ରାଇବଣିଆ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା । ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଅନ୍ତେବାସୀ ମାନଙ୍କୁ ସୁସ୍ୱାଦୁ ଜଳଖିଆ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପରିଚାରକ, ତତ୍ତ୍ୱାବଧାରକ ସହଯୋଗ କରିଥିଲେ ।

# ପ୍ରଦୋଷ ପରିଡ଼ାଙ୍କ ଏକାଦଶାହ ରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ

ଜଳେଶ୍ୱର,୦୪/୧୨ (ନି.ପ୍ର):ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ସ୍ଥିତ ଜମାଲପୁର ଗ୍ରାମର ବିଶିଷ୍ଟ ସଂଗଠକ, ସୁଦକ୍ଷ ଖେଳାଳି ଓ ନିଖୁଣ ଅଭିନେତା ସ୍ୱର୍ଗତ ପ୍ରଦୋଷ ଚନ୍ଦ୍ର ପରିଡ଼ା(ଖୁକାଦା)ଙ୍କ ୭୦ ବର୍ଷ ବୟସରେ ଗତ ନଭେମ୍ବର ୨୩ ତାରିଖ ଶନିବାର ମୃତ୍ୟୁ ବରଣ କରିଥିଲେ । ମଙ୍ଗଳବାର ତାଙ୍କ, ଏକାଦଶାହ କ୍ରିୟା ଉପଲକ୍ଷେ ପରିବାର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ନିଜ ବାସଗୃହରେ ଅନୁଷ୍ଠିତ ହୋଇଥିଲା ।ଉକ୍ତ ସଭାରେ ପୂର୍ବତନ ବିଧାୟକ ଦେବୀ ପ୍ରଶନ୍ନ ଚାନ୍ଦ, ପ୍ରାକ୍ତନ ଶିକ୍ଷକ ନେତା ଖଗେନ୍ଦ୍ର ନାଥ ସାହୁ, ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ସାହୁ, ରାଜୀବ କୁମାର ପରିଡା, ରାଧାଶ୍ୟାମ ନାଥ, ମଧୁସୂଦନ ସେନାପତି ଓ ଅଶୋକ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପରିଡ଼ାଙ୍କ ଆତ୍ମାର ସଦଗତି କାମନା କରିବା ସହ ସେ ଜଣେ ସୁଦକ୍ଷ ଫୁଟବଲ ଖେଳାଳୀ ହେବା ସହିତ ନିପୁଣ ଅଭିନୟ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ ।ପଞ୍ଚାୟତର ପ୍ରାକ୍ତନ କଂଗ୍ରେସ ସଭାପତି ଭାବେ ତୃଣମୂଳ ସ୍ତରରୁ ଦଳକୁ ସଂଗଠିତ କରି ମଜବୁତ କରିପାରିଥିଲେ ।ସେ କେବଳ ଖେଳାଳୀ ଅଭିନେତା ନଥିଲେ, ସେ ଜଣେ ସରଳ ପ୍ରକୃତିର ମଣିଷ ସହିତ ଜଣେ ମିଷ୍ଟଭାଷୀ ମଣିଷ ଥିଲେ ବୋଲି ଉପସ୍ଥିତ ଅତିଥି ମାନେ ବକ୍ତବ୍ୟ ପ୍ରଦାନ ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସଭାରେ ପରିବାର ବର୍ଗ , ବନ୍ଧୁ ବାନ୍ଧବ ଓ ଗ୍ରାମବାସୀ ମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ମଣ୍ଡେଇ ମହୋତ୍ସବ ୨୦୨୪ ଉପଲକ୍ଷେ କ୍ରିକେଟ ( ପୁରୁଷ) ଏବଂ ଦଉଡ଼ି ଟଣା (ମହିଳା) ପ୍ରତିଯୋଗିତା ଅନୁଷ୍ଠିତ

ନବରଙ୍ଗପୁର;୦୪/୧୨ (ନି.ପ୍ର): ମଣ୍ଡେଇ ମହୋତ୍ସବ ୨୦୨୪ ଉପଲକ୍ଷେ ସ୍ଥାନୀୟ ନବରଙ୍ଗପୁର ଷ୍ଟାଡିୟମ୍ ଠାରେ ମଣ୍ଡେଇ କପ କ୍ରିକେଟ ( ପୁରୁଷ) ଓ ଦଉଡ଼ି ଟଣା ( ମହିଳା) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଡ ଶୁଭଂକର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ରିକେଟ ଏବଂ ଦଉଡ଼ି ଟଣା ପ୍ରତିଯୋଗିତା କୁ ଉଦ୍ ଘାଟନ କରିଥିଲେ । ସମ୍ମାନୀତ ଅତିଥି ରୂପେ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ନବୀନ ଚନ୍ଦ୍ର ନାୟକ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ ମିଶ୍ର ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପି ଏ, ଆଇଟିଡିଏ ରାଜୀବ ସାହୁ, ଡି ଏଫ୍ ଓ (ଟି) ପ୍ରସନ୍ନ କୁମାର ବେହେରା,ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା, ବି ଡି ଓ ତେନ୍ତୁଳିଖୁଣ୍ଟି ମନୋଜ ପାଣିଗ୍ରାହୀ ପ୍ରମୁଖ



ଉପସ୍ଥିତ ଥିଲେ ।ମଣ୍ଡେଇ କପ୍ କ୍ରିକେଟ ଟୁର୍ଣାମେଣ୍ଟ ପ୍ରଥମ ଦିନରେ ଜିଲ୍ଲା ପୋଲିସ ଟିମ୍ ଏବଂ ଜିଲ୍ଲା ବନବିଭାଗ ଟିମ୍, ରାଜନୈତିକ ଦଳ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗ,ଜିଲ୍ଲା ଓକିଲ ସଂଘ ଏବଂ ଜିଲ୍ଲା ସାମ୍ବାଦିକ ସଂଘ ମଧ୍ୟରେ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ସେଭଳି ଦଉଡ଼ି ଟଣା (ମହିଳା) ପ୍ରତିଯୋଗିତାରେ ଜିଲ୍ଲା ପୋଲିସ ଟିମ୍ ଏବଂ ଜିଲ୍ଲା ବନ ବିଭାଗ ଟିମ୍,ଜିଲ୍ଲା ଓକିଲ ସଂଘ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଓ ଏଲ ଏମ୍ ଏବଂ ଜିଲ୍ଲା ଶିକ୍ଷା ବିଭାଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଆଜିର ସୀମିତ ୧୦ ଓଭର କ୍ରିକେଟ ପ୍ରତିଯୋଗିତା ରେ ଜିଲ୍ଲା ପୋଲିସ ଟିମ୍,ଜିଲ୍ଲା ସ୍ୱାସ୍ଥ୍ୟ ଓ ଶିକ୍ଷଣ ବିଭାଗ ଓ ଜିଲ୍ଲା ଓକିଲ ସଂଘ ବିଜେତା ଘୋଷିତ ହୋଇଥିଲେ । ସେଭଳି ଦଉଡ଼ି ଟଣା (ମହିଳା) ପ୍ରତିଯୋଗିତାରେ ଜିଲ୍ଲା ପୋଲିସ ଟିମ୍,ଜିଲ୍ଲା ଶିକ୍ଷା ବିଭାଗ ଟିମ୍ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ବିଜେତା ଘୋଷିତ ହୋଇଥିଲେ ।ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ଉପ ସଭାପତି ଜି ବାଳକୃଷ୍ଣ ରାଓ,ସହକାରୀ ସଂପାଦକ ମନୋଜ ପଟ୍ଟନାୟକ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ରେଫରି ଅଶ୍ୱିନ କୁମାର ମାଝୀ, ଡି ପି ଇ ଓ ପ୍ରଭାତ ପଟ୍ଟନାୟକ କ୍ରୀଡ଼ା ପରିଚାଳନା କରିଥିଲେ ।

# ନବରଙ୍ଗପୁର ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ୨୦୨୪ ପାଳନ

ନବରଙ୍ଗପୁର,୦୪/୧୨ (ନି.ପ୍ର): ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ତରଫରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ -୨୦୨୪ ପାଳନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ ଯୋଗ ଦେଇ ଭିନ୍ନକ୍ଷମ ଆଜି ଅକ୍ଷମ ନୁହନ୍ତି ବରଂ ବହୁ ଗୁଣରେ ବିଭିନ୍ନ କ୍ଷେତ୍ରରେ ସକ୍ଷମ ବୋଲି କହିଥିଲେ । ଅନ୍ୟତମ ସମ୍ମାନୀୟ ଅତିଥି ରୂପରେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ,ଅତିରିକ୍ତ ପୋଲିସ ଅଧିକାରୀ ବଟକୃଷ୍ଣ ମିଶ୍ର, ନବରଙ୍ଗପୁର ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ସମରେଶ ମହାନ୍ତି, ଜିଲ୍ଲା ଭିନ୍ନକ୍ଷମ ସଂଘ ସଂପାଦକ ସୁଜିତ୍ ରଥ, ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ବିଭୁଦତ୍ତ ସେଠୀ ସହିତ ଅତୀତ ରେ ଥିବା ଜିଲ୍ଲାର ସମସ୍ତ ଅବସରପ୍ରାପ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସହିତ ବର୍ତ୍ତମାନ କାର୍ଯ୍ୟରତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଯୋଗ ଦେଇଥିଲେ । ମା ଭଣ୍ଡାର ଘରଣୀ ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଭିନ୍ନକ୍ଷମ ମାନଙ୍କ ସଚେତନ ବାର୍ତ୍ତା ଦେଇ ସାଇ କଲ୍ୟାଣମଣ୍ଡପ ଠାରେ ପହଞ୍ଚିଥିଲେ । ଉକ୍ତ ଶୋଭାଯାତ୍ରା କୁ ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା ଓ ଡି ଏସ ଏସ ଓ ସୁଧାଂଶୁ ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଗୀତି ,ନାଚ ଖେଳ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ବ୍ଲକ୍ ସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ପ୍ରଥମ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀ ଙ୍କୁ ମାନପତ୍ର ସହିତ ଆର୍ଥିକ ପ୍ରୋତ୍ସାହନ ଦିଆ ଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅଫିସ ରୁ ସମସ୍ତ କର୍ମଚାରୀ ସହିତ ବିଭିନ୍ନ ଅନୁଷ୍ଠାନ ତଥା ଆଶା କିରଣ ,, ନବରଙ୍ଗପୁର, ମା ବସ୍ତାଣି ସ୍ୱତନ୍ତ୍ର ବିଦ୍ୟାଳୟ ଉମରକୋଟ ରୁ ସମସ୍ତ ଛାତ୍ର ଛାତ୍ରୀ ଯୋଗଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମ କୁ ଆଶା କିରଣ ବିଦ୍ୟାଳୟ ର ପ୍ରିନସିପାଲ ଶ୍ରୀ ଜଗନ୍ନାଥ ବେହେରା ପରିଚାଳନା କରିଥିଲେ । ଶେଷରେ ପ୍ରାକ୍ତନ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନଗେନ୍ଦ୍ର ପଟନାୟକ ,ଧନ୍ୟବାଦ୍ ଦେଇ ସଭାସାଙ୍ଗ କରିଥିଲେ ।



# ବଡ଼ସାହି ବ୍ଲକ୍ ସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳିତ



ବଡ଼ସାହି,ତା:୦୪/୧୨ (ନି.ପ୍ର): ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡ଼ସାହି ପରିସର ମଧ୍ୟରେ ବଡ଼ସାହି ବ୍ଲକ୍ ସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ବଡ଼ସାହି ଆୟୋଜନ ଓ ସଂଗଠନରେ ଅନୁଷ୍ଠିତ ହୋଇଅଛି । ବଡ଼ସାହି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବ୍ୟାଙ୍ଗମାନଙ୍କ ପାଇଁ ଉତ୍ସର୍ଗୀକୃତ ଏହି ଲୋକହିତକର କାର୍ଯ୍ୟକ୍ରମରେ ବଡ଼ସାହି ପଞ୍ଚାୟତ ସମିତିର ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ ମୁଖ୍ୟ ଅତିଥି ରୂପେ, ବଡ଼ସାହି ତହସିଲର ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ ମୁଖ୍ୟ ବକ୍ତା ରୂପେ, ସମ୍ମାନିତ ଅତିଥି ରୂପେ ଏବିଇଓ ତଥା ବି ଆର୍ ସି ସି ପଦ୍ମଲୋଚନ ଦାସ,ଏବିଇଓ ରାଧିଆ ଚରଣ ମୁଣ୍ଡା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ଦେବୀପ୍ରତିମା ଜେନା, ସି ଆର୍ ସି ସି ସନକ କୁମାର ଘୋଷ ଯୋଗ ଦେଇ ଉପସ୍ଥିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ତଥା ତାଙ୍କର ପିତାମାତାଙ୍କୁ ବିଭିନ୍ନ ପ୍ରେରଣାତ୍ମକ ଉପଦେଶ ଓ ପରାମର୍ଶ ପ୍ରଦାନ କରିଥିଲେ । ଦିବ୍ୟାଙ୍ଗମାନଙ୍କ ପାଇଁ ବ୍ଲକ୍ ସ୍ତରରେ ନିୟୋଜିତ ସାଧନ କର୍ମୀ ନିଶାକର ପରିଡ଼ା,ବାସନ୍ତୀଲତା ନାୟକ ତଥା ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ତପନ କୁମାର ଉପାଧ୍ୟାୟ ଓ ସର୍ବେଶ୍ୱର ପରିଡ଼ା ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ସି ଆର୍ ସି ସି ସଞ୍ଜୟ କୁମାର ପାତ୍ର ଦିବସର ମହତ୍ତ୍ୱ ଓ ମହତ ଉଦ୍ଦେଶ୍ୟ ରକ୍ଷା ପାଇଁ ସଭିଙ୍କୁ ଶପଥ ପାଠ କରାଇଥିଲେ । ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବଡସାହିର ପ୍ରଧାନ ଶିକ୍ଷୟିତ୍ରୀ ସୁରେଖା ଦଣ୍ଡପାଟ କାର୍ଯ୍ୟକ୍ରମର ଆୟୋଜନ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ । ଏଥିପାଇଁ ନିୟୋଜିତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ତାଙ୍କ ଉପରେ ନ୍ୟସ୍ତ ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ୮୦ଜଣ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ଓ ୮୦ ଜଣ ପିତାମାତା ଏରୂପେ ମୋଟ ୧୬୦ ଜଣ ଯୋଗ ଦେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପିଲାମାନଙ୍କ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ,ମ୍ୟୁଜିକ୍ ଚେୟାର,ଜିଲାପି ଡିଆଁ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା।୧ମ,୨ୟ,୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ,ପ୍ରତିଯୋଗିନୀମାନଙ୍କୁ ପୁରସ୍କୃତ କରାଯିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ପ୍ରେରଣାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ମା ରମାଦେବୀଙ୍କ ୧୨୫ ତମ ଜୟନ୍ତୀ ପାଳିତ

ବାରିପଦା ତା ୪/୧୨/୨୪ ଆଜି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଅଗ୍ରଣୀ ନାରୀନେତ୍ରୀ ମା ରମାଦେବୀଙ୍କ ୧୨୫ ତମ ଜୟନ୍ତୀ ଓଡ଼ିଶା ହରିଜନ ସେବକ ସଂଘ, ସର୍ବୋଦୟ ମଣ୍ଡଳ, ବିନୋବା ସ୍ମାରକ ଟ୍ରଷ୍ଟ ପକ୍ଷରୁ ବାରିପଦା ଭଂଜପୁର ସର୍ବୋଦୟ ଆଶ୍ରମରେ ପାଳିତ ହୋଇ ଯାଇଛି. ଏହି ଜୟନ୍ତୀ ଉତ୍ସବରେ ସମାଜସେବୀ ବିରଜା ଦେବୀ, ଶରତ ଚନ୍ଦ୍ର ନାୟକ, ଆର୍ଯ୍ୟଭଟ୍ଟ ମହାନ୍ତି, ସାମ୍ବାଦିକ ଦୀପକ କୁମାର ନାୟକ, ଦିଲ୍ଲୀପ ପାତ୍ର, ସୟେଦ ସିରାଜୁଦ୍ଦିନ, ସସ୍ମିତା ପ୍ରିୟଦର୍ଶିନୀ, ସରୋଜିନୀ ମହାନ୍ତି, ସୌର୍ଯ୍ୟ ସମଦର୍ଶୀ ମହାନ୍ତି, ଜ୍ୟୋତିର୍ଜୀବ ସେଠୀ, ଶଙ୍କର ବେହେରା ପ୍ରମୁଖ ଯୋଗଦେଇ ସର୍ବ ଧର୍ମ ପ୍ରାର୍ଥନାରେ ସାମିଲ ହେବା ସହ ମା ରମାଦେବୀଙ୍କ ତ୍ୟାଗପୁତ ଜୀବନାଦର୍ଶ ବିଷୟରେ ସ୍ମୃତି ଚାରଣ କରିଥିଲେ ।



# ପୁରାତନ ଛାତ୍ରଛାତ୍ରୀଙ୍କ ମିଳିତ ଉଦ୍ୟମରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

କେନ୍ଦ୍ରାପଡ଼ା ତା ୦୪/୧୨ : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଉଚ୍ଚ ବିଦ୍ୟାଳୟର ୧୯୯୯ ବ୍ୟାଚ ଛାତ୍ରଛାତ୍ରୀଙ୍କ ମିଳିତ ଉଦ୍ୟମରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ବରିଷ୍ଠ ସମାଜସେବୀ ଲକ୍ଷ୍ମୀ ଦେଇ ଉଦ୍ଘାଟନ କରିଥିଲେ । ଦନ୍ତ , ଚକ୍ଷୁ , ମେଡିସିନ ବିଭାଗର ବରିଷ୍ଠ ଡାକ୍ତରମାନେ ରୋଗୀଙ୍କୁ ଚିକିତ୍ସା ଯୋଗାଇଦେଇଥିଲେ । ମାଗଣା ରକ୍ତ ପରୀକ୍ଷା ସହିତ ଔଷଧ ବିତରଣ କରାଯାଇଥିଲ । ବିଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ଶିବିର ଆୟୋଜିତ ହେବାଦ୍ୱାରା ଶହଶହ ରୋଗୀ ମାଗଣା ଚିକିତ୍ସା ପାଉଛନ୍ତି , ଏଣୁ ସ୍ଥାନୀୟ



ବୁଦ୍ଧିଜୀବୀମାନେ ଏହି ମହତ କାର୍ଯ୍ୟକୁ ପ୍ରଶଂସା କରୁଛନ୍ତି । ଅନ୍ୟପକ୍ଷ୍ୟ ଉକ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ଇନ୍ଦୁପୁର ପ୍ରାଥମିକ ବିଦ୍ୟାଳୟ ପରିସରକୁ ସଫେଇ କରାଯାଇଛି । ଦନ୍ତ ବିଭାଗରେ ୧୦୩, ମେଡ଼ିସିନରେ ୧୬୫, ଚକ୍ଷୁରେ ୮୯ ତଥା ମୋଟ ୩୧୭ ରୋଗୀ ଚିକିତ୍ସା ପାଇଛନ୍ତି । ଉକ୍ତ ଶିବିରରେ ବରିଷ୍ଠ ଚିକିତ୍ସକ ଡ଼. ଶାନ୍ତିଲତା ଶର୍ମା ( ମେଡ଼ିସିନ ), ଡ଼.ସୌଭାଗ୍ୟ ରଞ୍ଜନ କର ( ଦନ୍ତ ), ଆହାନ ଚକ୍ଷୁ ହସ୍ପିଟାଲ ଟିମ ଓ ରକ୍ତ ପରୀକ୍ଷା ପାଇଁ ବିପି ଲ୍ୟାବ ଟିମ ଉପସ୍ଥିତ ରହି ସେବା ଯୋଗାଇଥିଲେ । ସଂଗଠନ ପକ୍ଷରୁ ଡାକ୍ତର ମାନଙ୍କୁ ଉପହାର ସହିତ କୃତଜ୍ଞତା ଜ୍ଞାପନ କରିଯାଇଥିଲା । ପୁରାତନ ଛାତ୍ରଛାତ୍ରୀ ତଥା ରତ୍ନାକର ବେହେରା, ରତ୍ନାକର ସ୍ୱାଇଁ, ମାନସ ରଣା, ବସନ୍ତ ରଣା, ମିର୍ଜା ଅନ୍ୱର ବେଗ, ରୋଷନ ବେଗ, ପ୍ରଫୁଲ୍ଲ ମଲ୍ଲିକ, ଅଜୟ ମଲ୍ଲିକ, ତ୍ରିଲୋଚନ ପରମାଣିକ, ସରୋଜ ପରମାଣିକ, ପ୍ରଭାତ ବେହେରା, ଅନନ୍ତ ବେହେରା, ସୁଶାନ୍ତ ରାଉତ, ପାପୁନି ନାୟକ,କଲ୍ୟାଣ ଜଗଦେବ, ଶ୍ରୀଚରଣ କୁଣ୍ଡ, ସୁବ୍ରତ ସାହୁ, ଜ୍ଞାନ ରଞ୍ଜନ ପତି, ବାସୁଦେବ ମଳିକ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ, ୧୯୯୯ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଯାଇଅଛି ।

# ମହିଳା ସୁରକ୍ଷା ଓ ଘରୋଇ ହିଂସା ନିରାକରଣ ଏବଂ ଲିଙ୍ଗ ଭିତ୍ତିକ ସଚେତନତା ପକ୍ଷ ପାଳନ

କେନ୍ଦ୍ରାପଡ଼ା, ତା ୦୪/୧୨ : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ମହିଳା ସୁରକ୍ଷା ଓ ଘରୋଇ ହିଂସା ନିରାକରଣ ଏବଂ ଲିଙ୍ଗ ଭିତ୍ତିକ ସଚେତନତା ପକ୍ଷ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ପ୍ରମୋଦ କୁମାର ପ୍ରହରାଜ ସଭାରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ । ଏହି ସଭାରେ ଡ଼ କିଶୋର ମିଶ୍ର(ଓମସା, ସଭାପତି),ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ସଚ୍ଚିଦାନନ୍ଦ ମିଶ୍ର,ପ୍ରଶାସନିକା ଅଧିକାରିଣୀ ଆଦ୍ୟସା ରଥ,ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ,ଜିଲ୍ଲା ମିଶନଶକ୍ତି କାର୍ଯ୍ୟ ପରିଚାଳିକା ଆରତୀ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ସ୍ୱର୍ଣ୍ଣଲତା ମହାପାତ୍ର,ଜିଲ୍ଲା କାର୍ଯ୍ୟ ପରିଚାଳିକା ଗୀତାଞ୍ଜଳି ଦାସ,ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ମିନତୀ ମହାପାତ୍ର,ପ୍ରଶାନ୍ତ ପାଢ଼ୀ(ଡି ପି ଏମ,ଓ ଏଲ ଏମ)ଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ମେଡିକାଲ ଅଧିକାରୀ ଉପସ୍ଥିତ ଥିଲେ ।

# ବାଂଲାଦେଶ ରେ ହିନ୍ଦୁଙ୍କୁ ଅତ୍ୟାଚାର ଓ ମନ୍ଦିର ଭଙ୍ଗା କୁ ତିବ୍ର ନିନ୍ଦା

ଜଳେଶ୍ୱର,୦୪/୧୨ (ନି.ପ୍ର): ବାଂଲାଦେଶରେ ସରକାର ପତନ ପରେ ସେଠାରେ ବାରମ୍ବାର ହିନ୍ଦୁ ମନ୍ଦିର ଭାଂଗିବା ଓ ହିନ୍ଦୁମାନଙ୍କୁ ବିଭିନ୍ନ ଅତ୍ୟାଚାର କରାଯାଉଥିବା ପ୍ରତିବାଦରେ ଆଜି ଇସ୍କନ ପକ୍ଷରୁ ମଂଗଳ ମନ୍ଦିର ଠାରୁ କାଳୀମନ୍ଦିର ଯାଏ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ପ୍ରତିବାଦ କରାଯାଇଛି । ବ୍ୟାପକ ଜନ ସଚେତନତା ସହିତ ଆନ୍ତରାଷ୍ଟ୍ରିୟ ଚାପ ସୃଷ୍ଟି ଲାଗି ସବୁ ବର୍ଗରୁ ପ୍ରୟାସ ହେବା ଲାଗି ଆହ୍ୱାନ ମଧ୍ୟ କରାଯାଇଛି । ବାଂଲାଦେଶ ଭାରତର ବଂଧୁ ରାଷ୍ଟ୍ର ଥିବା ବେଳେ ହଠାତ୍ ସେଠାରେ ସରକାର ପରିବର୍ତ୍ତନ ହେବା ପରେ ହିନ୍ଦୁ ମାନଙ୍କୁ ବିଭିନ୍ନ ଉପାୟରେ ଅତ୍ୟାଚାର ଓ ମନ୍ଦିର ଗୁଡ଼ିକୁ ଭଂଗା ରୋଜା କରିବା ଫଳରେ ହିନ୍ଦୁ ମାନଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି ହେଉଛି । ବରଂ ବିଶ୍ୱ ଭାତୃତ୍ୱ ଓ ମୈତ୍ରୀ ଲାଗି ସମସ୍ତେ ଧାର୍ମିକ ଚେତନତାରେ କାର୍ଯ୍ୟ କରିବା ପାଇଁ ଏଠାରେ ଇସ୍କନ ପକ୍ଷରୁ ଏକ ଧାର୍ମିକ ପଦାଯାତ୍ରା ଆରମ୍ଭ ହୋଇଛି । ହେମ ହରିପଦ ବ୍ରହ୍ମଚାରୀ, ଚନ୍ଦନ ଦାସ, ବିଶ୍ୱବିନୋଦ ଭଂଜ, ସୁବ୍ରତ ବେରା, ବନବିହାରୀ ପାଳ, ସତ୍ୟନାରାୟଣ ପାତ୍ର, ଲକ୍ଷ୍ମଣ ଜେନା, ଗୋଦାବରୀଶ ପ୍ରଧାନ,ସମୀର ପାତ୍ର, ଫାଲଗୁନ ପାଣିଗ୍ରାହୀ,ଶ୍ୟାମପ୍ରିୟା ଦାସ, ଜ୍ୟୋତ୍ସ୍ନା ପ୍ରଧାନ, ଦିଲ୍ଲିପ ମାହନ୍ତ, ମାନସ ପ୍ରଧାନଙ୍କ ନେତୃତ୍ୱରେ ହିନ୍ଦୁଙ୍କୁ ଅତ୍ୟାଚାର ଓ ମନ୍ଦିର ଭଂଗା ପ୍ରତିବାଦରେ ପଦଯାତ୍ରା ବାହାରିଥିଲା ।

# ସଂପାଦକୀୟ

## ଓଡ଼ିଶାରେ ରେଳବିଭାଗ

ଓଡ଼ିଶାରେ ରେଳପଥର ବିକାଶ ପାଇଁ କେନ୍ଦ୍ର ସରକାର ବଜେଟରେ ବ୍ୟବସ୍ଥା କରିଛନ୍ତି। ବିଭିନ୍ନ ପ୍ରକଳ୍ପ ପାଇଁ ୬୯୯୫.୫୮ କୋଟି ଟଙ୍କା ରଖିଛନ୍ତି। ରାଜ୍ୟ ସରକାର ୭ ହଜାର ଦୁଇଶହ କୋଟି ବରାଦ କରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ୬୯୯୫.୫୮ କୋଟି ବ୍ୟୟବରାଦ କିଛି କମ୍ ନୁହେଁ, ପୂର୍ବରୁ କେବେ ଏତେ ଅର୍ଥ ରେଳବାଇ ବିକାଶ ପାଇଁ ଦିଆଯାଇନଥିଲା। ଯେକୌଣସି ବର୍ଷରେ କୌଣସି ପ୍ରକଳ୍ପ ପାଇଁ ବ୍ୟୟ ବରାଦ କଲାବେଳେ ସରକାର ବଜେଟ ବ୍ୟବସ୍ଥା ଅନୁସାରେ ବ୍ୟୟବରାଦ କରିଥାଆନ୍ତି। ଅନେକ କ୍ଷେତ୍ରରେ ସେହି ଅର୍ଥ ବର୍ଷକ ମଧ୍ୟରେ ବ୍ୟୟ କରିବା ଦିଗରେ ଅନେକ ଅସୁବିଧା ସୃଷ୍ଟି ହୁଏ। ଲୋକମାନେ ଠାଏ ଠାଏ ବିରୋଧ ବି କରନ୍ତି। କିନ୍ତୁ ଓଡ଼ିଶାକୁ ମଣ୍ଡଳ କମିଶନ ଉଠି ଆସିବା ପରେ ରେଳବାଇ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ନିୟମିତ ଆଲୋଚନା ଓ ସମୀକ୍ଷା କରାଯାଉଛି। ଫଳରେ ଜମି ଅଧିଗ୍ରହଣ ହେଉ ବା ରେଳବାଇର ଅନ୍ୟ କିଛି ଅସୁବିଧା ଥାଉ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଦ୍ୱାରା ଏହାର ସମାଧାନ କରିବା ବ୍ୟବସ୍ଥା ରହିଛି। କିନ୍ତୁ ଏହା ସତ୍ୱେ କେତେଗୁଡ଼ିଏ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦିଗରେ ଉଭୟ ପକ୍ଷରୁ କିଛି ଅସୁବିଧା ଦେଖାଯାଇଥିବାରୁ ଏବଂ କେନ୍ଦ୍ର ସରକାର ଯେତିକି ଅର୍ଥ ସେହି ବର୍ଷ ପାଇଁ ଦବା କଥା ସେତିକି ନ ଦେବାରୁ ବା ସେହି ଅର୍ଥ ନ ମିଳିବାରୁ ବା ଜମି ଅଧିଗ୍ରହଣ କରିବାରେ ବିଳମ୍ୱ ହେବାରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହବାରେ ବିଳମ୍ୱ ହୁଏ। କିନ୍ତୁ ମୋଟାମୋଟି ଭାବେ କୁହାଯାଇପାରେ ଯେ, ଓଡ଼ିଶା ସରକାର ରେଳ ବିକାଶ ପାଇଁ ବ୍ୟଗ୍ର ଏବଂ ନିଜ ପକ୍ଷରୁ ମଧ୍ୟ ପ୍ରକଳ୍ପ ପାଇଁ ଅର୍ଥ ଦାନ କରିଥାଆନ୍ତି। କିନ୍ତୁ କେତୋଟି କ୍ଷେତ୍ରରେ ରେଳବାଇ ଅର୍ଥ ବ୍ୟବସ୍ଥା କରିବାରେ ଏବଂ ଅନ୍ୟ କାରଣରୁ ଆବଶ୍ୟକ ଅର୍ଥ ଯୋଗାଇ ଦେବାରେ ବିଳମ୍ୱ କରିବାରୁ ଜଖପୁରା, ଦୈତାରୀ, ବଡ଼ବିଲ ରେଳପଥ ନିର୍ମାଣ କରିବା ପାଇଁ ୧୫ ବର୍ଷ ଲାଗିଗଲା। ସେହିପରି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ୨୫ ବର୍ଷ ପୂର୍ବେ ମଂଜୁର ହୋଇଥିଲେ ମଧ୍ୟ ତାହା ଏତେ ଧିମେଇ ଧିମେଇ ଚାଲିଛି ଯେ, ପ୍ରକଳ୍ପ କେବେ ସମ୍ପୂର୍ଣ୍ଣ ହେବ ତାହା ଅନିଶ୍ଚିତ। ଏହି ପ୍ରକଳ୍ପରେ ଆଉ କେତୋଟି ପଛୁଆ ଜିଲାକୁ ସଂଯୁକ୍ତ କଲେ ସାମାଜିକ ଓ ଅର୍ଥନୈତିକ ବିକାଶ ଦ୍ରୁତତର ହେବ ବୋଲି ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ସୁଖର ବିଷୟ ଯେ, ହଜାର କୋଟି ଟଙ୍କା ଏଥିପାଇଁ ଆବଶ୍ୟକ ହେଉଥିବାବେଳେ ଏଥର ମାତ୍ର ୨୧ କୋଟି ଟଙ୍କା ଦିଆଯାଇଛି। ସେହିପରି ବିଭିନ୍ନ କାରଣରୁ କେନ୍ଦ୍ର ସରକାର ପ୍ରସ୍ତାବିତ ତାଳଚେର, ବିମଳାଗଡ, ହରିଦାସପୁର, ପାରାଦୀପ, ଜୟପୁର, ମାଲକାନଗିରି, ଅନୁଗୋଳ ରେଳପଥ ବର୍ଷ ବର୍ଷ ଧରି ଅଟକି ରହିଛି। ବିଜେପି ସରକାର କ୍ଷମତାକୁ ଆସିବା ପରେ ବ୍ୟବରାଦ ଅଧିକ ହୋଇଛି ସତ, କିନ୍ତୁ କେନ୍ଦ୍ର ସରକାର ଯଦିଏହି ବର୍ଷ ପରି ଆଗାମୀ ତିନି ଚାରି ବର୍ଷ ଅଧିକ ବ୍ୟୟବରାଦ କରନ୍ତି, ତେବେ ଓଡ଼ିଶାର ସାମାଜିକ, ଅର୍ଥନୈତିକ ବିକାଶ ଦୃତତର ହେବ। ଓଡ଼ିଶା ଏକ ଖଣି ପ୍ରାଧାନ୍ୟ ରାଜ୍ୟ। ଲୁହାପଥର, ବକ୍ସାଇଟ୍, କୋଇଲା, ମାଙ୍ଗାନିଜ୍ ପ୍ରଭୃତି ଖଣିଜ ପଦାର୍ଥ ବିପୁଳ ପରିମାଣରେ ଓଡ଼ିଶାରେ ରହିଛି। କିନ୍ତୁ ପୁଞ୍ଜିନିବେଶ ଅଭାବରୁ ଏବଂ ପର୍ଯ୍ୟାପ୍ତ ଭୂମିର ବିକାଶ ନ ଥିବାରୁ ଏହି ଦିଗରେ ଅଧିକ ଶିଳ୍ପ ସ୍ଥାପନ କରିବା ବା ସ୍ୱଦେଶ ବିଦେଶକୁ ବିଭିନ୍ନ ସାମଗ୍ରୀ ରପ୍ତାନୀ କରିବା ସମ୍ଭବ ହେଉନାହିଁ। ଦୁର୍ଭାଗ୍ୟର କଥା ଯେ, ଓଡ଼ିଶାର ପଶ୍ଚିମାଂଚ, ଦକ୍ଷିଣାଂଚଳ ଓ ମୟୂରଭଞ୍ଜ ଅଂଚଳର ବିକାଶ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅତୀତରେ ବିଶେଷ ଗୁରୁତ୍ୱ ଦେଇନଥିଲେ। ଫଳରେ କେବଳ ପରପରସ୍ପରକୁ ଦୋଷ ଦେବା ସହିତ ଏହି ଦିଗରେ ଅଧିକ ତତ୍ପରତା ସାହାର୍ଯ୍ୟ ସହଯୋଗ, ପ୍ରଚେଷ୍ଟା ଯଦି କରିଥାଆନ୍ତେ, ତେବେ କେନ୍ଦ୍ର ଓ ଓଡ଼ିଶା ପରସ୍ପରର ପରିପୂରକ ହୋଇଥାଆନ୍ତେ।

# ଜନ୍ମଠାରୁ ମୃତ୍ୟୁଯାଏଁ

ଏ ସୃଷ୍ଟିରେ ସୃଷ୍ଟିକର୍ତା; ପରମାତ୍ମା ହିଁ ସବୁଠୁ ବଡ଼, ସବୁଠୁ ଉପରେ ଅଛନ୍ତି। ମନୁଷ୍ୟ ପଂଚଈବିକାରର ବଶବର୍ତୀ ହୋଇ ନିଜକୁ ବେଳେବେଳେ ବଡ଼ ବୋଲି ଭାବି ଗର୍ବ କରିଥାଏ। କିନ୍ତୁ ସୃଷ୍ଟିକର୍ତା ଭଗବାନ ଏହି ସୃଷ୍ଟିର ରଚନା କଲାବେଳେ ଏଥିରେ ଏତେ ଚମତ୍କାରିତା ଭରିଦେଇଛନ୍ତି ଯେ, ଏହାକୁ ବିଶ୍ଳେଷଣ କଲେ ଆମେ ଜାଣିପାରିବା ଏଠାରେ ଜଡ଼ଠାରୁ ଚେତନ ଯାଏଁ ପ୍ରତ୍ୟେକଟି ଭିତରେ କିଛି ନା କିଛି ଭଲ ଗୁଣ ଲୁକ୍କାୟିତ ହୋଇରହିଛି। ତା' ଛଡ଼ା ଆମେ ସଭିଏଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ଯାବତୀୟ ଆବଶ୍ୟକତା ପାଇଁ ଅଗଣିତ ଦ୍ରବ୍ୟ ଉପରେ ନିର୍ଭରଶୀଳ ହୋଇଥାଉ। ତେଣୁ ଏଠାରେ ସମସ୍ତେ ନିଜ ନିଜ ସ୍ଥାନରେ ଶ୍ରେଷ୍ଠ। ଉଦାହରଣ ସ୍ୱରୂପ ଆପଣ ସକାଳୁ ଉଠିବା ବେଳକୁ ଯଦି ପୂର୍ବ ଦିନଠୁ ସରିଥିବା ଟୁଥ୍‌ପେଷ୍ଟ୍‌ଟିକୁ ହଟାଇ ନୂଆଟିଏ ନ ଆଣିଥିବେ ତେବେ ସେଦିନ ସକାଳୁ ସକାଳୁ ଟିକେ ବ୍ୟସ୍ତ ହେବେ। ପୁନଃଶ୍ଚ ଟୁଥ୍‌ପେଷ୍ଟ୍ ଥାଇ ଯଦି ଟୁଥ୍‌ବ୍ରସ୍‌ଟି ନଥିବ ତେବେ ମଧ୍ୟ ଆପଣ ଅସୁବିଧାର ସମ୍ମୁଖୀନ ହେବେ। ଯଦି ଟୁଥ୍‌ପେଷ୍ଟ ଓ ଟୁଥ୍‌ବ୍ରସ୍ ଥାଇ ଆପଣଙ୍କ ବେସିନ୍‌ରେ ପାଣି ଆସୁ ନଥିବ, ତେବେ ମଧ୍ୟ ଯୋଉ ହଇରାଣକୁ ସେଇ ହଇରାଣ। ଏଥିରୁ ଜଣାପଡୁଛି ଆମେ ସମସ୍ତେ ପ୍ରତିଦିନ, ପ୍ରତି ମୁହୂର୍ତରେ ଏ ପୃଥିବୀର ଅଗଣିତ ବସ୍ତୁ ଉପରେ ନିର୍ଭର କରିଚାଲିଛେ ଜନ୍ମଠାରୁ ମୃତ୍ୟୁଯାଏଁ। ନିଜକୁ କର୍ତା ନ ଭାବି ଏ ମଧୁର ସୃଷ୍ଟିରେ କେବଳ ନିମିତ୍ତ' ବୋଲି ଚିନ୍ତା କରି ପରସ୍ପରକୁ ସ୍ନେହ, ଶ୍ରଦ୍ଧା ତଥା ସମ୍ମାନ ଜଣାଇ ଆସନ୍ତୁ ନୂଆ ବର୍ଷ ପ୍ରାରମ୍ଭରୁ ସମସ୍ତଙ୍କର ମହତ୍ୱକୁ ଉପଲବ୍ଧି କରିବା, କାରଣ ଏହି ସୃଷ୍ଟି ରଙ୍ଗମରେ ଦୁବଠାରୁ ଦାରୁ ପର୍ଯ୍ୟନ୍ତ ସମସ୍ତଙ୍କର କିଛି ନା କିଛି ଭୂମିକା ରହିଛି। ଏହାକୁ ହୃଦୟଙ୍ଗମ କରିପାରିଲେ ଆମ ଭିତରୁ ବଡ଼ପଣର ଅହମିକାଟି ନିଶ୍ଚିତ ଉତ୍ପାଟିତ ହୋଇପାରିବ। ଏ ସମ୍ବନ୍ଧରେ ଗପଟିଏ ଶୁଣିଥିଲି।

ଥରେ ଜଣେ ରାଜା ଜଙ୍ଗଲକୁ ଶିକାର କରିବାକୁ ଯାଇଥିବା ବେଳେ ଶୁଣିଲେ ଯେ ଅଗନାଅଗନି ଜଙ୍ଗଲ ଭିତରୁ ଭାସି ଆସୁଛି ନିସ୍ତବ୍ଧ ଠକ୍ ଠକ୍ ଶବ୍ଦ। ଏ ଶବ୍ଦ କାହାର ବୋଲି ଠଉରାଇବାକୁ ରାଜା କିଛି ସୈନିକଙ୍କୁ ପଠାଇଲେ। ସୈନିକମାନେ ସେଇ ଶବ୍ଦକୁ ଲକ୍ଷ୍ୟ ରଖି ଆଗେଇଲେ। କିଛି ଭିତରକୁ ଗଲାପରେ ସେମାନେ ଦେଖିଲେ ଯେ ବୃଦ୍ଧ ଶିଳ୍ପୀ ମୂର୍ତି ଗଢ଼ିବାରେ ମଗ୍ନ। ସେ ଅଂଚଳର ଚାରିଆଡ଼େ ଅତି ସୁନ୍ଦର ଅସଂଖ୍ୟ ମୂର୍ତି ଛିଡ଼ା ହୋଇଥିବା ଦେଖି ସେମାନେ ଚମତ୍କୃତ ହେଲେ। ସୈନିକମାନେ ଶିଳ୍ପୀଙ୍କୁ ଆପଣା ପରିଚୟ ଦେଇ ସେମାନଙ୍କ ସହିତ ରାଜାଙ୍କ ପାଖକୁ ଯିବାକୁ ଅନୁରୋଧ କଲେ। ଶିଳ୍ପୀ ପ୍ରଥମେ ତ ସେଠାରେ ସୈନିକମାନଙ୍କୁ ଦେଖି ବିସ୍ମିତ ହେଲେ। କିନ୍ତୁ ସବୁ ଶୁଣିବା ପରେ ସେ ରାଜାଙ୍କ ପାଖକୁ ଯିବାକୁ ମଙ୍ଗିଲେ ନାହିଁ, ନମ୍ର ଭାବରେ ମନା କରିଦେଲେ।

ସୈନିକମାନେ ଏହି ଖବର ରାଜାଙ୍କୁ ଦେଲେ। ରାଜା ସ୍ୱୟଂ ଶିଳ୍ପୀଙ୍କ ପାଖକୁ ଆସି ଯାହା ଦେଖିଲେ ସେଥିରେ ସ୍ତମ୍ଭୀଭୂତ ହୋଇଗଲେ। ଏଭଳି ଜଣେ ଶିଳ୍ପୀ ଜଙ୍ଗଲ ଭିତରେ ସାଧନା କରୁଛନ୍ତି। ରାଜା ବିଶ୍ୱାସ କରିପାରିଲେ ନାହିଁ। ତେଣୁ ସେ କହିଲେ, ହେ ମହାତ୍ମା, ମୋ ରାଜପଣକୁ ଧିକ୍। ମୁଁ ରାଜା ଥାଉ ଥାଉ ଆପଣଙ୍କ ଭଳି ଜଣେ ମହାନ୍ ଶିଳ୍ପୀ ଜଙ୍ଗଲ ଭିତରେ ସମସ୍ତଙ୍କ ଅଗୋଚରରେ ମୂର୍ତି ଗଢୁଛନ୍ତି। ଏଣେ ଆପଣଙ୍କ ତୁଳନାରେ ଅକିଞ୍ଚନମାନଙ୍କୁ ମୁଁ ରାଜଶିଳ୍ପୀ ଭାବେ ସମ୍ମାନ ଦେଇଆସୁଛି। ଆପଣ ମୋ ସହିତ ଚାଲନ୍ତୁ। ଏତେ ସୁନ୍ଦର ଜୀବନ୍ତ ମୂର୍ତିର ସ୍ରଷ୍ଟା ଭାବେ ମୁଁ ଆପଣଙ୍କ ମୁଣ୍ଡରେ ଶିରପା ବାନ୍ଧିବି।

ଶିଳ୍ପୀ ଏହା ଶୁଣି କହିଲେ, ମହାରାଜ ଏ କଥାଟି ଯଦି ଆପଣ ଆଉ ତିରିଶି ବର୍ଷ ଆଗରୁ କହିଥାନ୍ତେ, ତେବେ ହୁଏତ ମୁଁ ଯାଇଥାନ୍ତି, କିନ୍ତୁ ଏବେ ନୁହେଁ। ରାଜା ବିସ୍ମିତ ହୋଇ ପଚାରିଲେ, କାହିଁକି ? ଶିଳ୍ପୀ କହିଲେ, ତରୁଣ ଅବସ୍ଥାରେ ଜଣେ ଶିଳ୍ପୀ ଭାବେ ମୋ ମନରେ ଭାରି ଅହଂକାର ଥିଲା। ଦିନକର କଥା ମୋ ଗୁରୁ ମୋତେ ପ୍ରଶ୍ନଟିଏ ପଚାରିଲେ। ସେ ପ୍ରଶ୍ନଟି ହେତୁ ମୁଁ ସବୁ ଛାଡ଼ି ନୀରବରେ ଏ ଜଙ୍ଗଲରେ ଅଜ୍ଞାତବାସରେ ସାଧନା କରୁଛି।




**ଡ. ପ୍ରତିଭା ଦାଶ**

ରାଜା ପଚାରିଲେ - କଣ ଥିଲା ସେ ପ୍ରଶ୍ନ ? ଶିଳ୍ପୀ କହିଲେ, ପ୍ରଶ୍ନଟି ହେଉଛି, ତୁମେ ଏ ମୂର୍ତିର ସ୍ରଷ୍ଟା ନା ମୂର୍ତିଗୁଡ଼ିକ ତୁମ ଭଳି ଜଣେ ଶିଳ୍ପୀର ସ୍ରଷ୍ଟା ? ଶ୍ରେୟ କାହାର ? ବାସ୍ ସେତିକିରେ ମୋ ମନରୁ ପରସ୍ତ ପରସ୍ତ ଅହଂ ଛାଡ଼ିଗଲା। ମୁଁ ଜାଣେ ମୁଁ ବି ଜଣେ ଅକିଂଚନ। ଏ ମୂର୍ତିମାନେ ମୋତେ ଗଢ଼ିଛନ୍ତି। ସବୁ ଶ୍ରେୟ ଏମାନଙ୍କର।

ସେହିପରି ଅତୀତକୁ ଦୃଷ୍ଟିନିକ୍ଷେପ କଲେ ଜଣାଯାଏ ଭଲ ଗୁରୁମାନେ କେବଳ ଭଲ ଛାତ୍ର ତିଆରି କରିନଥାନ୍ତି, ବେଳେବେଳେ ଛାତ୍ରମାନେ ମଧ୍ୟ ଭଲ ଗୁରୁ ତିଆରି କରିବାରେ ସମର୍ଥ ହୋଇଥାନ୍ତି, କାହିଁକି ନା ଗୁରୁ-ଶିଷ୍ୟ, ଶିକ୍ଷକ-ଛାତ୍ର, ସ୍ୱାମୀ-ସ୍ତ୍ରୀ, ପିତାମାତା-ସନ୍ତାନସନ୍ତତି, ଏମାନେ ପରସ୍ପର ପରିପୂରକ। ଏକଦା ଦ୍ରୋଣାଚାର୍ଯ୍ୟ ସୃଷ୍ଟି କରିପାରିଥିଲେ ଅର୍ଜୁନ ଭଳି ଧନୁର୍ଦ୍ଧାରୀକୁ ଓ ଆରିଷ୍ଟୋଟଲ୍ ସୃଷ୍ଟି କରିଥିଲେ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାରକୁ। ଆରିଷ୍ଟୋଟଲ୍ ମଧ୍ୟ ତିଆରି କରିଥିଲେ ପ୍ଲାଟୋଙ୍କୁ ଓ ପ୍ଲାଟୋ ଆରିଷ୍ଟୋଟଲଙ୍କୁ। ଦିନେ ଶ୍ରେଣୀ ଗୃହରେ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ମଣିଷର ସଂଜ୍ଞା ଦେବାକୁ ଯାଇ କହିଥିଲେ, "ମଣିଷ ହେଉଛି ଦ୍ୱିପାଦ ବିଶିଷ୍ଟ ପକ୍ଷହୀନ ଏକ ପ୍ରାଣୀ।" ମାତ୍ର ତାଙ୍କ ଶିଷ୍ୟ ଆରିଷ୍ଟୋଟଲ ଜୈବିକ ତ୍ରୁଟିରୁ ପକ୍ଷ ନଥିବା ଏକ କୁକୁଡ଼ାକୁ ଦେଖାଇ ପଚାରିଲେ, "ମହାଶୟ, ଆପଣଙ୍କ ସଂଜ୍ଞା ଅନୁସାରେ ଏହି ପକ୍ଷହୀନ କୁକୁଡ଼ାକୁ ମଣିଷ କୁହାଯାଇ ପାରିବ ?" ସେତେବେଳେ ପ୍ଲାଟୋଙ୍କୁ ତାଙ୍କ ସଂଜ୍ଞାକୁ ବଦଳାଇବାକୁ ପଡ଼ିଥିଲା। ସେ କହିଲେ, "ମଣିଷ ହେଉଛି ହସି ପାରୁଥିବା ଏକ ପ୍ରାଣୀ।" ପରଦିନ ଆରିଷ୍ଟୋଟଲ ଏକ ତାଲିମପ୍ରାପ୍ତ ଘୋଡ଼ାକୁ ହ୍ରେଷାରାବ କରାଇ ପ୍ଲାଟୋଙ୍କୁ ପଚାରିଲେ, "ମହାଶୟ, ଏହି ହସି ପାରୁଥିବା ଘୋଡ଼ାକୁ ମଣିଷ କହି ହେବକି ?" ପ୍ଲାଟୋ ବାଧ୍ୟ ହୋଇ ପୁଣି ଥରେ ସଂଜ୍ଞା ବଦଳାଇ କହିଲେ, "ମଣିଷ ହେଉଛି ଏକ ବିଚାରଶୀଳ ପ୍ରାଣୀ।" ପ୍ଲାଟୋଙ୍କ ଏହି ସଂଜ୍ଞା ଆଜି ପର୍ଯ୍ୟନ୍ତ ଠିକ୍ ବୋଲି ଗ୍ରହଣ କରାଯାଇଛି। କାରଣ ଭଲମନ୍ଦ ବିଚାର କରିବାର ଶକ୍ତି କେବଳ ମଣିଷର ରହିଛି। ଏଯାଏଁ ମଧ୍ୟ ଆମେ କେହି ସ୍ଥିର କରି କହିପାରିବା ନାହିଁ ଯେ ଏ ସୃଷ୍ଟିର ମଞ୍ଜିଟିଏ ଆଗ ନା ବୃକ୍ଷ, ଜନ୍ମ ଆଗ ନା ମୃତ୍ୟୁ, ଅଣ୍ଡା ଆଗ ନା କୁକୁଡ଼ା...। କାରଣ ଏ ସବୁ ବଡ଼ ଗହନ ପ୍ରଶ୍ନ। ମଞ୍ଜିଟିଏରୁ ତ ଗଛଟିଏ ଉଦ୍ଭବ ହୁଏ, ପୁଣି ଗଛଟିଏ ହିଁ ମଞ୍ଜିର କାରଣ। ଜନ୍ମ ଥିଲେ ତ ମୃତ୍ୟୁ ହୁଏ ପୁଣି ମୃତ୍ୟୁ ପରେ ପୁର୍ନଜନ୍ମ। ସେହିପରି ଅଣ୍ଡାଟିରୁ କୁକୁଡ଼ା ଛୁଆଟିଏ ଫୁଟିଥାଏ ପୁଣି କୁକୁଡ଼ାଟିଏ ହିଁ ଅଣ୍ଡା ସୃଷ୍ଟିକରେ। ଅନେକ ଓହଳ ଲମ୍ବିଥିବା ବରଗଛଟିରେ କେତେ ପକ୍ଷୀ ଆଶ୍ରୟ ନିଅନ୍ତି, ତଳେ କେତେ ପଶୁ, ମନୁଷ୍ୟ ମଧ୍ୟ ବିଶ୍ରାମ ନିଅନ୍ତି। କିନ୍ତୁ ଟିକିଏ ନିରୀକ୍ଷଣ କଲେ ଦେଖିପାରିବା ବରଗଛଟିକୁ ଠିଆ କରି ରଖିବାରେ, ସେଥିରୁ ବାହାରିଥିବା ଓହଳମାନେ କିପରି ସ୍ତମ୍ଭ ଭଳି କାମ କରିଥାନ୍ତି। ସୃଷ୍ଟି ଅନନ୍ତ ଓ ଅନାଦି। ଏହା ଭିତରକୁ ଯିବା ପୂର୍ବରୁ ଆସନ୍ତୁ ପରମାତ୍ମାଙ୍କର ଏହି ସତ୍ୟ ଶିବ ସୁନ୍ଦର ତଥା ମଧୁର ସୃଷ୍ଟିର ପ୍ରତ୍ୟେକ ବସ୍ତୁରୁ ଯଥା - ଫୁଲ, ଫଳ, ଘାସ, ଦୁବ, ଆକାଶ, ପର୍ବତ, ଝରଣା, ପଶୁ, ପକ୍ଷୀ, ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ, ଉପଗ୍ରହ ଇତ୍ୟାଦି ମଧ୍ୟରୁ ଅମୃତତତ୍ୱକୁ ସାଉଁଟି ନେବା। ପ୍ରତି ମୁହୂର୍ତରେ ବିଶ୍ୱ ନିୟନ୍ତାଙ୍କ ଚମତ୍କାରିତାରେ ମନ ପ୍ରାଣ ହୃଦୟକୁ ଭରିଦେଇ ଏକ ସକରାତ୍ମକ ଦୃଷ୍ଟି ନିବଦ୍ଧ କରିବା। ଭାଗବତରେ ବର୍ଣ୍ଣିତ "ଏ ମନ ଖୋଜୁଥାଇ ଯାହା, କାଳେ ପ୍ରାପତ ହୁଏ ତାହା ॥" ତେଣୁ ମନ ଭିତରେ ଅତୁଟ ବିଶ୍ୱାସ ରଖି ପ୍ରଭୁଙ୍କୁ ସ୍ମରଣ କଲେ ସଂଶୟର ଆବରଣଟି ଧୀରେ ଧୀରେ ଖୋଲିଯିବ।

# ଗ୍ରାମବାସୀଙ୍କ ଆର୍ଥିକ ବିକାଶ ପାଇଁ ଗରିବନ୍ଧ ନିର୍ମାଣ



-- ବି.ରାମଚନ୍ଦ୍ର ସି.ଏସ୍.ଟି. ଭୋଲଟେୟାର

"ବିନୋବା ଯୁବକ ସଂଘ" ପକ୍ଷରୁ ଅନ୍ୟ ଏକ ଅନନ୍ୟ କାର୍ଯ୍ୟ କଟକ ଜିଲ୍ଲା ଅନ୍ତର୍ଗତ ଏରଂଚ ଗ୍ରାମବାସୀଙ୍କ ଆର୍ଥିକ କଲ୍ୟାଣ ପାଇଁ କରାଯାଇଥିଲା । ଏ କାର୍ଯ୍ୟ କରାଯାଇଥିଲା ୧୯୬୬ ମସିହା ମେ ମାସ ୧୩ ତାରିଖରେ । ଆମ ଗ୍ରାମାବସୀଙ୍କର ଅନେକଙ୍କ ଜମି ରହିଥିଲା ବନୁଆ ପାଟରେ । ମାତ୍ର ଜଳ ସେଚନର ସୁବିଧା ନ ଥିବାରୁ ଢ଼ିପ ଜାଗାରେ ଥିବା ଜମିରେ ବିଆଳି ଧାନ, ମାଣ୍ଡିଆ ଛଡ଼ା ଅନ୍ୟ କିଛି ଫସଲ ବର୍ଷା ଦିନେ କରାଯାଇ ପାରୁ ନ ଥିଲା । ବନୁଆ ପାଟରେ ଥିବା ଜମିର ଉପର ଭାଗରେ ବର୍ଷା ପାଣି ପର୍ଯ୍ୟାପ୍ତ ପରିମାଣର ରହିପାରୁ ନ ଥିଲା । କାରଣ ପାଟଟି ଫ୍ଲାଟ୍ ଅବସ୍ଥାରେ ନଥାଇ ଅତି ଗଡ଼ାଣିଆ ଥିଲା । ପାଟର ମଧ୍ୟ ଭାଗରେ ଦୁଇଟି ଗରିବନ୍ଧର ଆବଶ୍ୟକତା ରହିଥିଲା । ତେବେ ଏ ଦିଗରେ ଚିନ୍ତା କରି କିଛି କାର୍ଯ୍ୟ କରିବା ପାଇଁ ପଂଚାୟତସ୍ତରୀୟ ରାଜନେତାମାନଙ୍କର କୌଣସି ତତ୍ପରତା ନ ଥିଲା । ଏଥି ପାଇଁ "ବିନୋବା ଯୁବକ ସଂଘ" ପକ୍ଷରୁ ଗରିବନ୍ଧ ନିର୍ମାଣ କରିବା ସପକ୍ଷରେ ନିଷ୍ପତ୍ତି ନିଆଗଲା। ଏହି କାର୍ଯ୍ୟ ପାଇଁ ଆମେ ଯୁବକମାନେ ନିଜ ଘରେ ଥିବା କୋଡ଼ି, କୋଦାଳ, ଶାବଳ, ଗାଣ୍ଡୁଆ, ଟୋକେଇ ଆଦି ଧରି ବନୁଆ ପାଟ ମଧ୍ୟ ଭାଗକୁ ଗଲୁ । ଅମାପ ଉତ୍ସାହାର ବଶବର୍ତ୍ତୀ ହୋଇ କାର୍ଯ୍ୟ କଲୁ । ପ୍ରଥମ ଗରିବନ୍ଧଟି ଶେଷ କରି ଦ୍ୱିତୀୟ ଗରିବନ୍ଧ କାର୍ଯ୍ୟ କଲୁ। ଏହି ଦୁଇ ଗରିବନ୍ଧ ଯୋଗୁଁ ବର୍ଷାପାଣିକୁ ବହୁମାତ୍ରାରେ ଅଟକାଇ ରଖାଯାଇ ପାରିଲା । ଫସଲ ଭଲ ହେଲା । ଯେଉଁ ଦୁଇଟି ଗରିବନ୍ଧ ଆମ୍ଭେମାନେ କରିଥିଲୁ ସେଥିମଧ୍ୟରୁ ଗୋଟିଏ ପରବର୍ତ୍ତୀ ସମୟରେ ପଂଚାୟତର ଏକ ରାସ୍ତାରୂପେ ଗଣାଗଲା ଏବଂ ସମୟକ୍ରମେ ତାହା ରୁରାଲ୍ କନେକ୍ଟିଭିଟି ଯୋଜନାର ଅନ୍ତର୍ଭୁକ୍ତ ହୋଇ ଏବେ ଏକ ମଜଭୁତ୍ ପିଚୁ ରାସ୍ତାରେ ପରିଣତ ହୋଇଛି । ଅଡ଼ଶପୁର ବସ୍‌ଷ୍ଟାଣ୍ଡରୁ ତଣ୍ଡିକଣା କନ୍ଦଳ ନଦୀ ପୋଲ ଉପର ଦେଇ ଯେଉଁ ରାସ୍ତା ଏରଂଚ ଗାଁ ବାଟ ଦେଇ ଜଗତ୍‌ସିଂହପୁର ବଜାରକୁ ଯାଇଛି ଏବଂ ତାହା ସେଠାରୁ ପାରଦ୍ୱୀପକୁ ଯାଇଛି - ଏହି ଲମ୍ବା ରାସ୍ତାର ଏକ ମୁଖ୍ୟ ଭାଗ ଭିତରେ ରହିଛି ଆମ୍ଭେମାନେ କରିଥିବା ୧୯୬୬ରେ କରିଥିବା ପ୍ରଥମ ଗରିବନ୍ଧଟି। ୨ୟ ଗରିବନ୍ଧ କରୁଥିବା ବେଳେ ଏକ ଦୁଃଖଦ ଘଟଣା ଘଟିଥିଲା । ଉତ୍ସାହ ଉଦ୍ଦୀପନାର ସୀମା ନ ଥିଲା । "ମୁଁ ମୁଣ୍ଡେଇ କି ନେବି, ମୋ ଗାଣ୍ଡୁଆରେ ମାଟି ଭରି ଦିଅନ୍ତୁ", ଏପରି ଅନୁରୋଧ ଅନେକ ଯୁବ ସହକର୍ମୀଙ୍କର ଥିଲା । ତେଣୁ ଅସାବଧାନତା ହେତୁ ଧୀରେନ୍ଦ୍ର ମହାପାତ୍ରଙ୍କ ବାମ ହାତରେ ମାଟି ହାଣୁଥିବା ଭ୍ରମରବର ସେଠୀଙ୍କ କୋଦାଳ ବାଜି ଯାଇଥିଲା । ହାତରେ ଏକ ବୃହତ ଭାଗ କଟିଯାଇଥିଲା । କାମ ସେଇଟି ବନ୍ଦ କରି ଆମ୍ଭେମାନେ ପାଟବାଟ ଦେଇ ଆମ ଗାଁ ହାଇସ୍କୁଲକୁ ଧାଇଁ ଥିଲୁ । ସେଠାରେ ଫାଷ୍ଟଏଡ଼ର ବ୍ୟବସ୍ଥା କଲୁ। ଧୀରେନ୍ଦ୍ର ବାବୁ ସେତେବେଳେ ଓୟୁଏଟିରେ କୃଷି ସବ୍‌ଜେକ୍ଟ ଉପରେ ଅଧ୍ୟୟନ କରୁଥିଲେ । ଧିରେନ୍ଦ୍ରବାବୁ କୃଷି ସବ୍‌ଜେକ୍ଟରେ ପିଜି ପାଠ ଶେଷ କରି ସରକାରୀ କାମ୍ୟରେ ଯୋଗଦେଲେ। କୃଷି ବିଭାଗର ଜଏଂଟ୍ ଡ଼ାଇରେକ୍ଟର ଭାବେ ସେ ଅବସର ଗ୍ରହଣ କରିଥିଲେ। ୨୦୧୯ ମସିହା ଅକ୍ଟୋବର ୧୧ ତାରିଖରେ ତାଙ୍କର ଦେହାନ୍ତ ହୋଇଯାଇଛି। ଭ୍ରମରବର ସେଠୀ ବିଏସ୍‌ଏନଏଲ୍ ସଂସ୍ଥାରେ ଚାକିରି କରି କେନ୍ଦୁଝର ଡ଼ିଭିଜିନାଲ୍ ଇଂଜିନିୟର ଭାବେ ରିଟାୟାର କରି ଆମ ଗାଁ ଏରଚରେ ସପରିବାରେ ରହୁଛନ୍ତି। ଇତି ମଧ୍ୟରେ ଅନ୍ୟ ଦୁଇ ଯୁବ ବନ୍ଧୁ ଯଥା: ଦିବାକାର ମହାପାତ୍ର ଓ ନିତ୍ୟାନନ୍ଦ ପାଢ଼ୀ ଯଥାକ୍ରମେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଟେକ୍‌ନିକାଲ୍ ଅଫିସର ଏବଂ ଆସିଟାଂଟ୍ ଇଂଜିନିୟର ଭାବେ ରାଜ୍ୟ ଜଳସେଚନ ଜଗତ୍‌ପୁର ଡ଼ିଭିଜନରୁ ରିଟାୟାଡ଼ କରିଥିଲେ । ଦିବାକାର ବାବୁଙ୍କ ଦେହାନ୍ତ ୨୦୧୯ ଅଗଷ୍ଟ ୮ ତାରିଖରେ ହୋଇଯାଇଛି । ବଂଧୁ ନିତ୍ୟାନନ୍ଦ ପାଢ଼ୀଙ୍କର ଦେହାନ୍ତ ହୋଇଛି ଗତ ବର୍ଷ ଜୁନ୍ ମାସ ୧୪ ତାରିଖରେ। ଏହି ଦୁଇ ଜଣ ୧୯୬୬ ରେ କରାଯାଇଥିବା ଗରିବନ୍ଧ କାର୍ଯ୍ୟରେ ପ୍ରମୁଖ ଭୂମିକା ଲିଭାଇଥିଲେ । ୧୯୬୬ ମସିହା ମେ ମାସର ୧୩ ତାରିଖକୁ ପାଶୋରୀ ହେବ ନାହିଁ। ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ପ୍ରତି ସେଦିନ ଯୁବସହକର୍ମୀମାନଙ୍କର ଯେଉଁ ଉତ୍ସାହ ଓ ସମର୍ପିତ ଭାବ ପ୍ରଦର୍ଶିତ ହୋଇଥିଲା ତାହା ଆଦୌଂ ଭୁଲିବାର ନୁହେଁ ।

*ନିରୀଶ୍ୱରବାଦୀ-ମୁକ୍ତଚିନ୍ତକ*
*ବି.ରାମଚନ୍ଦ୍ର ସି.ଏସ୍.ଟି. ଭୋଲଟେୟାର ଙ୍କ*
*ଆତ୍ମଜୀବନୀରୁ ୧୧ ଭାଗ*
*ମୋ ୯୨୩୮୮୭୮୨୮୦*

# ସତ୍ୟବାଦୀର ଶେଷସଖା - ଆଚାର୍ଯ୍ୟ ହରିହର

**ଅକ୍ଷୟ କୁମାର ରାଉତ**

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ । ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି । ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ । ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର । ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବ୍ରୁଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି । ପାଂଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ । ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ । ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ । ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା ।

ଗାଁର ଭର୍ଣ୍ଣାକୁଲର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ । ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ । ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ । ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ । ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା । ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ । ମାନବିକ ତଥା ବୈପ୍ଳବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ । ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ୍ୟ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ । ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଂଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଂଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ । ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି । ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ ।

ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର । ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି । ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି । କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାଉନୁ" ? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ । ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ । ଏଫ୍.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ । କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ । ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ । ସରକାରୀ ଚାକିରୀରେ ମନ ମାନିଲା ନାହିଁ । ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ । ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି । ପଲିଟିକାଲ ଏଜେଂଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ । ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ । କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ । ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ । ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ । ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ । ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି । ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା । ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ । ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି । ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା । ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର ।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର । ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡ଼ି ଅଭିମୁଖେ ବାହାରିଲେ । ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା । ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ । ୧୯୩୧ରେ ହରିହର ଜେଲରେ ଥାଆନ୍ତି । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା । ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ । ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ ।

ହରିହର ଦୁଇଥର ବିବାହ କରିଥିଲେ ମଧ୍ୟ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା । ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ । ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି । ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ । ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ । ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର । ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ । ଜଣେ ପଣ୍ଡିତ ମନୁ ସଂହିତାରୁ ଶୋକ୍ଳ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ । ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା । ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ । କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ ।

ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମନ ମଧ୍ୟକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ । ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା । ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ । ବିନୋବାଜୀଙ୍କ ଭୂଦାନ ଆନ୍ଦୋଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ । ୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି । ଫକୀର ମିଶ୍ରଙ୍କ ସାହାର୍ଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି । ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ । ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍‌କା । ସେ ଏକାବେଳକେ ତଟସ୍ଥ ହୋଇଗଲେ । ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା । ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ । ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର ।

୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ । ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମନଙ୍କୁ ପ୍ରେରଣା ଦେଇଥାନ୍ତି । ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି । ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି । ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା । ୧୯୭୧ ଫେବୃଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ ।

କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍ । ହଠାତ୍ ତୀର୍ଥ ପାଲଟିଗଲା । ସତ୍ୟର ପୂଜାରୀ, ଦୁଃସ୍ଥ, ନିକ୍ଷେପିତ, ଦରିଦ୍ର ଓ ଆର୍ତରବନ୍ଧୁ । ଓଡ଼ିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ ।

*ପାରାଦ୍ୱୀପ ଗଡ଼, କୁଜଙ୍ଗ,*
*ଜଗତ୍‌ସିଂହପୁର*
*ମୋ ନଂ - ୯୯୩୭୬୯୧୪୭୫*

# ଅମୃତଭଣ୍ଡା ତ୍ୱଚାର ଯତ୍ନ



ଶୀତ ପାଇଁ ଯେତିକି ଚିନ୍ତିତ ନୁହଁନ୍ତି, ସ୍ୱାସ୍ଥ୍ୟକୁ ନେଇ ଲୋକମାନେ ବେଶି ଚିନ୍ତି। ବିଶେଷକରି ନିଜ ଚର୍ମକୁ ନେଇ। ଶୀତଋତୁରେ ଥଣ୍ଡା ଜଳବାୟୁ ଯୋଗୁଁ ବିଭିନ୍ନ ପ୍ରକାରର ଚର୍ମରୋଗ ଦେଖାଦେଇଥାଏ। ଡ୍ରାଏ ସ୍କିନ ଲୋକଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟି ଥାଏ। ଡ୍ରାଏ ସ୍କିନ ପାଇଁ ଲୋକଙ୍କ ଚିନ୍ତା ବଢ଼ିଯାଇଥାଏ। ଏଥିପାଇଁ ଲୋକାମାନେ ବିଭିନ୍ନ ପ୍ରକାର ମେଡିସିନ ବ୍ୟବହାର କରିଥାନ୍ତି। ଏହି ସମୟରେ ରୁପି ସମସ୍ୟାରେ ବି ଲୋକମାନେ ଅତିଷ୍ଠ ହୋଇପଡିଥାନ୍ତି। ତେବେ ଏଥିପାଇଁ ଆପଣ ଘରୋଇ ଉପଚାର କରିପାରିବେ। ଶୀତଦିନରେ ଡ୍ରାଏ ସ୍କିନ ପ୍ରଭାବରେ ମୁଖ୍ୟତଃ ତ୍ୱଚାରେ ଫଟା ଦାଗ ଦେଖିବାକୁ ମିଳିଥାଏ। ଚମଡ଼ା ପରସ୍ତ ପରସ୍ତ ଉଠିଯାଏ। ଏହାସହ ତ୍ୱଚା କୁଣ୍ଡେଇ ହେବା ଯୋଗୁ କଷ୍ଟ ଅନୁଭବ କରିଥାନ୍ତି ଲୋକେ। ଏଥିରୁ ମୁକ୍ତି ପାଇବା ପାଇଁ ଲୋକମାନଙ୍କୁ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ। ନାମୀ ଦାମି କମ୍ପାନୀର ଔଷଧ ବ୍ୟବହାର କରିବାକୁ ପଡିଥାଏ। ତେବେ ଅମୃତଭଣ୍ଡା ଦ୍ୱାରା କମ ଖର୍ଚ୍ଚରେ ଘରୋଇ ଉପଚାର ମାଧ୍ୟମରେ ଏହି ସମସ୍ୟାକୁ ଦୂର କରାଯାଇପାରିବ। ମୁହଁଫାଟୁଥିଲେ ଉକ୍ତ ସ୍ଥାନରେ ପାଚିଲା ଅମୃତଭଣ୍ଡା ଲଗାଇ ୫ ମିନିଟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ଦେଖିବେ ଆପଣ ପୂର୍ବଚମକ ଫେରିପାଇବେ। ଶୁଷ୍କ ଚର୍ମର ଉପଚାର କରିବାକୁ ହେଲେ ଅମୃତଭଣ୍ଡାର କିଛି କଟା ଖଣ୍ଡ, ଦୁଗ୍ଧ କ୍ରିମ୍ କିମ୍ବା ମଲାଇକୁ ଫେଣ୍ଟି ବ୍ୟବହାର କଲେ ଉପଚାର ମିଳେ। ତେବେ ଅମୃତଭଣ୍ଡାକୁ ପ୍ରତିଦିନ ବ୍ୟବହାର କରିବା ଅନୁଚିତ। କାରଣ ଏହାକୁ ପ୍ରତିଦିନ ଲଗାଇଲେ ତ୍ୱଚାର କ୍ଷତି ହୋଇଥାଏ। ମୁହଁରେ ଥିବା କଳା ଦାଗର ଉପଚାର ପାଇଁ ଅମୃତଭଣ୍ଡାର ରସକୁ ମଧ୍ୟ ବ୍ୟବହାର କରିପାରିବେ। ଅମୃତଭଣ୍ଡା ରସରେ ସମାନ ପରିମାଣରେ କ୍ଷୀର ମିଶାଇ ମୁହଁରେ ଲଗାଇଲେ କଳାଦାଗ ଛାଡି ଯିବା ସହ ମୁହଁର ଗୋରାପଣ ବଢିଥାଏ।

# ବିନା ରିଚାର୍ଜରେ ଲାଇଫଟାଇମ କଲିଂ

ଗୁଗୁଲ ପ୍ଲେ ଷ୍ଟୋରରେ ଏମିତି କିଛି ମ୍ୟାଜିକାଲ ଆପ୍ ରହିଛି ଯାହାର ସାହାଯ୍ୟରେ ଆପଣ ଲାଇଫଟାଇମ ଫ୍ରି କଲିଂ କରିପାରିବେ। ଆପଣଙ୍କ ଫୋନ୍‌ରେ ସିମ୍ ନଥିଲେ ବି ଏହା କାମ କରିବ। ଏହି ଆପ୍ସକୁ ୱାକିଟକି କିମ୍ବା ବ୍ଲୁଟୁଥ୍ କନେକ୍ଟିଭିଟି ଆପ୍ସ କୁହାଯାଇଥାଏ। ହଁ ଏହି ଆପ୍ସ ପାଇଁ ଆପଣଙ୍କ ଫୋନ୍‌ରେ ବ୍ଲୁଟୁଥ୍ ରହିଥିବା ଜରୁରୀ। ଏହି ଆପ୍ ମାଧ୍ୟରେ ଦୁଇଟି ଫୋନକୁ କନେକ୍ଟ କରି ୧୦୦ ମିଟର ଦୂରତା ମଧ୍ୟରେ କଥାବାର୍ତ୍ତା କରାଯାଇପାରେ। ଯେଉଁ ଦୁଇଜଣଙ୍କୁ ନିଜନିଜ ଭିତରେ କଥାହେବାର ଅଛି ସେମାନଙ୍କ ଫୋନ୍‌ରେ ଏହି ଆପ୍ ଥିବା ମଧ୍ୟ ଜରୁରୀ। ଆପ୍ ସେଟିଂକୁ ଆକ୍ଟିଭେଟ୍ କରି କୌଣସି ବି ୟୁଜର ଲାଇଫଟାଇମ ୧୦୦ ମିଟର ମଧ୍ୟରେ ଫ୍ରିରେ କଥାହୋଇପାରିବେ।




# ରାତାରାତି କୋଟିପତି

ଚୀନର ଜୁକାଉଣ୍ଟିର ଏକ ଗାଁରେ ଜଣେ ବ୍ୟକ୍ତି ଏମିତି ଏକ ଜିନିଷ ପାଇଲେ ଯାହା ତାଙ୍କୁ ରାତାରାତି କୋଟିପତି କରିଦେଇଛି। ପ୍ରକୃତ କଥା ହେଲା ଜଣେ କୃଷକ ଏକ ଜଙ୍ଗଲୀ ଘୁଷୁରୀକୁ ମାରି ରୋଷେଇ ପାଇଁ କଟାକଟି କଲାବେଳେ ହଠାତ ଘୁଷୁରୀକୁ ଅନ୍ତରୁ ଏକ ପଥର ଭଳି ଜିନିଷଟିଏ ବାହାରିଗଲା। ଏହି ଅଜବ ଜିନିଷକୁ ସେ ନିଜ ପାଖରେ ରଖିଲେ। ଏମିତି ଦିନେ ସାଂଘାଇ ଯାଇ ଏହି ଜିନିଷଟି କ'ଣ ବୁଝିବା ବେଳକୁ ଜଣାପଡିଥିଲା ୪ ଇଞ୍ଚର ଏହି ଜିନିଷଟିର ଦାମ୍ ୪୫୦,୦୦୦ ପାଉଣ୍ଡ (୪କୋଟି ଟଙ୍କା)। ହେଲେ ସେ ହଠାତ ବୁଝିପାରିନଥିଲେ ରାତାରାତି ଏଭଳି କୋଟିପତି ହୋଇଯିବେ ବୋଲି। ସାଂଘାଇର ଏକ୍ସପର୍ଟ ମୁତାବକ ଏହା ହେଉଛି 'ବେଜୋର', ଯାହାକୁ ଏବେ କୃଷକ ବୋ ଚୁନଲୋଉ ନିଲାମ କରିବାକୁ ଆଗ୍ରହପ୍ରକାଶ କରିଛନ୍ତି। ଏକ୍ସପର୍ଟ ଆହୁରି ମଧ୍ୟ କୁହନ୍ତି, ବେଜୋର ଖାଲି ଘୁଷୁରୀ ନୁହେଁ ବରଂ ଆହୁରି କିଛି ପଶୁଙ୍କ ଅନ୍ତରେ ସୃଷ୍ଟି ହୋଇଥାଏ। ଏହି ଜିନିଷଟିରୁ ବହୁ ପ୍ରକାରର ମେଡିସିନ, ଯେମିତିକି ମଣିଷକୁ ବଞ୍ଚାଉଥିବା ଇଞ୍ଜେକସନ ମଧ୍ୟ ପ୍ରସ୍ତୁତ ହୋଇଥାଏ। ଖୁବ୍ କମ୍ ମିଳୁଥିବା କାରଣରୁ ବେଜୋରର ମୂଲ୍ୟ ଏତେ। ଯେହେତୁ ଏହା ପଶୁଙ୍କ ପେଟରୁ ମିଳିଥାଏ ତ ଏହାର ସଠିକ ମୂଲ୍ୟ ମିଳିନଥାଏ। ପ୍ରାଚୀନଯୁଗରେ ବହୁ ରୋଗରୁ ରକ୍ଷାପାଇବାକୁ ଲୋକମାନେ ଏହାକୁ ପାଖରେ ରଖୁଥିଲେ।



# କାମ କରିବାର ନୂତନ ଶୈଳି



ଗତ କିଛି ବର୍ଷ ମଧ୍ୟରେ ବିଶ୍ୱସ୍ତରରେ ନାମକରା କମ୍ପାନୀଗୁଡିକରେ ଛିଡା ହୋଇ କାମ କରିବାର ଶୈଳୀ ବଢିବାରେ ଲାଗିଛି। ଇସ୍ରାଏଲ ବିଶ୍ୱବିଦ୍ୟାଳୟରେ ଗବେଷକଙ୍କ ମତରେ ବର୍ତ୍ତମାନ ସୁଦ୍ଧା କେବଳ ଶିକ୍ଷାଦାନ କ୍ଷେତ୍ରରେ ହିଁ ଶିକ୍ଷକଶିକ୍ଷୟିତ୍ରୀ ଛିଡା ହୋଇ ସେମାନେ କାର୍ଯ୍ୟକୁ ଯଥା ସମ୍ପାଦନ କରନ୍ତି। ଏ ବାବଦରେ ଅନେକଙ୍କ ମତ ମଧ୍ୟ ନିଆଯାଇଥିଲା। ବୟସ୍କ ଶିକ୍ଷକମାନେ କହିଥିଲେ ବସି ପାଠ ପଢାଇଲେ ସେମାନଙ୍କୁ ଅଳସୁଆ ଲାଗିଥାଏ। ଏହାସହ ମାନସିକସ୍ଥିରତା ମିଳିନଥାଏ। ଏହି କାରଣରୁ ପ୍ରାୟ ୭୭% ଶିକ୍ଷକମାନେ ଛିଡା ହୋଇ ପଢାଇବାକୁ ଉଚିତ୍ ମଣିଥାନ୍ତି। ଏହାଠାରୁ ସର୍ବୋତ୍କୃଷ୍ଟ ଉଦାହରଣ ନାହିଁ ବୋଲି ବିଶେଷଜ୍ଞଙ୍କ ମତ। କାରଣ ଶିକ୍ଷକମାନଙ୍କ ଏହି ପଢା ଶୈଳୀ କାରଣରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ଦ୍ଧାରଣ ହୋଇଥାଏ, ଏଥିରେ ଦ୍ୱିମତ ହେବାର ନାହିଁ। ଆମେରିକାର ନାମକାର କମ୍ପାନୀରେ ଆଜିକାଲି ଛିଡା ହୋଇ କାମ କରିବାର ନୂଆ ପ୍ରୟୋଗ ହେଉଛି। କର୍ମଚାରୀ ଅଧିକ ସମୟ ଛିଡା ହେବା ପରେ କିଛି ସମୟ ବିଶ୍ରାମ ମଧ୍ୟ ନେବାର ବନ୍ଦୋବସ୍ତ କରାଯାଇଛି। ଏହା ସହ ପଞ୍ଚତାରକା ହୋଟେଲ ହେଉ କିମ୍ବା ରେସ୍ତୋରାଁ, ଏଠା ରୋଷେଇଶାଳରେ ରୋଷେୟାମାନେ ଛିଡା ହୋଇ କରି ହିଁ ନିଜ କାମ ସମ୍ପାଦନ କରିଥାନ୍ତି।

# ନିଜେ କରିପାରିବେ ଘରେବସି ସନ୍‌ଟ୍ୟାନ୍‌ର ଉପଚାର

***ଲେମ୍ବୁ:*** ଲେମ୍ବୁ ରସ, ଗୋଲାପ ଜଳ ଏବଂ କାକୁଡି ରସକୁ ମିଶାଇ ମୁହଁରେ ୧୦-୧୫ ମିନିଟ୍ ଲଗାଇ ରଖନ୍ତୁ। ଏହା ନା କେବଳ ଟ୍ୟାନ୍ ଦୂର କରିଥାଏ ଏବଂ ମୁହଁକୁ ଶୀତଳତା ମଧ୍ୟ ପ୍ରଦାନ କରିଥାଏ।

***ହଳଦୀ:*** ଥଣ୍ଡା ଦହିରେ ଅଳ୍ପ ହଳଦୀ ମିଶାଇ ଏକ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ, ବେକ, ହାତ ଆଦି ସ୍ଥାନରେ ଲଗାଇ ୩୦ ମିନିଟ୍ ଛାଡି ଦିଅନ୍ତୁ। ବର୍ତ୍ତମାନ ଏହାକୁ ଧୀରେ ଧୀରେ ଘଷି ଗାଧୋଇ ପଡନ୍ତୁ। ମନେରଖନ୍ତୁ ହଳଦୀ ପ୍ୟାକ୍ ଗାଧୋଇବା ପୂର୍ବରୁ ଲଗାଇବା ବେଶି ଲାଭଦାୟକ।

***ଆଳୁ:*** କଞ୍ଚା ଆଳୁକୁ ଭଲ ଭାବେ ବାଟି ଦିଅନ୍ତୁ। ସେଥିରେ ଅଳ୍ପ ଲେମ୍ବୁ ରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଟ୍ୟାନ୍ ହୋଇଥିବା ସ୍ଥାନରେ ଏହାକୁ ୨୦ ମିନିଟ୍ ଲଗାଇ ରଖିବା ପରେ ଭଲ ଭାବେ ଧୋଇ ଦିଅନ୍ତୁ।

***ଘି କୁଆଁରୀ:*** ଘି କୁଆଁରୀ ରସ, ଅଧା ଚାମଚ ମହୁ, ଅଳ୍ପ ଦହି ଏବଂ କାକୁଡି ରସ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରିନିଅନ୍ତୁ। ଏହାକୁ ବେକ ଏବଂ ମୁହଁରେ ଭଲ ଭାବେ ଲଗାଇ ୧୫-୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଖରାରୁ ଫେରିବାର ଅଳ୍ପ ସମୟ ମଧ୍ୟରେ ଏହାକୁ ଲଗାଇଲେ ବେଶ୍ ଉପକାରୀ।

***ପଇଡ ପାଣି:*** ଟ୍ୟାନ୍ ହୋଇଥିବା ସ୍ଥାନରେ ପଇଡ ପାଣି ଲଗାନ୍ତୁ। ଏହାକୁ ସ୍କିନ୍‌କୁ ଗୋରା ସହ ମୁଲାୟମ କରିବାରେ ସାହାଯ୍ୟ କରିଥାଏ। ଅଳ୍ପ ଟମାଟୋ ରସ ଲଗାଇ ୨୦-୨୫ ମିନିଟ୍ ପରେ ଧୋଇ ଦିଅନ୍ତୁ।

***ଓଟ୍:*** କଞ୍ଚା କ୍ଷୀର ଅଳ୍ପ, ଅଳ୍ପ ହଳଦୀ, ଲେମ୍ବୁ ରସ ଏବଂ ଅଳ୍ପ ଓଟ୍ସ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଟ୍ୟାନ୍ ହୋଇଥିବା ସ୍ଥାନରେ ଏହାକୁ ଲଗାଇ ସୁଖିବା ପାଇଁ ଛାଡି ଦିଅନ୍ତୁ। ଶୁଖିବା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ।

# ଭାରି ସୁତୁରା ମାଙ୍କଡ



ଏକ ଗବେଷଣାରୁ ଜଣାପଡିଛି ଲମ୍ବା ଲାଙ୍ଗୁଡ ଥିବା ମାଙ୍କଡ ମଣିଷଙ୍କ ଠାରୁ ଭାରି ସଫାସୁତୁରା। କୋଏମ୍ବାଟୁରର ଓରିଥାଲୋଜି ଏବଂ ପ୍ରାକୃତିକ ଇତିହାସ ପାଇଁ ସାଲିମ ଅଲି କେନ୍ଦ୍ର ଦ୍ୱାରା କରାଯାଇଥିବା ଏଗ ଗବେଷଣାରୁ ଜଣାପଡିଛି ଭାରତୀୟ ଆଇଲାଣ୍ଡ ଗ୍ରେଟ୍ ନିକୋବରରେ ଦେଖିବାକୁ ମିଳୁଥିବା ଲମ୍ବା ଲାଞ୍ଜଥିବା ମାଙ୍କଡ ଭାରି ସୁତୁରା। ସେମାନେ ଖାଦ୍ୟକୁ ସଫାସୁତୁରା କରି ଛଡେଇକି ଖାଇବାକୁ ପସନ୍ଦ କରିଥାନ୍ତି। ଯେମିତି ସେମାନେ ନଡିଆ ଖାଇବା ବେଳେ ମଣିଷ ଭଳି ଚୋପା ଛଡାଇ ପଥରରେ ପିଟି ଖାଇଥାନ୍ତି। ଯଦି ବା ନଡିଆଟି ପିଟୁ ପିଟୁ ଅପରିଷ୍କାର ହୋଇଯାଏ ତ ତାକୁ ଭଲଭାବେ ଘାସ ଏବଂ ପତ୍ରରେ ସଫାକରି ଖାଇବାକୁ ପସନ୍ଦ କରିଥାନ୍ତି। ଏହି ମାଙ୍କଡ ଖାଇବା ପୂର୍ବରୁ ଅଧିକାଂଶ ଖାଦ୍ୟକୁ ଧୋଇ ସଫାକରିଥାନ୍ତି। ଏମାନେ ଛୋଟମୋଟ ଜୀବଜନ୍ତୁ ଖାଇଥାନ୍ତି ସତ କିନ୍ତୁ ବହୁତ ସତର୍କତାର ସହିତ ସେଗୁଡିକୁ ଖୋଜିଥାନ୍ତି। ଏଥିପାଇଁ ସେମାନେ ଅଳିଆ ସ୍ଥାନକୁ ଖୁବ୍ ପିଟିଥାନ୍ତି ଏବଂ ସେଥିରୁ ବାହାରୁଥିବା ଜୀବ, ଯେମିତିକି ଉଡନ୍ତା ଜୀବକୁ ସିଧା ଧରି ଖାଇଦେଇଥାନ୍ତି। ତେବେ ଖାଲି ସେତିକି ନୁହେଁ, ଏହି ମାଙ୍କଡମାନେ ମଧ୍ୟ ମଣିଷଙ୍କ ଭଳି ଦାନ୍ତ ଘସିଥାନ୍ତି। ଏଥିପାଇଁ ସେମାନେ ଘାସ, ଗଛ ପତ୍ର କିମ୍ବା ନଡିଆ କତାର ସାହାରା ନେଇଥାନ୍ତି। ଏହା ବ୍ୟତିତ ସେମାନେ ଦାନ୍ତ ମଝିରେ ରହିଯାଇଥିବା ଖାଦ୍ୟକୁ ନାଇଲନ ସୁତାରେ ମଧ୍ୟ ବାହାର କରିଦେଇଥାନ୍ତି।

# ପୁରାତନ ଥିଏଟର ଦାୟିତ୍ୱରେ ସ୍ଥାନୀୟ ଲୋକେ

ଆଗାମୀ ପିଢି ଯେପରି ପୁରାତନ ଯୁଗର ସମସ୍ତ ପ୍ରକାର ତଥ୍ୟ ପାଉ, ଏନେଇ କେବଳ ଐତିହାସିକ ଓ ଗବେଷକମାନେ ଚେଷ୍ଟା କରୁନାହାନ୍ତି। ବରଂ ସାଧାରଣ ବର୍ଗର ଲୋକେ ମଧ୍ୟ ଏକତ୍ରିତ ହୋଇ ଏସବୁ କାର୍ଯ୍ୟ କରୁଥିବାରୁ ଦେଖାଯାଉଛି। ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି ଲିବିୟାର ସବରାତା ସହରରେ ଥିବା ୨ ହଜାର ବର୍ଷ ପୁରାତନ ରୋମାନ୍ ଥିଏଟର। ଭୂମଧ୍ୟସାଗର ନିକଟବର୍ତ୍ତୀ ଏହି ଥିଏଟରର ସୁରକ୍ଷାକୁ ନେଇ ସ୍ଥାନୀୟ ଲୋକେ ଚମତ୍କାର ତଥା ପ୍ରଶଂସନୀୟ ନିଷ୍ପତ୍ତି ନେଇଛନ୍ତି। ଅନେକ ସମୟ ହେଲାଣି, ଏଠାରେ ବିଦ୍ରୋହୀ ଓ ସେନା ମଧ୍ୟରେ ଅହରହ ଯୁଦ୍ଧ ଚାଲିଛି। ଗୁଳି ଓ ବୋମା ବର୍ଷଣ କାରଣରୁ ପୁରାତନ ଥିଏଟରଟି ଅନେକାଂଶରେ କ୍ଷତିଗ୍ରସ୍ତ ହୋଇଛି। ରୋମାନ୍ ସାମ୍ରାଜ୍ୟର ପୁରାତନ ସାକ୍ଷୀ ଭାବେ ଦଣ୍ଡାୟମାନ ହୋଇଥିବା ଏହି ଥିଏଟରର ରକ୍ଷଣବେକ୍ଷଣ ଦାୟିତ୍ୱ ସ୍ଥାନୀୟ ଲୋକେ ଏବେ ନେଇଛନ୍ତି। ପ୍ରତିଦିନ ସ୍ଥାନୀୟ ଲୋକେ ଆପୋଷ ବୁଝାମଣାରେ ଥିଏଟରର ସୁରକ୍ଷାକର୍ମୀ ଭାବେ କାମ କରୁଥିବାର ପ୍ରକାଶ। ୧୯୮୨ରେ ୟୁନେସ୍କୋ ଏହି ଥିଏଟରକୁ 'ବିଶ୍ୱ ଐତିହ୍ୟ'ରେ ସ୍ଥାନ ଦେଇଥିଲା।

# ସକାଳ ଜଳଖିଆ ବିଷୟରେ କିଛି

- ଦକ୍ଷିଣ କୋରିଆରେ ସ୍ଥାନୀୟ ବାସିନ୍ଦା ସକାଳ ଜଳଖିଆ ଭାବେ ବଏଲ୍ଡ ରାଇସ୍ ଓ ଫ୍ରାଏଡ୍ ଅଣ୍ଡା ଖାଇବାକୁ ପସନ୍ଦ କରନ୍ତି। ଖୁବ୍ କମ୍ ଲୋକେ ବିସ୍କୁଟ୍ କିମ୍ବା ନୁଡଲ୍ସ ଖାଉଥିବାର ସେଠାରେ ଦେଖାଯାଏ।
- ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ର ଭାବେ ଜଣାଯାଉଥିବା ଯୁକ୍ତରାଷ୍ଟ୍ର ଆମେରିକାରେ ସକାଳ ଜଳଖିଆ ଭାବେ ଲୋକେ ପ୍ୟାନକେକ୍, ଫ୍ରାଏଡ୍ ଅଣ୍ଡା, ଗ୍ରୀନ୍ ଟି ପିଇବାକୁ ପସନ୍ଦ କରନ୍ତି।
- ଇରାନରେ ଲୋକେ ଜଳଖିଅରେ ମିଠା, ନାଲି ଚା, ବଟର ପାଉଁରୁଟି ଖାଉଥିବାର ପ୍ରକାଶ।
- ହଟ୍ ଚକୋଲେଟ୍, ପ୍ୟାଷ୍ଟ୍ରି, କଫି ହେଉଛି ଫ୍ରାନ୍ସ ବାସିନ୍ଦାଙ୍କ ପ୍ରିୟ ଜଳଖିଆ।
- ଜାପାନରେ ସୋୟାବିନ୍ ସିଝା ଓ ପାଉଁରୁଟି ଟୋଷ୍ଟ ଅଧିକାଂଶ ଲୋକେ ଜଳଖିଆରେ ଖାଇଥାନ୍ତି।
- ପୋଲାଣ୍ଡରେ ଲୋକେ ଅଣ୍ଡା ଓ ପ୍ୟାନକେକ୍ ହିଁ ଖାଉଥିବାର ଜଣାଯାଇଛି।
- ତୁର୍କୀ ବାସିନ୍ଦା ବେଶ୍ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ଖାଇଥାନ୍ତି। ଅଲିଭ, ମହୁ, ଜାମର ମଶ୍ରଣ କରି ପାଉଁରୁଟି ସହ ଖାଉଥିବାର ପ୍ରକାଶ।
- ଫିଲିପାଇନସ୍ ଓ ଭେନେଜୁଏଲା ବାସିନ୍ଦା ରାତିର ବାସି ଖାଦ୍ୟ ସକାଳ ଜଳଖିଆରେ ଖାଇବାକୁ ପସନ୍ଦ କରନ୍ତି।
- ଚୀନରେ ଲୋକେ ନୁଡଲ୍ସ ଓ ସୁପ୍ ସକାଳବେଳା ଖାଇଥାନ୍ତି।
- ଲେବାନନରେ ଟମାଟୋରେ ତିଆରି ପରଟା ହିଁ ସକାଳ ଜଳଖିଆ ଭାବେ ଖିଆଯାଏ।



# ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟର ଯତ୍ନ

ମା' ହେବା ଦୁନିଆର ସବୁଠାରୁ ବଡ ଅନୁଭୂତି। ଏହି ସୁଖ ପାଇଁ ବହୁତ କଷ୍ଟର ସମ୍ମୁଖୀନ ହେବାକୁ ପଡିଥାଏ। ଗର୍ଭାବସ୍ଥା ସମୟରେ ଶରୀରରେ ଅନେକ ପରିର୍ତ୍ତନ ଆସିଥାଏ। ଏଥିପାଇଁ ମହିଳାମାନଙ୍କୁ ନିଜ ପ୍ରତି ଧ୍ୟାନ ଦେବା ଜରୁରି। ପେଟର ଆକାର ବଢିବା ଯୋଗୁ ଚଲାବୁଲା କରିବା ତଥା ବସିବାରେ ଅସୁବିଧା ହୋଇଥାଏ। ଖାସ୍ କରି ଶୋଇବା ସମୟରେ ଗର୍ଭବତୀଙ୍କୁ ବିଶେଷ ଭାବେ ଧ୍ୟାନ ଦେବାକୁ ପଡେ। ଆସନ୍ତୁ ଜାଣିବା ଗର୍ଭାବସ୍ଥାରେ ଶୋଇବା ସମୟରେ କେଉଁ ସବୁ ଭୁଲ କରିବେ ନାହିଁ।

୧-ପେଟ ଉପରେ ଅଧିକ ଭାର ଦିଅନ୍ତୁ ନାହିଁ
ଗର୍ଭାବସ୍ଥାରେ ମା' ଶରୀର ଛୁଆର ଆଶ୍ରୟ ସ୍ଥଳୀ ହୋଇଥାଏ। ଏଥିପାଇଁ ଗର୍ଭବତୀ ମହିଳାମାନଙ୍କୁ ଶୋଇବାର ଢଙ୍ଗ ଉପରେ ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ଖାସ୍ କର ଶୋଇବା ସମୟରେ ଶରୀର ଅଧିକ ସମୟ ଯାଏଁ ଗୋଟିଏ ପୋଜିସନ୍‌ରେ ରହେ। ତେଣୁ ଗର୍ଭବତୀମାନେ ଶୋଇବା ସମୟରେ ଧ୍ୟାନ ଦେବେ ଯେପରି ପେଟ ଉପରେ ଅଧିକ ଭାର ପଡିବ ନାହିଁ। କାରଣ ଏହା ଦ୍ୱାରା ପେଟରେ ଥିବା ଶିଶୁ ଉପରେ ଖରାପ ପ୍ରଭାବ ପଡିଥାଏ।

୨-ଶୋଇବା ପୋଜିସନ୍ ପ୍ରତି ଧ୍ୟାନ ଦିଅନ୍ତୁ
ଗର୍ଭବସ୍ଥାରେ ବାମ କଡକୁ ମୁହଁ କରି ଶୋଇବା ଭଲ। ବାମ ପଟକୁ ମୁହଁ କରି ଶୋଇବା ଦ୍ୱାରା ଉଭୟ ମା' ଓ ଶିଶୁର ଶରୀରରେ ଠିକ୍ ଭାବେ ରକ୍ତପ୍ରବାହ ହୋଇଥାଏ। ଛୁଆକୁ ମଧ୍ୟ ଠିକ୍ ପରିମାଣରେ ଅମ୍ଳଜାନ ମିଳିଥାଏ। ଏହାଦ୍ୱାରା ଶିଶୁ ଉପରେ ଖରାପ ପ୍ରଭାବ ପଡିନଥାଏ।

୩-ଶୋଇବାର ଠିକ୍ ପୂର୍ବରୁ ପାଣି ପିଅନ୍ତୁ ନାହିଁ।
ଶୋଇବାର ଠିକ୍ ପୂର୍ବରୁ ପାଣି ପିଅନ୍ତୁ ନାହିଁ। ଶୋଇବା ପୂର୍ବରୁ ପାଣି ପିଇଲେ ରାତିରେ ଉଠି ବାଥରୁମ୍ ଯିବାର ଆବଶ୍ୟକତା ପଡିପାରେ। ଏଥିପାଇଁ ଶୋଇବାର ଏକଘଣ୍ଟା ପୂର୍ବରୁ ପାଣି ପିଅନ୍ତୁ।

୪-ଅଧିକ ଷ୍ଟ୍ରେସ୍ ନିଅନ୍ତୁ ନାହିଁ
ଗର୍ଭାବସ୍ଥାରେ ଚିନ୍ତା ଆପଣଙ୍କ ନିଦର ବଡ ଶତ୍ରୁ ହୋଇଥାଏ। କିନ୍ତୁ ଏହା ଆପଣଙ୍କର ହେବାକୁ ଥିବା ଶିଶୁ ପାଇଁ ଭଲ ନୁହେଁ। ଭଲ ନିଦ ପାଇଁ ମନ ପସନ୍ଦର ଗୀତ ଶୁଣନ୍ତୁ। ଭଲ ବହି ପଢିପାରିବେ ଏବଂ କମେଡି ସିନେମା ମଧ୍ୟ ଦେଖିପାରିବେ।

୫-ଆରାମ ଦାୟକ ପୋଷାକ ପିନ୍ଧନ୍ତୁ
ଗର୍ଭାବସ୍ଥାରେ ଢିଲା ସୂତାବସ୍ତ୍ର ପିନ୍ଧନ୍ତୁ। ଅଧିକ ରାଇଟ୍ ପୋଷାକ ପିନ୍ଧିଲେ ସ୍ୱାସ୍ଥ୍ୟ ପ୍ରତି ସମସ୍ୟା ସୃଷ୍ଟି କରିଥାଏ।

୬-ଶୋଇବା କକ୍ଷର ତାପମାତ୍ରା ଠିକ୍ ରହିବା ଆବଶ୍ୟକ
ଗର୍ଭବତୀଙ୍କ ଶୋଇବା କକ୍ଷ ଅଧିକ ଥଣ୍ଡା କିମ୍ବା ଅଧିକ ଗରମ ହୋଇନଥିବା ଆବଶ୍ୟକ। ରୁମ୍ ସର୍ବଦା ସଠିକ ତାପମାତ୍ରାରେ ରହିଲେ ଭଲ ନିଦ ହୋଇଥାଏ।



# ଗୁରୁକୂଳ ଠାରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ




ପାଟଣା,୦୪/୧୨ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ଗଦାଧରପୁର ନିକଟସ୍ଥ କୁଢଟାଙ୍ଗର ଠାରେ ଥିବା ଶ୍ରୀ ଗୁରୁକୁଳ ବିଦ୍ୟାଳୟ ତରଫରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ୨୦୨୪ ପାଳିତ ହୋଇ ଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶ୍ରୀ ଗୁରୁକୁଳ ବିଦ୍ୟାଳୟ ଠାରୁ ବାହାରି ବିଭିନ୍ନ ସ୍ଲୋଗାନ ଦେବା ସହିତ ଦିବ୍ୟାଙ୍ଗ ମାନେ କିଭଳି ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ସେମାନେ କିଭଳି ନିଜର ଅଧିକାର ସାବ୍ୟସ୍ତ କରିବା ସହିତ ପାଠପଢି ପାରିବେ, ଜଣେ ସାଧାରଣ ନାଗରିକ ଭଳି ବଞ୍ଚି ପାରିବେ ଏହି କଥାକୁ ସଚେତନତା ମାଧ୍ୟମରେ ଲୋକମାନଙ୍କୁ ବୁଝାଇବା ସହିତ ଗ୍ରାମ ପରିକ୍ରମା କରିଥିଲେ । ଏହା ପରେ ଶୋଭାଯାତ୍ରାକାରୀମାନେ ଗଦାଧରପୁର ସ୍ଥିତ ଶ୍ରୀ ହନୁମାନ ବାଟିକା ଠାରେ ଏକତ୍ରିତ ହୋଇଥିଲେ । ଏଠାରେ ପିଲାମାନେ ପଥପ୍ରାନ୍ତ ନାଟକ ପରିବେଷଣ କରିବା ସହିତ ବିଭିନ୍ନ ଚିତାକର୍ଷକ ନୃତ୍ୟ ପରିବେଷଣ କରି କିଛି ସମୟ ଧରି ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲେ । କାର୍ଯ୍ୟକ୍ରମରେ ଶ୍ରୀ ଗୁରୁକୁଳ ଇଂରାଜି ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା କିରଣବାଳା ସାହୁ, ଆଦିତ୍ୟ ନାରାୟଣ ବେହେରା, ଅନୁପମା ସାହୁ, ଶରତ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ସେହିଭଳି ଶ୍ରୀ ଗୁରୁକୁଳ ମଡେଲ ସ୍କୁଲର ପ୍ରଧାନ ଶିକ୍ଷକ ଅଖିଳ ପ୍ରଧାନ, ଶିକ୍ଷୟିତ୍ରୀ ଜୟନ୍ତୀସାହୁ, ବିଜୟିନୀ ସାମଲ, ଶିକ୍ଷକ ଗୌତମ ନାଏକ, ନିର୍ଦ୍ଦେଶିକା ସୁଶାନ୍ତି ସାହୁ ଏବଂ ବି.ଏଡ଼ ଏବଂ ଡି.ଏଡ଼ କଲେଜର ଅଧ୍ୟକ୍ଷ ରାଜେଶ କୁମାର ରାଉତ, ଦେବୀପ୍ରସାଦ ବାରିକ, ରବିନ୍ଦ୍ର କୁମାର ପାତ୍ର, ସରିତା ଗିରି ପ୍ରମୁଖ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଅନେକ ବୁଦ୍ଧିଜୀବୀ ମାନଙ୍କ କାର୍ଯ୍ୟକ୍ରମରେ ଯୋଗଦାନ ସହିତ କାର୍ଯ୍ୟକ୍ରମଟି ଶୃଙ୍ଖଳାର ସହ ଶେଷ ହୋଇଥିଲା । କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ସ୍ୱାଇଁ ମଞ୍ଚ ପରିଚାଳନା କରିବା ସହିତ ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭେଡେନ ଠାରେ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

ଭେଡେନ, ୦୪/୧୨ (ନି.ପ୍ର): ବରଗଡ଼ ଜିଲ୍ଲା ଭେଡେନ ଅନ୍ତର୍ଗତ ବୁର୍ଦା ହାଇସ୍କୁଲ ଖେଳ ପଡ଼ିଆ ଠାରେ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ସେମି ଫାଇନାଲରେ ବକଟି କ୍ରିକେଟ ଟିମ ବୁର୍ଦା କ୍ରିକେଟ ଟିମକୁ ପରାସ୍ତ କରି ପାଇନାଲକୁ ପ୍ରବେଶ କରିଥିଲେ । ଦ୍ୱିତୀୟ ସେମି ଫାଇନାଲରେ ରେମଣ୍ଡା କ୍ରିକେଟ ଟିମ ଶ୍ରୀରାମ ନଗର କ୍ରିକେଟ ଟିମକୁ ପରାସ୍ତ କରି ପାଇନାଲକୁ ପ୍ରବେଶ କରିଥିଲେ । ଫାଇନାଲ ମ୍ୟାଚ ବକଟି ଓ ରେମଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରେମଣ୍ଡା ଦଳ ସମସ୍ତ ଓ୍ୱିକେଟ ହରାଇ ୩୯ ରନ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ବକଟି କ୍ରିକେଟ ଟିମ ବିନା ଉଇକେଟରେ ମ୍ୟାଚକୁ ହାତେଇ ଚମ୍ପିୟାନ ହୋଇଥିଲେ । ମ୍ୟାନ ଅଫ ଦି ମ୍ୟାଚ ବକଟି କ୍ରିକେଟ ଟିମର ଦିପକ ବିବେଚିତ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ବୁର୍ଦା ଗ୍ରାମର ପୂର୍ବତନ କିକ୍ରେଟ ଖେଳାଳି ତଥା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମ ଲୋଚନ ଭୋସାଗର ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଦାସ ସୁରୁଜାଲ ଓ ଦୁଇପଦ୍ମ ଯୋଗଦେଇ ଖେଳାଳି ମାନଙ୍କ ଶୁଭକାମନା କରିଥିଲେ । ଗୁହାରି ମଲ୍ଲିକ ଓ ରୋସନ ନାଗ ଅମ୍ପାୟାର ଦାୟିତ୍ୱ ତୁଲାଇଥିବା ବେଳେ ଖେଳ ପରିଚାଳନା କରିଥିଲେ ବୁର୍ଦା ଗ୍ରାମର କ୍ରିକେଟ ଖେଳାଳୀ ଜିତୁ ମହାକୁଡ଼, ଟୁଚ, କୁନୁ ଜାମୁଡାଲୀଆ, ସୁରେନ୍ଦ୍ର ଓ ବୁର୍ଦା ଗ୍ରାମର କ୍ରିକେଟପ୍ରେମୀ ଓ ଗ୍ରାମ ବାସି ବୃନ୍ଦ ।

## ମାଝୀଗୁଡା ଗ୍ରାମରେ ଜୈବ ସାଧନ କେନ୍ଦ୍ର ଉଦଘାଟିତ



ନବରଙ୍ଗପୁର, ୦୪/୧୨ (ନି.ପ୍ର): ଘଡାଖୁଣ୍ଟା ପଞ୍ଚାୟତ ଅନ୍ତରଗତ ମାଝୀଗୁଡା ଠାରେ ମା' ଭଣ୍ଡାରୁଣୀ ଏସଏସଜି ଗ୍ରୁପ ଓ ହର୍ଷ ଟ୍ରଷ୍ଟର ମିଳିତ ଉଦ୍ୟମରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ବୈଷୟିକ ସହାୟତା ପାଇଁ ଜୈବ ସାଧନ କେନ୍ଦ୍ର ଉଦଘାଟନ ହୋଇଯାଇଛି । ଏହାର ମୂଳ ଉଦ୍ଦେଶ୍ୟ ହେଉଛି, ମହିଳା ଉଦ୍ୟୋଗୀ ଅଳ୍ପ ଖର୍ଚ୍ଚରେ କୀଟ ନାଶକ ପ୍ରସ୍ତୁତ କରିପାରିବେ ଏବଂ ସମସ୍ତେ ପ୍ରାକୃତିକ ଉପାୟରେ ଚାଷ କରିପାରିବେ । ଏଠାରେ ବିଭିନ୍ନ ପ୍ରକାର ଜୈବ କୀଟ ନାଶକ ଔଷଧ ମା ଭଣ୍ଡାରୁଣୀ ଏସଏସଜି ପ୍ରସ୍ତୁତି କରି ଚାଷି ମାନଙ୍କୁ ଯୋଗାଇ ଦେବେ । ଆଜିର ଏହି ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଘଡାଖୁଣ୍ଟା ସରପଞ୍ଚ ଲୀଳାଡେଇ ଭତ୍ରା, ମୁଖ୍ୟବକ୍ତା ଦୀପକ କିସର ନାୟକ, ସଂମ୍ମାନିତ ଅତିଥି ସମିତି ସଭ୍ୟ ପର୍ଶୁରାମ ଶବର, ଘଡାଖୁଣ୍ଟାଓ ବରିଗାଁ ଏମବିକେ, ଜିପିଏଲଏଫ ସଦର୍ଶ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର କାର୍ଯ୍ୟକ୍ରମରେ ଲଳିତ, ସୁବର୍ଣ୍ଣ, ରାଜୀବ, କିରନ, ବିମଳା ଏବଂ ଗ୍ରାମର ମହିଳାମାନେ ସହଯୋଗ କରିଥିଲେ ।

## ନିମାପଡ଼ା ଠାରେ ବିଜେପିର ସଭ୍ୟ ସଂଗ୍ରହ ଅଭିଯାନ ଓ ସକ୍ରିୟ ସଦସ୍ୟତା ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ

ନିମାପଡା, ୦୪/୧୨ (ନି.ପ୍ର): ମାନ୍ୟବର ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ମୁଖପାତ୍ର ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ ମହୋଦୟଙ୍କ ଅଧ୍ୟକ୍ଷତାରେ ନିମାପଡ଼ା ବ୍ଲକ ୩୨ ନଂ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ ସାଙ୍ଗଠନିକ ନେତୃତ୍ୱ ମାନଙ୍କୁ ନେଇ ସଭ୍ୟ ସଂଗ୍ରହ ଅଭିଯାନ ଏବଂ ସକ୍ରିୟ ସଦସ୍ୟତା ବିଷୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବ୍ଲକ ସଭାପତି ଅଶୋକ ସାହୁ, ପୂର୍ବତନ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇଙ୍କ ସମେତ ବ୍ଲକର ୩୨ଟି ପଂଚାୟତର ଲୋକ ପ୍ରତିନିଧି ଓ ବରିଷ୍ଠ ନେତୃତ୍ୱ ମାନେ ଯୋଗ ଦେଇଥିଲେ । ଆଗାମୀ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ତୃଣମୂଳସ୍ତରରୁ ଦଳକୁ ସୁଦୃଢ କରିବାକୁ କର୍ମୀ ଓ ଶକ୍ରିୟ ସଦସ୍ୟ ମାନଙ୍କୁ କହିଥିଲେ । ସଭ୍ୟ ସଂଗ୍ରହ କାର୍ଯ୍ୟକୁ ଆଗେଇ ନେବାକୁ ଶ୍ରୀ ଦାସ ଗୁରୁତ୍ୱ ଦେଇଥିଲେ ।

## କଣାସ ଅଞ୍ଚଳରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ

କଣାସ, ୦୪/୧୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଗୋପିନାଥପୁର ପଞ୍ଚାୟତ ବିଜୟ ବିହାର ଶିଶୁ ମନ୍ଦିର ଠାରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦ଜଣ ମହିଳା ଓ ପୁରୁଷ ଚକ୍ଷୁ ପରୀକ୍ଷା କରାଇ ନେଇଥିଲେ । ସେଥିମଧ୍ୟରୁ ୯ ଜଣଙ୍କର ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱର ପଠାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବଳରାମ ସାହୁ, କପିଳା ସାହୁ, ବିଜୟ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପାଟଣା ବନାଞ୍ଚଳରେ ପୁଣି ପଶିଲେ ହାତୀପଲ

ପାଟଣା, ୦୪/୧୨ (ନି.ପ୍ର): ଗତରାତି ପାଟଣା ଅଞ୍ଚଳକୁ ୨୭ ଟିକିଆ ହାତୀପଲ ପ୍ରବେଶ କରି କିଛି ସମୟ ଉପଦ୍ରବ କରିଥିବା ବେଳେ ପୁନଶ୍ଚ ଉଖୁଣ୍ଡା ଅଞ୍ଚଳକୁ ଫେରି ଯାଇଥିଲେ । ଆଜି ସକାଳୁ ପୁଣି ଏହି ହାତୀପଲ ପାଟଣା ବନାଞ୍ଚଳ ଖିରେଇଟାଙ୍ଗିରୀ ସେକ୍ସନ ଗୋଡିପୋଖରୀ ଗାଁକୁ ଧସେଇ ପଶିଥିଲେ । ହାତୀପଲ ଆସିବା ବାଟରେ ଏକର ଏକର ପାଚିଲା ଧାନ ଫସଲ ନଷ୍ଟ କରିଥିବା ଜଣାପଡିଛି । ଏହି ହାତୀପଲ ଗୋଡିପୋଖରୀ ଓ ବାଉଁସୁଳି ଗ୍ରାମର ଅନେକ ଚାଷଜମିରେ ଧନ ଫସଲ ନଷ୍ଟ କରିବା ପରେ ଆଜି ସନ୍ଧ୍ୟାରେ ଧନୁର୍ଜୟପୁର ଗ୍ରାମ ଇଲାକା ମୁହାଁ ହୋଇଥିବା ଦେଖାଯାଇଛି । ଖିରେଇଟାଙ୍ଗିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଗଜସାଥି ଓ ପାରା କର୍ମଚାରୀମାନେ ଏହି ହାତୀପଲଙ୍କ ଉପରେ ନଜର ରଖିଛନ୍ତି ।

## ଭିଜିଲାନ୍ସ ଜାଲରେ ପଡିଲେ ଜୟପୁର ପୌରପାଳିକା ନିର୍ବାହୀ ଯନ୍ତ୍ରୀ

ବେଲଗୁଣ୍ଠା, ୦୪/୧୨ (ନି.ପ୍ର): ଆୟ ବହିର୍ଭୁତ ସମ୍ପତି ଠୁଳ ମାମଲାରେ ଆଜି ଭିଜିଲାନ୍ସ ଅଧିକାରୀମାନେ ଜୟପୁର ବ୍ଲକ ଓ ପୌରପାଳିକାରେ ନିର୍ବାହୀ ଯନ୍ତ୍ରୀ ଭାବେ ଦାୟିତ୍ୱରେ ଥିବା ଅଧିକାରୀ ବିଶ୍ୱନାଥ ପାତ୍ରଙ୍କ ଘରେ ଅଚାନକ ଚଢ଼ାଉ କରିଥିବା ଜଣାପଡିଛି । ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବେଲଗୁଣ୍ଠା ସ୍ଥିତ ନିଜଘର ସମେତ ଭୁବନେଶ୍ୱର ତିନିମହଲା କୋଠା ଓ ଜୟପୁର ପୌର କାର୍ଯ୍ୟାଳୟ ସମେତ ଆସ୍କା ଆଦି ୬ଟି ସ୍ଥାନରେ ଏକାକାଳୀନ ଚଢ଼ାଉ ଚାଲିଛି । ଆଜି ଭିଜିଲାନ୍ସ ବିଭାଗର ୬ଜଣିଆ ଟିମ ବେଲଗୁଣ୍ଠା ସ୍ଥିତ କୋଳିସାହିରେ ଥିବା ବିଶ୍ୱନାଥ ପାତ୍ରଙ୍କ ଘରେ ସକାଳ ୮ଟା ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ତନାଘନା କରିଥିବା ଜଣାପଡିଛି ।

# ପାଟଣା ବ୍ଲକରେ ନୂତନ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ସ୍ୱାଗତ ଓ ପୂର୍ବତନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ପାଟଣା, ୦୪/୧୨ (ନି.ପ୍ର): ପାଟଣା ବ୍ଲକରେ କାର୍ଯ୍ୟରତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭେନ୍ଦୁ ମୋହନ ବଳଙ୍କର ବାଙ୍ଗିରିପୋଶି ବ୍ଲକକୁ ବଦଳି ହୋଇଥିବା ବେଳେ ସେଠାରେ କାର୍ଯ୍ୟରତ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସିପ୍ରାରାଣୀ ମହାନ୍ତଙ୍କର ପାଟଣା ବ୍ଲକକୁ ବଦଳି ହୋଇଛି । ସିପ୍ରାରାଣୀ ପାଟଣା ବ୍ଲକରେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଉଭୟ ପୂର୍ବତନ ଓ ନୂତନ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ସ୍ୱାଗତ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇବା ପାଇଁ ଆଜି ଡୁମୁରିଆ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁଧାକର ପଣ୍ଡାଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ମହାନ୍ତ ଏଠାରେ ସଭାପତିତ୍ୱ କରିଥିବା ବେଳେ ବାଉଁସୁଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ମହାନ୍ତ, ଟାଙ୍ଗରପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମକରଧ୍ୱଜ ମହାନ୍ତ, ଖିରେଇଟାଙ୍ଗିରିରୁ ପ୍ରଧାନଶିକ୍ଷକ ବିଜନ କୁମାର ପରିଡ଼ା, କେନ୍ଦେଇପଶି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସତ୍ୟଭାମା ମୁଣ୍ଡା , କେତାଙ୍ଗ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଲଭ ଚରଣ ମହାନ୍ତ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପୂର୍ବତନ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭେନ୍ଦୁ ମୋହନ ବଳଙ୍କୁ ସଭାରେ ଭବ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ନୂତନ ଅଧିକାରିଣୀ ସିପ୍ରାରାଣୀ ମହାନ୍ତଙ୍କୁ କାର୍ଯ୍ୟକ୍ରମରେ ସ୍ୱାଗତ କରାଯାଇଥିଲା ।

## ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉରେ ୨୧୯ ଲିଟର ଦେଶୀମଦ ଜବତ - ମହିଳାଙ୍କ ସମେତ ତିନି ଗିରଫ

ବାଣପୁର, ୦୪/୧୨ (ନି.ପ୍ର):ମଙ୍ଗଳବାର ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ, ବାଣପୁର ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ୨୧୯ ଲିଟର ଦେଶୀମଦ ଜବତ ହୋଇଥିବା ବେଳେ ତିନି ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ମାନେ ହେଲେ ବାଲୁଗାଁ ଥାନା ଅନ୍ତର୍ଗତ ବଡ଼କୁଳ ଛକ ନିକଟସ୍ଥ ରାମଚନ୍ଦ୍ର ସାହୁଙ୍କ ନିକଟରୁ ୧୦୮ ଲିଟର, କୃଷ୍ଣ ମୋହନ ସାହୁଙ୍କ ନିକଟରୁ ୧୦୨ ଲିଟର ଓ ବାଣପୁର ଥାନା ଅନ୍ତର୍ଗତ କୁରୁଞ୍ଜିପୁର ଗ୍ରାମର ମମତା ପଲେଇଙ୍କ ନିକଟରୁ ୯ ଲିଟର ଦେଶୀ ମଦ ଜବତ କରାଯାଇଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ କେଶ ନଂ ୧୯୪, ୧୯୫, ୧୯୬/୨୪ ରେ ପୃଥକ ଭାବେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ସୂଚନା ଦେଇଛନ୍ତି । ଉକ୍ତ ଚଢ଼ାଉରେ ବାଲୁଗାଁ ଅବକାରୀ ଅଧିକାରୀ ଶ୍ରୀ ମୁଦୁଲିଙ୍କ ସମେତ ଉପ-ଅଧିକାରୀ ସଞ୍ଜୟ କୁମାର ମୁଦୁଲି, କନେଷ୍ଟବଳ ଆଶୀଷ କୁମାର ପ୍ରଧାନ, ଚିନ୍ମୟୀ ଦାସ, ତୁଷାର ଚମ୍ପତି, କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

## ମହିଳାଙ୍କ ଗୋଡ଼ ଉପରେ ଚଢ଼ିଗଲା ଟ୍ରାକ୍ଟର : ଗୁରୁତର ମହିଳା କଟକ ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର

ପାଟଣା, ୦୪/୧୨ (ନି.ପ୍ର): ପାଟଣା ଥାନା ଅଞ୍ଚଳ ବେଗନା ଗ୍ରାମରେ ଜଣେ ମହିଳାଙ୍କୁ ଏକ ଟ୍ରାକ୍ଟର ଧକ୍କା ଦେବାରୁ ସେ ତଳେ ପଡ଼ିଯିବା ପରେ ତାଙ୍କର ବାମ ଗୋଡ଼ ଉପରେ ଟ୍ରାକ୍ଟର ଚଢ଼ି ଯାଇଛି । ଚକା ଚଢ଼ିଯିବା ଫଳରେ ଗୋଡଟି ମାଟିରେ ସମ୍ପୂର୍ଣ୍ଣ ମିଶି ଯାଇଥିଲା । ମୁମୂର୍ଷୁ ଅବସ୍ଥାରେ ଥିବା ଗୁରୁତର ମହିଳାଙ୍କୁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଗୁରୁତର ବିଧବା ମହିଳା ଜଣକ ବେଗନା ଗ୍ରାମର ସ୍ୱର୍ଗତ ନେପାଳ ସେଠୀଙ୍କ ବିଧବା ପତ୍ନୀ ସରସ୍ୱତୀ ସେଠୀ (୬୨) ବୋଲି ଜଣାପଡିଛି । ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବା ବେଳେ ଦୁର୍ଘଟଣା ଘଟାଇ ଥିବା ଟ୍ରାକ୍ଟରକୁ ପାଟଣା ଥାନା ଏଏସଆଇ ନୁଆସ ଲୁଗୁନ ଜବତ କରି ଥାନାକୁ ଆଣିଛନ୍ତି ।

## ନିମାପଡା : କ୍ରିକେଟ ଖେଳୁଥିବା ସମୟରେ ଟଳି ପଡିଲେ ଛାତ୍ର

ନିମାପଡା, ୦୪/୧୨ (ନି.ପ୍ର): ଆଜି ନିମାପଡା ଠାରେ ଏକ ଘରୋଇ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ କ୍ରିକେଟ ଖେଳ ସମୟରେ ଜଣେ +୩ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତ ଛାତ୍ରଙ୍କ ଘର ପୁରୀ ଜିଲ୍ଲା ବ୍ରହ୍ମଗିରି ନିକଟସ୍ଥ ଯାଦୁପୁର ଗ୍ରାମରେ । ଛାତ୍ର ଜଣକ ଟଳି ପଡିବା ଦେଖି ଅନ୍ୟ ଛାତ୍ରମାନେ ତାଙ୍କୁ ନିମାପଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକତ୍ସା ଲାଗି ନେଇଥିଲେ, ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଚିକତ୍ସା ଅବହେଳାରୁ ଛାତ୍ରଙ୍କ ମୃତ୍ୟୁ ଘଟିଛି ବୋଲି ଅନ୍ୟ ଛାତ୍ରମାନେ ହୋ-ହାଲ୍ଲା କରୁଥିବା ବେଳେ ଚିକତ୍ସା କରୁଥିବା ଡାକ୍ତର କହିନ୍ତି, ଛାତ୍ରକୁ ମେଡିକାଲକୁ ଆଣିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ନିମାପଡା ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରି ବ୍ୟବଛେଦ ଲାଗି ପଠାଇବା ସହିତ ଅଧିକ ତଦନ୍ତ ଜାରି ରଖିଛି ।

## କଣାସ ଅନ୍ତର୍ଗତ ବଡ଼ଓରା ଠାରେ ଇଫକୋର କୃଷକ ବିକାଶ ସଚେତନତାର ଶିବିର ଅନୁଷ୍ଠିତ



କଣାସ, ୦୪/୧୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ବଡ଼ଓରା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଇଫକୋ ସାର କମ୍ପାନୀ ତରଫରୁ ୩୦୦ କୃଷକ ଭାଇମାନଙ୍କୁ ନେଇ ଧାନ ଫସଲରେ ନାନୋ ସାର ସମ୍ବନ୍ଧୀୟ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।ଏହି କର୍ମଶାଳାରେ ଚାଷୀମାନେ କିଭଳି ଇଫକୋ କମ୍ପାନୀର ତରଳ ନାନୋ ୟୁରିଆ ପ୍ଲସ, ନାନୋ ଡି.ଏ.ପି ଏବଂ ଜଳ ଦ୍ରବଣୀୟ ସାର ଧାନ ଫସଲରେ ବ୍ୟବହାର କଲେ କମ ଖର୍ଚ୍ଚରେ କିଭଳି ଅଧିକା ଅମଳ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ତତ୍ ସହିତ ଇଫକୋ ଏମ.ସିର ଧାନ ଫସଲରେ ବ୍ୟବହାର କୀଟନାଶକ, ଘସମରା ଓ ଫଙ୍ଗିସାଇଡ ବିଷୟରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ସାକ୍ଷୀଗୋପାଳ ଏଡିଓ ଅଜୟ କୁମାର କର, ଇଫକୋ କ୍ଷେତ୍ର ପ୍ରବନ୍ଧକ ସମ୍ୟରଞ୍ଜନ ହାତି, ବିକ୍ରମ କେଶରୀ ପାତ୍ର, ଇଫକୋ ମର୍କେଟିଙ୍ଗ ମ୍ୟାନେଜର ସୁବାସ ଜେନା, ଇଫକୋ ଷ୍ଟେଟ ମର୍କେଟିଙ୍ଗ ମ୍ୟାନେଜର ଡ଼. ସୌମିକ୍ ମଣ୍ଡଲ, ଇଫକୋ ଏମ.ସିର ରେଜିଓନାଲ୍ ମର୍କେଟିଙ୍ଗ ମ୍ୟାନେଜର ଦିବ୍ୟ ରଞ୍ଜନ ଓତା ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ସଭାକୁ ଇଫକୋ ଡିଲର ପ୍ରସନ୍ନ କୁମାର ଜେନା ପରିଚାଳନା କରିଥିଲେ ।

## ଶୌଚାଳୟ ଥାଇ କାମରେ ଆସୁନି , ଜମିଜମା ପଞ୍ଜିକରଣ ପାଇଁ ଆସୁଥିବା ଲୋକେ ଶୌଚ ପାଇଁ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ



ଖୋର୍ଦ୍ଧା : ଉପ-ନିବନ୍ଧକ ଙ୍କ କାର୍ଯ୍ୟାଳୟ ପରିସର ଅଳିଆ ଆବର୍ଜନା ରେ ଭର୍ତ୍ତି ହୋଇ ଏକ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି କ୍ଷ ଦୈନିକ ବହୁ ସଂଖ୍ୟାରେ ଜନ ସାଧାରଣ ଜମି ଜମା ପଞ୍ଜିକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହି କାର୍ଯ୍ୟାଳୟ କୁ ଆସୁଥିବାବେଳେ ପିଇବା ପାଣି,ପୁରୁଷ ଓ ମହିଳା ଙ୍କ ନିମନ୍ତେ ଶୌଚାଳୟ ଏବଂ କୌଣସି ବିଶ୍ରାମ ଗାରର ସୁବିଧା ନାହିଁ। ଫଳରେ ସେମାନେ ବାଧ୍ୟ ହୋଇ ଉପ-ନିବନ୍ଧକ କାର୍ଯ୍ୟାଳୟ ପରିସର ମଧ୍ୟରେ ପରିଶ୍ରା ଏବଂ ମଳ ତ୍ୟାଗ କରୁଛନ୍ତି। ଦୈନିକ ଲକ୍ଷ ଲକ୍ଷ ଟଙ୍କା ର ରାଜସ୍ୱ ଆଦାୟ ହେଉଥିବା ଏହି କାର୍ଯ୍ୟାଳୟ ରେ ସାଧାରଣ ଲୋକଙ୍କ ପାଇଁ କୌଣସି ସୁବିଧା ନାହିଁ କ୍ଷ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାର ଏକ ଗୁରୁତ୍ୱ ପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଭାବେ ଜଣା ଶୁଣା ଉପ -ନିବନ୍ଧକ ଙ୍କ କାର୍ଯ୍ୟାଳୟ କୁ ଦୈନିକ ଶହ,ଶହ ଲୋକ ବୃଦ୍ଧ, ମହିଳା, ଶିଶୁ, ରୋଗୀ, ଗର୍ଭବତୀ ମହିଳା ପଞ୍ଜିକରଣ ନିମନ୍ତେ ଆସୁଥିବା ବେଳେ ସେମାନଙ୍କ ବସିବା ପାଇଁ କୌଣସି ବିଶ୍ରାମଗାର ନଥିବା ବେଳେ ଏଣେତେଣେ ଲୋକେ ବସୁଛନ୍ତି, ଶୌଚାଳୟ ନଥିବାରୁ ବିଶେଷ କରି ମହିଳାମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏତଦବ୍ୟତୀତ ଉପ-ନିବନ୍ଧକ ଙ୍କ କାର୍ଯ୍ୟାଳୟ ପରିସର ପ୍ରତ୍ୟେକ ଦିନ ସଫା ସୁତୁରା ହେଉନଥିବାରୁ କାର୍ଯ୍ୟାଳୟ ପରିସରରେ ଅଳିଆ ଆବର୍ଜନା ପଡ଼ିରହିଛି। ଫଳରେ ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏଥିପ୍ରତି ଉପ-ନିବନ୍ଧକ ଏବଂ ତାଙ୍କ କାର୍ଯ୍ୟାଳୟ ର କୌଣସି କର୍ମଚାରୀ ଧ୍ୟାନ ଦେଉନାହାନ୍ତି। ଖୋର୍ଦ୍ଧା ଉପ- ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କୁ ଲାଗି ଉପ-ନିବନ୍ଧକ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ପରିମଳ ବ୍ୟବସ୍ଥା ସମ୍ପୂର୍ଣ ଠପ ହୋଇପଡିଛି। ବିଭିନ୍ନ ଆଳ ଦେଖାଇ ପଞ୍ଜିକରଣ ପାଇଁ ଆସୁଥିବା ଲୋକଙ୍କୁ ଠାରୁ ବର୍ତ୍ତମାନ କାର୍ଯ୍ୟରତ ଅଧିକାରୀ ପୁଳା,ପୁଳା ଟଙ୍କା ରୋଜଗାର କରିବାରେ ବ୍ୟସ୍ତ କିନ୍ତୁ ସେମାନଙ୍କ ସୁବିଧା ପାଇଁ କୌଣସି ବ୍ୟବସ୍ଥା ନାହିଁ। କିନ୍ତୁ ଉପ-ନିବନ୍ଧକ ମହାଶୟ ନିଜ ପାଇଁ ବିଶ୍ରାମ କକ୍ଷ କରିସାରିଲେଣି, କିନ୍ତୁ କାର୍ଯ୍ୟାଳୟ ପରିସର ପରିମଳ ବ୍ୟବସ୍ଥା ପାଇଁ କୌଣସି ଧ୍ୟାନ ଦେଉନାହାନ୍ତି। ଏ ସମ୍ପର୍କ ରେ ଉପ-ନିବନ୍ଧକ ଙ୍କ କାର୍ଯ୍ୟାଳୟ କୁ ଆସୁଥିବା ଲୋକେ ଏବଂ ମୋହରିୟର ସଂଘ କର୍ମକର୍ତ୍ତା ବହୁବାର ଉପ-ନିବନ୍ଧକ ଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଛନ୍ତି। ଏନେଇ ଖୋର୍ଦ୍ଧାର ଜନସାଧାରଣ ଏବଂ ବୁଦ୍ଧିଜୀବୀ ମହଲରେ ଅସନ୍ତୁଷ୍ଟ ଦେଖାଦେଇଛି। ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବୀ ହେଉଛି ।

## ଭୁବନପୁର ଗ୍ରାମରେ ତ୍ରିନାଥ ମନ୍ଦିର ଓ ଠାକୁର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ଜଗତପୁର, ୦୪/୧୨ (ନି.ପ୍ର): କଟକ ମହାନଗର ନିଗମ ୪୮ ନମ୍ବର ଓ୍ୱାର୍ଡ ଅନ୍ତର୍ଗତ ଭୁବନପୁର ଗ୍ରାମରେ ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଓ ଠାକୁର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ତ୍ରିନାଥ ସେବା ସଂଗଠନ ପକ୍ଷରୁ କଳସ ଯାତ୍ରା, ପୂର୍ଣ୍ଣାହୂତୀ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ମୁରବୀ ଚିରଞ୍ଜୟ ବେହେରାଙ୍କ ଆବାହକତ୍ୱରେ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଯଜ୍ଞାନୁଷ୍ଠାନରେ କର୍ତ୍ତା ଭାବେ ଅମର ସାହୁ, ଓ କର୍ତ୍ତୀ ଭାବେ ସୁମିତ୍ରା ସାହୁ ପୂଜା କାର୍ଯ୍ୟ ସଂପାଦନ କରିଥିଲେ । ପୂଜକ ଭାବେ ପଣ୍ଡିତ ରଘୁନାଥ ହୋତା ଓ ତାଙ୍କ ସହଯୋଗୀ ରାହୁଲ ପଣ୍ଡା, ସଂପୂର୍ଣ ରୀତିନିତି ଅନୁଯାୟୀ ହୋମାଦି ଯଜ୍ଞ କାର୍ଯ୍ୟକ୍ରମ କରିଥିଲେ । ଏହି କାର୍ଯ୍ୟକ୍ରମରେ କର୍ପୋରେଟର ନଳିନୀ ବେହେରା, ବରିଷ୍ଠ ମୁରବୀ ନିର୍ମଳ ପଣ୍ଡା, ତୀର୍ଥାନନ୍ଦ ପଣ୍ଡା , କରୁଣାକର ଦାସ, ସୁବାଷ ମିଶ୍ର, ମାନସ ପରିଡା, କର୍ପୋରେଟରଙ୍କ ପ୍ରତିନିଧି ନାଗେଶ୍ୱର ବେହେରା, ହେମନ୍ତ ପଣ୍ଡା, ଯୋଗେନ୍ଦ୍ର ବାରିକ, ଦୟାନିଧି ବିଶ୍ୱାଳ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ସପନ ଡାକୁଆ, ଶ୍ରୀମନ୍ତ ପଣ୍ଡା, ପ୍ରକାଶ ବେହେରା, ଚିତ୍ତରଂଜନ ପଣ୍ଡା, ରବିନାରାୟଣ ଦାସ, ଦିବାକର ବେହେରା, ଗନ୍ଧର୍ବ ଦାସ, ପୁରୁଷୋତ୍ତମ ପରିଡା, ଜଗବନ୍ଧୁ ସ୍ୱାଇଁ, ଲକ୍ଷ୍ମୀଧର ମହାରଣା, ବାମାଚରଣ ଦାସ, ଅନନ୍ତ ବରାଳ, କୃପାସିନ୍ଧୁ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ମୁନିଗୁଡ଼ା ଠାରେ ଚଇତି ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମୁନିଗୁଡ଼ା, ୦୪/୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସଦର ମହକୁମା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ ଠାରେ ଗତକାଲି ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ଅଧକ୍ଷତାରେ ମୁନିଗୁଡ଼ାରେ ଚଳିତବର୍ଷ ଆୟୋଜିତ ହେବାକୁ ଥିବା ବ୍ଲକ-ସ୍ତରୀୟ ଚଇତି ଉତ୍ସବ ଧୂମଧାମରେ ପାଳନ କରିବା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସହକାରୀ ଯନ୍ତ୍ରୀ ଐଶ୍ୱରୀୟ ଭଞ୍ଜଦେଓଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଦୁଖିନୀ ନୁଣ୍ଡ଼ୁକା, ତହସିଲଦାର ଏମ୍.ଅନୁରାଧା, ଥାନା ଆଇଆଇସି ସୈଦାମିନୀ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ? ଶ୍ରୀ ଆଶିଷ ପଣ୍ଡା, ଜିଲ୍ଲା ପରିଷଦ ଉପାଧକ୍ଷ ସନ୍ତୋଷ ସୁନା, ସାଂସଦ ପ୍ରତିନିଧି ରଜନୀ କାନ୍ତ ପାଡାଲୁ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରା, ବିଜେପି ନେତା ରାମଚନ୍ଦ୍ର ବେହେରା, ବରିଷ୍ଠ ସାମ୍ବାଦିକ ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଯୋଗଦେଇଥିଲେ । ଚଳିତ ବର୍ଷ ୧୧ ଓ ୧୨ ତାରିଖ ଦୁଇଦିନିଆ ଚଇତି ଉତ୍ସବ ସ୍ଥାନୀୟ କଲେଜ ପଡ଼ିଆରେ ନିର୍ମାଣ ହେବାକୁ ଥିବା ଚଇତି ମଣ୍ଡପରେ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ମଶାଲ ଶୋଭାଯାତ୍ରା କରାଯିବା ସହ ପଞ୍ଚାୟତ ମାନଙ୍କରେ ଲୁଚି ରହିଥିବା ଲୁକ୍କାୟିତ ପ୍ରତିଭା ମାନେ ଚଇତି ମଣ୍ଡପରେ ସେମାନେ ତାଙ୍କର କଳାତ୍ମକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷଣ କରିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବା ସହ କ୍ରୀଡ଼ା ଓ ମିନି ମାରାଥନକୁ ସଂଯୋଜନା କରିବାକୁ ବିଇଓ ଏବଂ ଏବିଇଓଙ୍କୁ ଦାୟିତ୍ୱ ଦିଆଯାଇଛି । ଷ୍ଟଲ ଗୁଡ଼ିକର ପ୍ରଦର୍ଶନୀ ନିମନ୍ତେ ବିଦ୍ୟୁତ ବିଭାଗ ଦାୟିତ୍ୱ ? ନେଇଥାବା ବେଳେ ଶାନ୍ତି ଶୃଙ୍ଖଳା ?ବଜାୟ ରଖିବାକୁ ମୁନିଗୁଡ଼ା ପୋଲିସ ଦାୟିତ୍ୱ ବହନ କରିବେ । ଏହିଭଳି ଏହି କାର୍ଯ୍ୟକ୍ରମ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିପିଓ ମନୋରଞ୍ଜନ ବେହେରା, ମଙ୍ଗଳ ବିଭାଗର କୃଷ୍ଣଚନ୍ଦ୍ର ବେହେରା, ବିପିଏମ୍ କ୍ଷୀରୋଦ ଭୂୟାଁ, ରେଞ୍ଜର ଅନୀଲ କୁମାର ବାଲା, ସିଡ଼ିପିଓ ଡାଳିମ୍ବ ନାୟକ, ନିଳାମ୍ବର ବିଭାର, ପ୍ରକାଶ କରସିକା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

## କୋଷାଗୁମୁଡ଼ା ଠାରେ ସଂକୁଳ କ୍ରୀଡ଼ା ସମାରୋହ ପାଳନ

କୋଷାଗୁମୁଡ଼ା, ୦୪/୧୨ (ନି.ପ୍ର): ସୋମବାର ଦିନ ଶିକ୍ଷା ବିକାଶ ସମିତି, ଓଡ଼ିଶା ଆନୁକୂଲ୍ୟରେ ନବରଙ୍ଗପୁର ସଂକୁଳ ଦ୍ୱାରା କୋଷାଗୁମୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସହଯୋଗରେ କୋଷାଗୁମୁଡ଼ା ସଦର ଲକ୍ଷ୍ମଣ ନାୟକ ମିନି ଷ୍ଟାଡିୟମ ଠାରେ ସ୍ଥାନୀୟ ଅଧିଷ୍ଠିତ ଦେବତା ରାଜ ଚଉଁରିଆଙ୍କ ମନ୍ଦିର ଠାରୁ ମଶାଲ ବାହାରି ଖେଳପଡ଼ିଆରେ ପହଞ୍ଚି ସେଠାରେ ମା ସରସ୍ୱତୀ ଓ ମା ଭାରତୀଙ୍କ ଫୋଟୋରେ ପୁଷ୍ପମାଲ୍ୟ, ଦୀପ ଜାଳି ସଂକୁଳ କ୍ରୀଡ଼ା ସମାରୋହ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମର ଉଦଘାଟନରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଡାଳିମ୍ବ ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବରେ ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀ, କ୍ରୀଡ଼ା ସଭାପତି ଭୁବନେଶ୍ୱର ନାୟକ, ସମ୍ପାଦକ ସତ୍ୟନାରାୟଣ ଚୌଧୁରୀ, ନବରଙ୍ଗପୁର ସଂକୁଳ ସଂଯୋଜକ ପ୍ରସନ୍ନ ବକ୍ସିଆ, ସଂକୁଳ କ୍ରୀଡ଼ା ଆଚାର୍ଯ୍ୟ ମୁକୁନ୍ଦ ଯାନୀ, ପ୍ରଧାନ ଆଚାର୍ଯ୍ୟ ବ୍ରଜମୋହନ ବିଶ୍ୱାଳ ମଞ୍ଚାସିନ ଥିଲେ । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର, ଖାତିଗୁଡ଼ା, ଡୋହଣା, ଅଞ୍ଚଳଗୁମ୍ମା, ପୁଜାରୀଗୁଡ଼ା, ପାପଡାହାଣ୍ଡି, ନୋଉଲପୁର ଓ କୋଷାଗୁମୁଡ଼ାରୁ ପ୍ରାୟ ୧୩୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଅପରାହ୍ନରେ ଉଦଯାପିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସଂକୁଳ ପ୍ରମୁଖ ସଞ୍ଜୀବ ତ୍ରିପାଠୀ ଏବଂ ସ୍ଥାନୀୟ ପରିଚାଳନା ସମିତିର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ପବିତ୍ର ମୋହନ ସାହୁ, ଗଜେନ୍ଦ୍ର ମିଶ୍ର, ରାଧାକୃଷ୍ଣ ବିଶୋଇ, ଅଶୋକ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଗୁହା, ଯୁଧିଷ୍ଠିର ହରିଜନ ଥିବା ବେଳେ କ୍ରୀଡ଼ା ପରିଚାଳନାରେ ପରଦେଶୀ ପୂଜାରୀ, ସୁଜିତ ଘଣା, ମନୋଜ ରଞ୍ଜିତଙ୍କ ସହ ରାମଚନ୍ଦ୍ର ମହାନ୍ତି, ଛବିରାଣୀ ପଟ୍ଟନାୟକ, କଳ୍ପନା ପଟ୍ଟନାୟକ, ସସ୍ମିତା ପାଢ଼ୀ, ସଞ୍ଜୟ ସାହୁଙ୍କ ସହ କୋଷାଗୁମୁଡ଼ା ଶିଶୁମନ୍ଦିରର ସମସ୍ତ ସେବକ ସେବୀକାଙ୍କ ସହଯୋଗରେ ସଂକୁଳ କ୍ରୀଡ଼ା ବହୁ ସୁନ୍ଦର ଭାବରେ ପାଳନ ହୋଇଥିଲା ।

## ଶ୍ରୀ ଅନ୍ନ ଅଭିଯାନ ଆନୁକୁଲ୍ୟରେ ବଡସିହାରେ କ୍ଷେତ୍ର ଦିବସ ଓ ଫସଲକଟା ପରୀକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ




ମୟୂରଭଞ୍ଜ, ୦୪/୧୨ (ନି.ପ୍ର):ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ କୃଷି ବିଭାଗ ଏବଂ ଜାମଦା ଦୁଲାଲ ସଂଗଠନ ପକ୍ଷରୁ ତାରଣା ପଞ୍ଚାୟତ ବଡ଼ସିହା ଗ୍ରାମର ମହିଳା ଚାଷୀ ଯମୁନା ସୋରେନଙ୍କ ଜମିରେ ଶ୍ରୀଅନ୍ନ ଅଭିଯାନ ବଡସିହାରେ କ୍ଷେତ୍ର ଦିବସ ଓ ଫସଲକଟା ପରୀକ୍ଷଣ କାର୍ଯ୍ୟକ୍ରମ ଜାମଦା କୃଷି ଅଧିକାରିଣୀ ଶୁଭଲକ୍ଷ୍ମୀ ଦାଶଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମାଣ୍ଡିଆ ଅଧିକ ଉତ୍ପାଦନ ପାଇଁ କିଭଳି ଭାବରେ ଚାଷ କରାଯିବ, ସାରର ବ୍ୟବହାର ଏବଂ କିପରି ଅମଳ କରାଗଲେ ଚାଷୀ ଅଧିକ ଲାଭବାନ ହୋଇପାରିବ ସେ ସମ୍ପର୍କରେ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇ ଶିକ୍ଷା ଗ୍ରହଣ କରିବା ସହ ସଚେତନ ହୋଇଥିଲେ । ରାସାୟନିକ ସାର ବ୍ୟବହାର ନ କରି ଜୈବିକ ଖତ ବ୍ୟବହାର କରିଲେ ମାଣ୍ଡିଆ ଅଧିକ ଉତ୍ପାଦନ ହୋଇପାରିବ । ମାଣ୍ଡିଆକୁ ରାଜ୍ୟ ଓ କେନ୍ଦ୍ର ସରକାର ଅଧିକ ପ୍ରୋତ୍ସାହନ ଦେଉଥିବାରୁ ଠିକ୍ ରୂପେ ଚାଷ କରିପାରିଲେ ଚାଷୀ ଲାଭାନ୍ୱିତ ହୋଇପାରିବେ ଏବଂ ମାଣ୍ଡିଆ ବୁଣିବା ଦିନଠାରୁ ଅମଳ କରିବା ଯାଏଁ ତଥା ଶସ୍ୟକୁ ବିକ୍ରୟ ପର୍ଯ୍ୟନ୍ତ ସରକାର ସମସ୍ତ ଦାୟିତ୍ୱ ନେଉଥିବାରୁ ମାଣ୍ଡିଆ ଚାଷ ଚାଷୀ ପାଇଁ ଲାଭ ପ୍ରଦକ ବୋଲି ଦୁଲାଲ ସଂଗଠନର ଜାମଦା ବ୍ଲକ ସଂଯୋଜକ ଆଦିକନ୍ଦ ବେହେରା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଦୁଲାଲ ସଂଗଠନର ସହ-ସଂଯୋଜକ ମଳୟ ରଂଜନ ଜେନା, ସିଆରପି ଦୁଲାରାମ ସୋରେନ ଏବଂ ସମସ୍ତ ସିଆରପି ଉପସ୍ଥିତ ରହି କ୍ଷେତ୍ର ଦିବସକୁ ସଫଳ କରିଥିଲେ ।

## ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ନିଶ୍ଚିନ୍ତକୋଇଲି, ୦୪/୧୨ (ନି.ପ୍ର): ପ୍ରତ୍ୟେକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆଦର ଏବଂ ସମ୍ମାନ ଜଣାଇବା ସେମାନଙ୍କର ଉନ୍ନତି ପାଇଁ ନିରନ୍ତର ପ୍ରଚେଷ୍ଟା ଜାରୀ ରଖିବା ଉଦ୍ଦେଶ୍ୟରେ ସାରା ଭାରତ ବର୍ଷରେ ଡିସେମ୍ବର ୩ ତାରିଖକୁ ଆର୍ନ୍ତଜାତିୟ ଭିନ୍ନକ୍ଷମ ଦିବସ ଭାବେ ପାଳନ କରାଯାଉଛି । ଆମ ରାଜ୍ୟ ଓଡିଶାରେ ମଧ ସାମାଜିକସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ଓଡିଶା ସରକାର ୩ ଡିସେମ୍ବରକୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଭାବେ ପାଳନ କରୁଛି । ଏହି ପରୀପ୍ରେକ୍ଷୀରେ ନିଶ୍ଚିନ୍ତକୋଇଲି ମଣ୍ଡଳ ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବାବା ମୁକୁନ୍ଦଦାସ ସରକାରୀ ଉଚ୍ଚ ବିଦ୍ୟାଳୟ (ବଡକ୍ଷୀର-ଗୋପପୁର) ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଭିନ୍ନକ୍ଷମ ଛାତ୍ର ଛାତ୍ରୀମାନଙ୍କୁ ନେଇ ଏକ ପ୍ରଭାତ ଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଭିନ୍ନକ୍ଷମ ଛାତ୍ର ଛାତ୍ରୀମାନେ ବିଭିନ୍ନ ପ୍ରକାର ପ୍ରଚାରପତ୍ର ଧରି ଆମେ ନୋହୁ ଅକ୍ଷମ, ଆମେ ସଭିଏଁ ସକ୍ଷମ ନାରାବାଜି ଦେଇ ଗ୍ରାମ ପରିକ୍ରମା କରିଥିଲେ । ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ହୋଇଥିଲା । ଆୟୋଜିତ ଉତ୍ସବରେ ଧଳପଡା ସାଧନକେନ୍ଦ୍ର ସଂଯୋଜକ ନରେନ୍ଦ୍ରନାଥ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ବାରିକ,ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରିଣୀ ନିଶ୍ଚିନ୍ତକୋଇଲି ପାର୍ବତୀ ନନ୍ଦ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିବିକ୍ରମ ସ୍ୱାଇଁ ଯୋଗଦେଇଥିଲେ । ସମ୍ବଳ ଶିକ୍ଷକ ରଣଜିତ୍ ? ମଲିକ, ଶିକ୍ଷୟିତ୍ରୀ ଗାୟତ୍ରୀ ବଳ, ଅନିଳା ଷଡଙ୍ଗୀ, ନିଶ୍ଚିନ୍ତକୋଇଲି ମଣ୍ଡଳ ସମସ୍ତ ଅନ୍ତର୍ନିବେଶୀ ଶିକ୍ଷା ସହାୟକ ଓ ସହାୟିକା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ୬୦ ରୁ ଉଦ୍ଧ୍ୱର୍ ଭିନ୍ନକ୍ଷମ ଛାତ୍ର ଛାତ୍ରୀ ଯୋଗଦେଇଥିଲେ । ସମସ୍ତ ପ୍ରତିଯୋଗୀମାନଙ୍କୁ ଖାତା, କଲମ, ଗ୍ଲାସ୍ ଓ ଟୋପି ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବାବା ମୁକୁନ୍ଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନୂତନ ସର୍ଭେ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ

ନୂଆପଡା, ୦୪/୧୨ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ସୁନାପୁର ଗ୍ରାମ ପଞ୍ଚାୟତରେ ଗତକାଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ତାଲିମ ଶିବିର ଆୟୋଜିତ ହୋଇଯାଇଛି । ଏଥିରେ ସ୍ଥାନୀୟ ସରପଞ୍ଚ ମୁକ୍ତା ରାଉତ, ପଞ୍ଚାୟତ କାର୍ଯ୍ୟ ନିର୍ବାହ ଅଧିକାରୀ ହୃଷିକେଶ ବୈଠାରୁ, ଜିଓ-ଟ୍ୟାଗ ଅଧିକାରୀ ବିଜୟ ଜଗତ, ପମ୍ପା କାଣ୍ଡଙ୍କ ସମେତ ଗ୍ରାମ ପଞ୍ଚାୟତର ସମସ୍ତ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେଉଁ ମାନେ ଏହି ଯୋଜନାର ଲାଭ ଉଠାଇ ପାରିବା ସହିତ କିଭଳି ଆବେଦନ କରିବେ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀ ସମସ୍ତଙ୍କୁ ଅବଗତ କରିଥିଲେ । ଯେଉଁ ମାନେ ଅସହାୟ, ବାସହୀନ, ଭିନ୍ନକ୍ଷମ, ବିଧବା, କଚ୍ଚା ଘର ହୋଇଥିବ ଏହା ସହିତ ମାସିକ ୧୫ ହଜାରରୁ କମ ଆୟ ରହିଥିବ ତଥା ଯୋଗ୍ୟ ହିତାଧିକାରୀ କିଭଳି ଏହି ଯୋଜନାର ସୁଫଳ ପାଇପାରିବେ ସେ ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ । କିଭଳି ଅନଲାଇନ ମାଧ୍ୟମରେ ଆବେଦନ କରାଯିବ ଓ କେଉଁ କାଗଜପତ୍ର ଆବଶ୍ୟକ ଯଥା ଆଧାର କାର୍ଡ, ଜବ କାର୍ଡ, ଫୋଟୋ, ବ୍ୟାଙ୍କ ପାସବୁକ, ସରକାରଙ୍କ ଦ୍ୱାରା ଉପଲବ୍ଧ ହେବାକୁ ସ୍ୱତନ୍ତ୍ର ଆପ ମାଧମରେ ଆବେଦନ କରିପାରିବେ ସେ ବିଷୟରେ ଆଲୋଚନା କରି ଲୋକଙ୍କୁ ବୁଝାଇ ଥିଲେ ।

## ପୋଲସରାରେ ହସ୍ତଶିଳ୍ପ ବିଭାଗ ଅଧିକାରୀ ଓ ହସ୍ତଶିଳ୍ପ କାରିଗରଙ୍କ ବୈଠକ ଅନୁଷ୍ଠିତ



ପୋଲସରା, ୦୪/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୋଲସରା ବ୍ଲକର ମଥୁରା କାହ୍ନୁ ଚରଣ ହାଇସ୍କୁଲ ନିକଟ ସପ୍ତେଶ୍ୱର ମନ୍ଦିର ପରିସରରେ ହସ୍ତଶିଳ୍ପ ବିଭାଗ ଅଧିକାରୀ ବୃନ୍ଦ ଓ ହସ୍ତଶିଳ୍ପ କାରିଗରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସରକାରୀ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ହସ୍ତଶିଳ୍ପ ବିଭାଗ ସହ-ନିର୍ଦ୍ଦେଶକ ନରେନ୍ଦ୍ର ନାଥ ସିଂ, ଏଚପିଓ ସତ୍ୟବ୍ରତ ରାଉତରାୟ, ଏଚପିଓ ଜଗଦୀଶ ମିଶ୍ର, ମଥୁରା ଗ୍ରାମ ପଞ୍ଚାୟତ ସରପଞ୍ଚ ସୁନୀତା କୁମାରୀ ବେହେରା, ସମିତିସଭ୍ୟା ମିନତି ପାତ୍ର, ହସ୍ତଶିଳ୍ପ ବିଭାଗ ଜିଲ୍ଲା ସଂଯୋଜକ ମଙ୍ଗୁଲୁ ସାହୁ, ଅବସର ପ୍ରାପ୍ତ ରାଜ୍ୟ କୋପେରେଟିଭ ସୋସାଇଟି ସହ ନିର୍ଦ୍ଦେଶକ ବିଜୟ କୁମାର୍ ସାହୁ, ପଥର ଖୋଦେଇ ଏମସିଏମ ମାଷ୍ଟର ଜଗବନ୍ଧୁ ମହାପାତ୍ର, ଉତ୍କଳୀୟ ଭାସ୍କର୍ଯ୍ୟ ଚିତ୍ରଶିଳ୍ପୀ ସମାଜ ସଭାପତି ପ୍ରଫୁଲ୍ଲ ମହାରଣା, ଆଠଗଡ଼ ତାଲୁକା କଂସାରି ସମାଜ ସଭାପତି ଅଶ୍ୱିନୀ କୁମାର ସାହୁ, ରାମକୃଷ୍ଣ ମହାରଣା, ଦିବାକର ସାହୁ, ପ୍ରମୋଦ କୁମାର ସାହୁ, ଧନୁ ମହାରଣା, ସୀମାଦ୍ରି ସାହୁ, ବଳରାମ ମହାରଣା, ପ୍ରକାଶ ଚନ୍ଦ୍ର ସାହୁ, ବିଦେଶୀ ସାହୁ, ଗଙ୍ଗାରାମ ବେହେରା, ସାରଥୀ ନାୟକ, ସ୍ୱୟଂ ସହାୟକ ମହିଳା ଗ୍ରୁପ ସଭାନେତ୍ରୀ ପଦ୍ମାଳୟା ସାହୁଙ୍କ ୨୦୦ରୁ ଉର୍ଦ୍ଧ ହସ୍ତଶିଳ୍ପୀ କାରିଗର ଉପସ୍ଥିତ ଥିଲେ ।

# ଆନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡିଶା ଦ୍ୱିତୀୟ



ପୋଲସରା, ୦୪/୧୨ (ନି.ପ୍ର): ରାଜଧାନୀ ଦିଲ୍ଲୀର ପ୍ରଗତି ମୈଦାନରେ ଚାଲିଥିବା ଆନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡିଶା ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଥିବା ବେଳେ ମେଳାରୁ ଫେରିଥିବା ପୋଲସରା ବ୍ଲକର ପ୍ରଭାସିନୀ ସାହୁଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଓରମାସ ପକ୍ଷରୁ ଗଞ୍ଜାମ ଜିଲ୍ଲାର ପୋଲସରା ଓ ଛତ୍ରପୁର ବ୍ଲକର ପଲ୍ଲୀରେ ପ୍ରତିଷ୍ଠିତ ଉତ୍ପାଦିକା ଗୋଷ୍ଠୀଙ୍କ ମଧ୍ୟରୁ ଦୁଇଜଣ ମହିଳା ଅଂଶଗ୍ରହଣ କରିଥିଲେ । ପ୍ରଶାସନର ନିଷ୍ପତ୍ତିକ୍ରମେ ପୋଲସରା ବ୍ଲକର ଲକ୍ଷ୍ମଣପଲ୍ଲୀ ଗ୍ରାମର ପ୍ରଭାସିନୀ ସାହୁ ଓ ଛତ୍ରପୁର ବ୍ଲକର ଅଞ୍ଜଳି ବେହେରା ପଲ୍ଲୀରୁ ଯାଇ ଦିଲ୍ଲୀରେ ଅନୁଷ୍ଠିତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଯୋଗଦେଇ ଥିଲେ । ସେଠାରେ ତାଙ୍କ ଷ୍ଟଲରେ ଥିବା ଆଚାର, ବଡ଼ି, ପାମ୍ପଡ, ଛତୁଆ, ଷୋରିଷ, ଅଗରବତୀ ଓ କିଆ ଫୁଲରୁ ପ୍ରସ୍ତୁତ ସୁଗନ୍ଧିତ ଅତର ସହିତ ଓଡ଼ିଶାରୁ ଯାଇଥିବା ବିଭିନ୍ନ ଷ୍ଟଲ୍ ଜିନିଷ ପ୍ରତି ବହୁତ ଚାହିଦା ରହିଥିବା ବେଳେ ସେମାନଙ୍କ ବ୍ୟବହାର ଉତ୍ତମ ହୋଇଥିବାରୁ ଏହି ମେଳାରେ ଓଡ଼ିଶା ଦ୍ୱିତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଠାରୁ ରୌପ୍ୟ ପଦକ ଉପହାର ପାଇଥିଲେ । ଏହା ଓଡ଼ିଶାର ମିଶନ ଶକ୍ତି ପାଇଁ ଗୌରବ ଆଣିପାରିଛି । ଗତକାଲି ପ୍ରଭାସିନୀ ସାହୁ ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ପଞ୍ଚାୟତ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବୁଢେଇଶୁଣୀ ପଞ୍ଚାୟତ ସରପଞ୍ଚ ମନୋଜ ପରିଡ଼ାଙ୍କ ଦ୍ୱାରା ଏକ ସଭାର ଆୟୋଜନ କରାଯାଇ ପ୍ରଭାସିନୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟା ସରିତା କୁମାରୀ ଦେବୀ, ଯନ୍ତ୍ରୀ ସୁବ୍ରାନ୍ତ ପ୍ରସାଦ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରହରି ପ୍ରଧାନ, ଯୋଗାଣ ସହାୟିକା ପ୍ରଭାସିନୀ ସାହୁ ସମେତ ସମସ୍ତ ଏମବିକେ, ସିଆରପି ସହ ମହିଳା ଗୋଷ୍ଠୀ ଓ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ ।

## କଲେଜର ମୁଖ୍ୟ କିରାଣୀଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ



ବୁଗୁଡା, ୦୪/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ପିପୁଲସ କଲେଜର ମୁଖ୍ୟ କିରାଣୀ କିଶୋର ଚନ୍ଦ୍ର ନାୟକଙ୍କୁ ଡିସେମ୍ବର ୦୩ ତାରିଖ ଦିନ କଲେଜର କର୍ମଚାରୀ ସଂଘ ପକ୍ଷରୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସର କାଳୀନ ସମ୍ବର୍ଦ୍ଧନା ସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା । ଅବସର କାଳୀନ ସମ୍ବର୍ଦ୍ଧନା ସଭା କଲେଜର ପ୍ରିନ୍ସପାଲ ପ୍ରଫେସର ହରିକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ କଲେଜ କର୍ମଚାରୀ ସଂଘ ସମ୍ପାଦକ ଡକ୍ଟର ହିମାଂଶୁ ଶେଖର ରଥ, ସହଯୋଗୀ ସମ୍ପାଦକ ଡକ୍ଟର ଜୟରାମ ବିଷୋୟୀ ଓ ନଭେମ୍ବର ୩୦ ତାରିଖରେ ଅବସର ଗ୍ରହଣ କରିଥିବା ମୁଖ୍ୟ କିରାଣୀ କିଶୋର ଚନ୍ଦ୍ର ନାୟକ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କଲେଜର ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ଏବଂ ସମସ୍ତେ ଶ୍ରୀ ନାୟକଙ୍କ ଅବସର ସମୟ ଖୁସିରେ କଟିବା ପାଇଁ ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଅବସର ଗ୍ରହଣ କରିଥିବା ମୁଖ୍ୟ କିରାଣୀ ଶ୍ରୀ ନାୟକ କଲେଜରେ ତାଙ୍କର ଅନୁଭୂତି ପ୍ରକାଶ କରିବା ସହ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

## କର୍ଲାମୁଣ୍ଡା ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂତନ ସର୍ଭେ ସମ୍ବନ୍ଧୀୟ ତାଲିମ ଶିବିର ଆୟୋଜିତ



କର୍ଲାମୁଣ୍ଡା, ୦୪/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ଆଦି ପଞ୍ଚାୟତ ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଆଜି ରିଷିଡା ଗ୍ରାମପଞ୍ଚାୟତ ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନୂତନ ସର୍ଭେ ସମ୍ବର୍ଦ୍ଧିୟ ଡିଜିଟାଲ ପ୍ରୋଜେକ୍ଟ ତାଲିମ ଶିବିର ଆୟୋଜିତ ହୋଇଯାଇଛି । ଏଥିରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ରଣା, ସରପଞ୍ଚ ସେବତୀ ରଣା, ନାଏବ ସରପଞ୍ଚ ନରେଶ କେଡ଼ିଆ ଏବଂ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ସଭ୍ୟ-ସଭ୍ୟା, କର୍ମଚାରୀ ଓ ପଞ୍ଚାୟତ ଅଧିନରେ ଥିବା ସମସ୍ତ ଗ୍ରାମର ହିତାଧିକାରୀ ମାନେ ଏହି ଆବାସ ଯୋଜନା ନୂତନ ସର୍ଭେ ତାଲିମ ଶିବିରରେ ଯୋଗ ଦେଇଥିଲେ ।

## ଦୀର୍ଘ ଦିନର ଦାବି ପରେ କଳାହାଣ୍ଡି ଜିଲ୍ଲା ପୌରକେଲାରେ ଉଦଘାଟିତ ହେଲା ନୂତନ ଧାନ ମଣ୍ଡି

କର୍ଲାମୁଣ୍ଡା, ୦୪/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପ୍ରାଥମିକ କୃଷି ସେବା ସମବାୟ ସମିତି ଅଧିନସ୍ଥ ପୌରକେଲା ଗ୍ରାମପଞ୍ଚାୟତର ପୌରକେଲା ଠାରେ ନୂତନ ଭାବେ ଖରିଫ ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ପୂର୍ବରୁ ପୌରକେଲାର ଚାଷୀଙ୍କୁ ପ୍ରାୟ ପାଞ୍ଚ କିଲୋମିଟର ଦୂର ରିଷିଡାକୁ ଧାନବିକ୍ରୟ କରିବା ପାଇଁ ଆସିବାକୁ ପଡୁଥିଲା । ଚାଷୀ ଖର୍ଚ୍ଚାନ୍ତ ଓ ହଇରାଣ ହେଉଥିଲେ ତେଣୁ ଦୀର୍ଘଦିନରୁ ପୌରକେଲାରେ ମଣ୍ଡି ଖୋଲିବାକୁ ଦାବି ହୋଇ ଆସୁଥିଲା, ଏହି ବର୍ଷ ତାହା ପୂରଣ ହୋଇଥିବାରୁ ପଞ୍ଚାୟତ ବାସୀ ବେଶ ଉତ୍ସାହିତ ଅଛନ୍ତି । ଏହି ଉଦଘାଟନରେ କର୍ଲାମୁଣ୍ଡା ତହସିଲଦାର ଅରୁଣ ବର୍ଗେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ପୌରକେଲା ସରପଞ୍ଚ ଯଶୋସ୍ୱିନୀ ଧରୁଆ, ଯୋଗାଣ ନିରୀକ୍ଷକ ନିରଞ୍ଜନ ଜେନା, ରିଷିଡା ରାଜସ୍ୱ ନିରୀକ୍ଷକ ଗିରିଶ ଚନ୍ଦ୍ର ସାହୁ, ରିଷିଡା ପେକ୍ସ ସଭାପତି ଗୋକୁଳ ମାଝୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପେକ୍ସ ନିର୍ଦ୍ଦେଶକ ଦୟାନିଧି ସାହୁ, ଲକ୍ଷ୍ମଣ ଭୋଇ, ଯୁଗଳ କିଶୋର ରଣା, ରାଧାକାନ୍ତ ସେଠ, ସତ୍ୟନାରାୟଣ କୁମାର, ପ୍ରଦୀପ ଗହୀର, ପ୍ରମୋଦ ସାହୁ, ବୈବସ୍ୱତ ସୁନା, ମଙ୍ଗଳୁ ଭୋଇଙ୍କ ସମେତ ଆରଏମସିରୁ ବନମାଳୀ ସୁନା, ପେକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋଲାପ ରଣା, ଶିଶୁପାଳ ରଣା, ଶୋଭାକର ରଣା, ବାସୁଦେବ ରଣା, ସତ୍ୟବାନ ସୁନା, ଯୁଗଳକିଶୋର ରଣା ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମକୁ ମଧୁସୂଦନ ବାଗ ସଂଯୋଜନା କରିଥିଲେ ।

## ଇନ୍ଦ୍ରାବତୀ ପ୍ରକଳ୍ପରୁ ଜଳ ସେଚନ ବନ୍ଦ ପ୍ରତିବାଦରେ ରାଜରାସ୍ତା ଅବରୋଧ - ପ୍ରଶାସନର ନିଘା ନାହିଁ

ଜୟପାଟଣା, ୦୪/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପରୁ ଚଳିତ ଖରିଫ୍ ଋତୁରେ ମେଗା ଲିଫ୍ଟ କେନାଲରେ ଜଳସେଚନ ବନ୍ଦ କରିବା ପାଇଁ ଘୋଷଣା ହେବା ପରେ ଚାଷୀଙ୍କ ମୁଣ୍ଡରେ ବଜ୍ର ପଡିଛି ! ଏହା ଚାଷୀ ପାଇଁ ଚିନ୍ତାର କାରଣ ହୋଇ ଯାଇଛି । ଗତ ଦୁଇ ବର୍ଷ ଜଳସେଚନ ହେଉଥିବା ବେଳେ, ଚଳିତ ବର୍ଷ ଡ୍ୟାମରେ ଜଳସ୍ତର କମ୍ ଥିବା ବାହାନା ଦେଖାଇ ଚାଷୀ ମାରଣ ନୀତି ଆପଣାଇଛି ପ୍ରଶାସନ । ଯଦି ଜଳ ସଙ୍କଟ ଅଛି ତେବେ ପୂର୍ବ ଦୁଇବର୍ଷ ଏବଂ ଚଳିତବର୍ଷ ଜଳସ୍ତର ରିପୋର୍ଟ ମାଗିଲେ କାହିଁକି ଦିଆଯାଉନାହିଁ ତାହାର କାରଣ ଜଣାପଡୁନାହିଁ । ଯଦି ଜଳ ସଂକଟ ଅଛି ତେବେ ବର୍ଷସାରା କାହିଁକି ତେଲନଦୀ ମଙ୍ଗଳପୁର ବ୍ୟାରେଜରେ ଜଳ ପ୍ରବାହ କାହା ସ୍ୱାର୍ଥରେ, ଚଳିତ ଖରିଫ ଋତୁରେ ଜଳ ସେଚନ ପାଣି ପାଉନଥିବା ଜମି ଚିହ୍ନଟ କରି ନୂତନ ପଏଣ୍ଟ ପ୍ରଦାନ ଭଳି ବିଭିନ୍ନ ଦାବି ନେଇ କୃଷକ ସଚେତନ ମଞ୍ଚ ତରଫରୁ ମୋଟେରେ ରାଜାରାସ୍ତା ଅବରୋଧ କରିଥିଲେ । ଉକ୍ତ ପ୍ରତିବାଦ ସଭାରେ କୋକସରା, ଧର୍ମଗଡ ତଥା ଆଖପାଖ ଅଞ୍ଚଳର ହଜାର ହଜାର ଚାଷୀ, ସମାଜସେବୀ, ବୁଦ୍ଧିଜୀବୀ ଉପସ୍ଥିତ ରହି ରାଜରାସ୍ତା ଅବରୋଧ କରିଛନ୍ତି ।

## ବରଗଡ଼ ଜିଲ୍ଲା ଭେଡେନ ଠାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ଭେଡେନ, ୦୪/୧୨ (ନି.ପ୍ର): ଗୋଷ୍ଠୀ ଶିକ୍ଷକ କାର୍ଯ୍ୟାଳୟ, ଭେଡେନ ଠାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ବିଇଓ ମଛିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟକ୍ଷ ପଦ୍ମିନୀ ଗଡତିଆ, ସମ୍ମାନିତ ଅତିଥି ଭାବେ ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ନାଗରିକ କମିଟି ସଭାପତି ସ୍ୱାଧୀନ ରଥ ଓ ସୂର୍ଯ୍ୟମଣୀ ଜନତା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ କୁମାର୍ ନାଏକ ଯୋଗଦେଇ ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ କାର୍ଯକ୍ରମ ଆରମ୍ଭ କରାଯାଇଥିଲା । ଏଥିରେ ମୋଟ ୮୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ, ମ୍ୟୁଜିକ ଚେୟାର ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା । ଉଦଯାପନୀ ଉତ୍ସବରେ ବିଇଓ ମଛିନ୍ଦ୍ର ମଲ୍ଲିକ, ଏବିଇଓ ହେମବତୀ ମେହେର, ଅଭିମନ୍ୟୁ ଭୋଇ ବିଆରଟି ଦେବକ୍ଷର୍ଚ୍ଚନ ପୂଝାରୀ, କଳ୍ପନା ବଘାର, ରେମଣ୍ଡକ୍ଷ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ହୋତା ଓ ସମସ୍ତ ସିଆରସିସିଙ୍କ ଉପସ୍ଥିତିରେ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଗଲା । କାର୍ଯକ୍ରମକୁ ଶିକ୍ଷକ ଗୋବିନ୍ଦ ସେଠ୍ ଓ ଆଶିଷ କୁମାର ଦେଓ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ଗୁରୁଦେବ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ଶିକ୍ଷକ ବୁଲୁ ଶତପଥୀ ଉଦଘାଟନୀ ଓ ଉଦଯାପନୀ ସଙ୍ଗୀତ ଗାନ କରିଥିଲେ ତଥା ସିଆରସିସି ଅମିତ ତ୍ରିପାଠୀ ଧନ୍ୟବାଦ ଅର୍ପଣ ସହ ସମସ୍ତ ଅଫିସ କର୍ମଚାରୀ ଓ ସମସ୍ତ ସିଆରସିସି ସହଯୋଗ କରିଥିଲେ ।

## ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ

ପାଟଣା, ୦୪/୧୨ (ନି.ପ୍ର): ସମଗ୍ର ଶିକ୍ଷା କେନ୍ଦୁଝର ଙ୍କ ସୌଜନ୍ୟରୁ ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ଦ୍ୱାରା ପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ କରାଯାଇଛି ।ଗତକାଲି ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଙ୍କୁ ନେଇ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଆଜି ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ଆମେବି ସକ୍ଷମ ବାର୍ତ୍ତା ଦିଆଯାଇ ପାଟଣା ବଜାର ଅଞ୍ଚଳ ରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା ।ଏହା ଛଡା ବିଦ୍ୟାଳୟ ପରିସରରେ ସଙ୍ଗୀତ ପ୍ରତିଯୋଗିତା , ମ୍ୟୁଜିକ ଚେୟାର,ପୁଚି ,ହାଣ୍ଡି ପିଟା,ଜିଲାପି ଦୌଡ଼, ଲମ୍ଫ ଦୌଡ଼ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିବା ସହ କୃତି ପ୍ରତିଯୋଗୀ ମାନଙ୍କୁ ଉଦଯାପନ ସମାରୋହରେ ପୁରସ୍କୃତ କରାଯାଇଥିଲା ।ବି ଆର ଟି ମୀନକେତନ ପାତ୍ର ଓ ରଜନୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ପାର୍ଥସାରଥୀ ବେଜ ଙ୍କ ସଂଯୋଜନା ରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ ,ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରୋତ୍ତମ ସାହୁ ସମ୍ମାନୀତ ଅତିଥି ଭାବେ ଏବିଇଓ ପ୍ରକାଶ କୁମାର ରାୟ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କମଳା କାନ୍ତ ପତି,ପୂର୍ବତନ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ମହାନ୍ତ, ପାଟଣା ସିଆରସିସି ଜ୍ୟୋତିର୍ମୟ ତ୍ରିପାଠୀ,ସ୍ଥାନୀୟ ପ୍ରଧାନ ଶିକ୍ଷକ କ୍ଷେତ୍ର ମୋହନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମ ରେ ୧୫୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ୫୦ଜଣ ଅଭିଭାବକ ଓ ଅଭିଭାବିକା ଯୋଗ ଦେଇଥିଲେ ।

# ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଂଘ ର ତିର୍ତ୍ତୋଲ ଶାଖା ତରଫରୁ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ




ଜଗତସିଂହପୁର ୪/୧୨ (ନିପ୍ରା) ଉତ୍କଳ ସାମ୍ବାଦିକ ସଂଘ, ଓଡିଶା ଦ୍ୱାରା ଅନୁବନ୍ଧିତ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଂଘ ର ବ୍ଲକ ସ୍ତରୀୟ ସାଧାରଣ ପରିଷଦ ବୈଠକ ତିର୍ତ୍ତୋଲ ଠାରେ ଅନୁଷ୍ଠିତ ହୋଇ ଯାଇଅଛି । ସଂଘ ର ଜିଲ୍ଲା ସଭାପତି ମନୋଜ କୁମାର ଦାଶଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ବୈଠକରେ ଉତ୍କଳ ସାମ୍ବାଦିକ ସଂଘ ର ରାଜ୍ୟ ସମ୍ପାଦକ ରାଧାକାନ୍ତ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ନିରଞ୍ଜନ ବାରିକ, ସହସମ୍ପାଦକ ସୁରେଶ ନାୟକ, କୋଷାଧ୍ୟକ୍ଷ ମାନଶ କୁମାର କାନୁନଗୋ, ସଙ୍ଗଠନ ସମ୍ପାଦକ ଅମରଜ୍ୟୋତି ସାହୁ,ଉପ ସଭାପତି ସୁଜନ ମୁଦୁଲି,ତାପସ ସ୍ୱାଇଁ ସହ ସମ୍ପାଦକ ଦ୍ୱେଜ୍ୟୋତି ମହାନ୍ତି, ତିର୍ତ୍ତୋଲ ବ୍ଲକ ସଭାପତି ମାନସ କୁମାର ସୂତାର ଏବଂ ତିର୍ତ୍ତୋଲ ଅଞ୍ଚଳର ସମସ୍ତ ସାମ୍ବାଦିକ ବନ୍ଧୁ ଯୋଗ ଦେଇଥିଲେ। ବୈଠକରେ ସାମ୍ବାଦିକ ମାନଙ୍କ ଶକ୍ତି ବୃଦ୍ଧି ପାଇଁ ସଂଘୀୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ବାବଦରେ ଉପସ୍ଥିତ ସଦସ୍ୟ ମାନେ ମତ ରଖିବା ସହ ସମସ୍ତେ ଏକତାର ଡୋରୀରେ ବାନ୍ଧି ହୋଇ ରହିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ତିର୍ତ୍ତୋଲ ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବ ସମ୍ମତି କ୍ରମେ ସୁଧାଂଶୁ ଶେଖର ପୃଷ୍ଟି ଙ୍କୁ ବ୍ଲକ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ଉପସଭାପତି ଭାବେ ଚନ୍ଦ୍ରକାନ୍ତ ବାରିକ, ସମ୍ପାଦକ ଭାବେ ମାନସ କୁମାର ସୂତାର,ସହସମ୍ପାଦକ ପ୍ରଭାତ କୁମାର ପରିଡା ଏବଂ କୋଷାଧକ୍ଷ ଭାବେ ସୌରଜିତ ପଢିଆରି ଙ୍କୁ ଚୟନ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ଶ୍ରୀବତ୍ସ ଲାଞ୍ଛନ ପାଢ଼ୀ ଏବଂ ନିଶାକର ଦାସ ଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟ ପ୍ରକାଶ ମହାନ୍ତି, ଏମ. ଏସ. ରାଜନ କୁମାର, ଜଗନ୍ନାଥ ପ୍ରସାଦ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ସୁଭାଶିଷ ସ୍ୱାଇଁ, ସ୍ୱାଗତ ରଞ୍ଜନ ଦାସ ଏବଂ ଗୋପାଳକୃଷ୍ଣ ଦାସ ପ୍ରମୁଖ ସାମ୍ବାଦିକ ମାନେ ସଂଘ ର ନୂତନ ସଦସ୍ୟ ଭାବରେ ଯୋଗଦାନ କରିଥିଲେ ।

# ତୁଟୁନି ଆଳୁ ଅଡୁଆ: ନିଜକୁ ନିଅଣ୍ଟ, ସାହିକୁ ବାଣ୍ଟ





ଭୁବନେଶ୍ୱର, ୦୪/୧୨: ଆଳୁକୁ ନେଇ ଏବେ ଏକ ବିଚିତ୍ର ସ୍ଥିତି ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ସରକାର ଆଳୁ ଉପରେ କଟକଣା ଲଗାଇବା ପ୍ରତିବାଦରେ ସେଠାକାର ବ୍ୟବସାୟୀ ସଂଘ ଶୀତଳଭଣ୍ଡାରଗୁଡ଼ିକୁ ବନ୍ଦ କରିଛନ୍ତି। ଫଳରେ ପଶ୍ଚିମବଙ୍ଗରେ ବି ଆଳୁ ଅଭାବ ଦେଖାଦେଇଛି। ଏଭଳି ସ୍ଥିତିରେ ଓଡ଼ିଶାକୁ ଉତ୍ତରପ୍ରଦେଶରୁ ଆସିଥିବା ଆଳୁ ବିଭିନ୍ନ ବାଟରେ ପଶ୍ଚିମବଙ୍ଗ ଚାଲାଣ କରାଯାଉଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଉତ୍ତର ବାଲେଶ୍ୱର ଅଞ୍ଚଳରେ ପ୍ରଶାସନ ଏହାକୁ ରୋକିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନି। ହସ୍ତଗତ ସୂଚନା ଅନୁସାରେ, ଆଜି ସକାଳେ ଉତ୍ତରପ୍ରଦେଶର ଏକ ଆଳୁ ବୋଝେଇ ଟ୍ରକ୍ (ୟୁପି ୭୫ ଏମ୍ ୮୪୭୭) ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅନ୍ତର୍ଗତ ଚନ୍ଦନେଶ୍ୱରଠାରେ ପହଞ୍ଚିଥିଲା। ଏଠାରୁ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସାହାବାଜିପୁର ବାଟଦେଇ ଶହଶହ ଇ-ରିକ୍ସାରେ ଆଳୁ ବସ୍ତା ପଶ୍ଚିବଙ୍ଗର ଦୀଘା, ରାମନଗର ଓ କଣ୍ଟାଇ ପ୍ରଭୃତି ଅଞ୍ଚଳକୁ ବୁହା ହେଉଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ବ୍ୟବସାୟୀଙ୍କ କହିବା କଥା, ପଶ୍ଚିମବଙ୍ଗର ମୁଖ୍ୟତଃ ତାରକେଶ୍ୱର, ବର୍ଦ୍ଧମାନ ଓ ପଶ୍ଚିମ ମେଦିନୀପୁର ଜିଲ୍ଲାର କେଲାପଡ଼ା, ତ୍ରିଡ଼ଙ୍ଗୀ, ଘୁଡୁଙ୍ଗ, ଚନ୍ଦ୍ରକଣା, ଗଡ଼ବେତାରୁ ଆଳୁ ଯୋଗାଣ ହୋଇଥାଏ। ଏଠାରୁ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ତ୍ରିପୁରା, ଆସାମ ଆଦି ରାଜ୍ୟକୁ ଆଳୁ ଯୋଗାଣ ହୋଇଥାଏ। ମାତ୍ର, ଶୀତଳଭଣ୍ଡାର ବନ୍ଦ ରହିବା ଫଳରେ ହଠାତ୍ ସେଠାରେ ଆଳୁ ଦର ଅହେତୁକ ବୃଦ୍ଧି ପାଇଛି। ଏପରିକି, ହଜାରହଜାର କ୍ୱିଣ୍ଟାଲ ଆଳୁ ପଚିଗଲାଣି କିମ୍ବା ପଚିଯିବାକୁ ବସିଛି। ଯେଉଁଥି ପାଇଁ ପଶ୍ଚିମବଙ୍ଗ ଆଳୁ ନ ପଠାଇ ଓଡ଼ିଶା ପାଇଁ ଯେଉଁ ସମସ୍ୟା ସୃଷ୍ଟି କରିଥିଲା ଏବେ ନିଜେ ସମସ୍ୟାରେ ଛନ୍ଦି ହୋଇଯାଇଛି। ଫଳରେ, କିଛି ବ୍ୟବସାୟୀ ଓଡ଼ିଶାକୁ ଆସିଥିବା ଉତ୍ତରପ୍ରଦେଶର ଆଳୁକୁ ସେଠାରୁ ବୋହୁଛନ୍ତି। ଅନ୍ୟପକ୍ଷରେ, ଆଜି ବର୍ଦ୍ଧମାନ ଆଳୁ ଯୋଗାଣ ସମିତି ଭବନରେ ପଶ୍ଚିମବଙ୍ଗ ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କମିଟି ସଭାପତି ଜଗବନ୍ଧୁ ମଣ୍ଡଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଆଳୁ ଯୋଗାଣ ଉପରେ ଆଲୋଚନା ହୋଇଥିଲା। ପଶ୍ଚିମବଙ୍ଗ ଯୋଗାଣ ମନ୍ତ୍ରୀ ବେଚାରାମ ମାନ୍ନାଙ୍କ ଅନୁରୋଧକ୍ରମେ ଶୀତଳଭଣ୍ଡାର ଖୋଲି ଆଳୁ ଯୋଗାଣ ସ୍ୱାଭାବିକ କରିବା ସଂପର୍କରେ ଆଲୋଚନା ହୋଇଥିଲା। ବୈଠକରେ ରାଜ୍ୟ କମିଟିର ସମ୍ପାଦକ ଲାଲୁ ମୁଖାର୍ଜୀ, କୋଷାଧ୍ୟକ୍ଷ ଅମୀୟ ବାଇରୀ ପ୍ରମୁଖ ଉପସ୍ଥିତ ଥିଲେ। ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀ ସଂଘର ସମ୍ପାଦକ ଶ୍ରୀ ମୁଖାର୍ଜୀ କହିଛନ୍ତି, ଆସନ୍ତା ଗୁରୁବାର ପାଖରୁ ରାଜ୍ୟବ୍ୟାପୀ ବନ୍ଦ ଥିବା ଶୀତଳଭଣ୍ଡାର ଖୋଲିବା ସହିତ ଆଳୁ ଯୋଗାଣ ସ୍ୱାଭାବିକ କରାଯିବ। ଉଲ୍ଲେଖଯୋଗ୍ୟ ଯେ ଗତକାଲି ମଧ୍ୟରାତ୍ରିରୁ ପଶ୍ଚିମବଙ୍ଗର ୪୮୦ରୁ ଅଧିକ ଶୀତଳଭଣ୍ଡାରକୁ ବନ୍ଦ ରଖିବା ଫଳରେ ସମଗ୍ର ରାଜ୍ୟରେ ଆଳୁ ଯୋଗାଣ ଠପ୍ ହୋଇଯାଇଛି। ଆଳୁକୁ ନେଇ ରାଜ୍ୟ-ରାଜ୍ୟ ମଧ୍ୟରେ ବିବାଦ ଚାଲିଥିବା ବେଳେ ସେଠାରେ ମଧ୍ୟ ଆଳୁ କେଜି ୪୦ ଟଙ୍କା ଟପିଲାଣି। ଏଭଳି ସ୍ଥିତିରେ ଓଡ଼ିଶାକୁ ଆସିଥିବା ଉତ୍ତରପ୍ରଦେଶ ଆଳୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ବେଳେ ଏହାକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନି। ରାଜ୍ୟରେ ଆଳୁ, ପିଆଜ, ଖାଇବା ତେଲ ଆଦି ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ଅହେତୁକ ବୃଦ୍ଧି ପାଇଛି। ସରକାର କିଛି କରୁ ନାହାନ୍ତି। ଯୋଗାଣ ମନ୍ତ୍ରୀ ଖାଲି ବୟାନବାଜିରେ ବ୍ୟସ୍ତ ଅଛନ୍ତି। ଡବଲ୍ ଇଞ୍ଜିନ ସରକାରରେ ଦରଦାମ୍ ବି ଡବଲ୍ ବଢୁଛି। ହାଣ୍ଡିଶାଳ ଉପରେ ସରକାର ଶକ୍ତ ପ୍ରହାର କରିଛନ୍ତି। ଆଜି ବିଧାନସଭାରେ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ୍ ବୃଦ୍ଧି ନେଇ ହୋଇଥିବା ମୁଲତବୀ ଆଲୋଚନାରେ ସରକାରଙ୍କୁ ଏମିତି ଟାର୍ଗେଟ୍ କରିଥିଲେ ବିରୋଧୀ। ଏ କଥା ବି କହିଥିଲେ, ସୁଭଦ୍ରାରେ ଯେଉଁ ୫ ହଜାର ଟଙ୍କା ଦେଉଛ ସେହି ଟଙ୍କାରେ ଚଢ଼ା ଦରରେ ଖାଇବା ସାମଗ୍ରୀ କିଣି ଲୋକ ହନ୍ତସନ୍ତ ହେଉଛନ୍ତି। ଆଲୋଚନା ଆରମ୍ଭ କରି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଲେ, ଆଳୁ ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। ମନ୍ତ୍ରୀ କହିଥିଲେ ୟୁପିରୁ ଆଳୁ ଆଣିବୁ। ପଶ୍ଚିମବଙ୍ଗକୁ ସାବାଡ଼ କରିଦେବୁ। କଣ ଫଳ ହେଲା, ସମସ୍ତେ ଦେଖୁଛନ୍ତି। ସବୁ କଥାରେ ଆମେ ନୂଆ ସରକାର କହି ଖସିବାକୁ ବସିଛନ୍ତି। ଏ କଥା ଆଉ ଚଳିବନି। ମନ୍ତ୍ରୀ ଖାଲି ଗଣମାଧ୍ୟମରେ ମନଇଚ୍ଛା ବିବୃତି ଦେବାରେ ବ୍ୟସ୍ତ। ସବୁ ଦରଦାମ୍ ଲୋକଙ୍କୁ ବାଧୁଛି। ଗାଁକୁ ଗଲେ ଲୋକ ଗାଳି କରୁଛନ୍ତି। ସରକାର ସବ୍‌ସିଡି ଦେଇ ଦରଦାମ୍ ହ୍ରାସ କରିବାର ବ୍ୟବସ୍ଥା କରନ୍ତୁ। ଅଶୋକ ଦାସ କହିଥିଲେ, ମନ୍ତ୍ରୀ ଖାଲି ବିବୃତି ଦେଉଛନ୍ତି। କିନ୍ତୁ ଲୋକଙ୍କ ସମସ୍ୟା ସମାଧାନ ହେଉନି। ୩୦୦ ଟ୍ରକ୍ ଆଳୁ ଉତ୍ତରପ୍ରଦେଶରୁ ନେଇ ଆସିଲେ କ'ଣ ସାରା ଓଡ଼ିଶା ସମସ୍ୟାର ସମାଧାନ ହୋଇଯିବ ସାଧାରଣ ପରିବାର ଗୁଜୁରାଣ ମେଣ୍ଟାଇବାରେ ସମର୍ଥ ହେଉ ନାହାନ୍ତି। ବିଜେଡି ସଭ୍ୟ ବ୍ୟୋମକେଶ ରାୟ କହିଲେ, ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି। କିନ୍ତୁ ଯୋଗାଣ ମନ୍ତ୍ରୀ କି ସରକାର କିଛି କରୁ ନାହାନ୍ତି। ସାରା ରାଜ୍ୟର ଲୋକ କାନ୍ଦୁଛନ୍ତି। କୌଣସି ଜିଲ୍ଲାରେ ଜିଲ୍ଲାପାଳ ଦରଦାମ୍ ବୃଦ୍ଧିର ସମୀକ୍ଷା କରି କମାଇବାର ବ୍ୟବସ୍ଥା କରୁନାହାନ୍ତି। ମନ୍ତ୍ରୀ ସବୁବେଳେ ମିଛ କହୁଛନ୍ତି। ସବୁ ପରିବା, ଡାଲି, ଖାଇବା ତେଲ ଦର ଅହେତୁକ ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତି କାହିଁକି ବଢ଼ିଲା ଧ୍ରୁବ ଚରଣ ସାହୁ କହିଲେ, ୫୦୦ ଟଙ୍କା ନେଇ ବଜାର ଗଲେ ବି ବ୍ୟାଗ ଭର୍ତ୍ତି ହେଉନି। ପନିପରିବା ଦର ୧୦୦ ଛୁଇଁଲାଣି। ୩୦୦ ଟ୍ରକ ଆଳୁ ଭୁବନେଶ୍ୱର, କଟକ ଆସିଗଲେ କ'ଣ ସାରା ରାଜ୍ୟର ସମସ୍ୟା ସମାଧାନ ହୋଇଯିବ ଦରଦାମ୍ ଯେତିକି ବାଧୁନି, ମନ୍ତ୍ରୀଙ୍କ ବିବୃତି ଲୋକଙ୍କୁ ଅଧିକ ଯନ୍ତ୍ରଣା ଦେଉଛି। ଗୌତମବୁଦ୍ଧ ଦାସ କହିଲେ, ମନ୍ତ୍ରୀ ଯାହା କହୁଛନ୍ତି ତାହା ଉପର ଠାଉରିଆ। ୩୦୦ ଟ୍ରକ୍ ଆଳୁ ବ୍ୟବସାୟୀମାନେ ଆଣିଛନ୍ତି। ଏଥିରେ ସରକାରଙ୍କ କିଛି ଭୂମିକା ନାହିଁ। ଆଉ ଏତିକି ଆଳୁ ଆସିଗଲେ ଦର ନିୟନ୍ତ୍ରଣକୁ ଆସିଯିବ ନାହିଁ। ଦରଦାମ୍ ବୃଦ୍ଧି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମାନ ଭାବେ ଦାୟୀ। ବିଜେପି ସଭ୍ୟମାନେ ବିଜେଡି ଶାସନର ବିଫଳତାକୁ ଦର୍ଶାଇ ବିରୋଧୀଙ୍କୁ ଜବାବ ଦେଇଥିଲେ। ସରୋଜ ପାଢ଼ୀ କହିଥିଲେ, ପୂର୍ବ ସରକାରର ଅପାରଗତା ଯୋଗୁ ଏ ଦଶା ଭୋଗୁଛୁ। ଯଦି ଠିକ୍ ଭାବେ ସେତେବେଳେ ଆଳୁ ମିସନ୍ କାର୍ଯ୍ୟକାରୀ ହୋଇଥାନ୍ତା, ତେବେ ଏମିତି ସମୟ ଆସି ନ ଥା'ନ୍ତା। ଓଡ଼ିଶାରେ ତ କୃଷକ ନାହାନ୍ତି। ବିଜେଡି ସରକାର ସମୟରେ ସେମାନେ ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି। ପୂର୍ବ ସରକାର ଶୀତଳ ଭଣ୍ଡାର ବି ପ୍ରତିଷ୍ଠା କଲେନି। କିନ୍ତୁ ବର୍ତ୍ତମାନ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ବାବୁ ସିଂହ କହିଥିଲେ, ୨୪ ବର୍ଷରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ପୂର୍ବ ସରକାର କିଛି ପଦକ୍ଷେପ ନେଇ ନଥିଲେ। ଆଳୁ ମିସନ୍ ପାଇଁ ୮୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲ। ସେହି ଟଙ୍କା ହେଲା କ'ଣ? ବିଜେଡି ନିର୍ବାଚନ ଲଢ଼ିବାକୁ ତାହାକୁ ଲୁଣ୍ଠନ କରିଥିଲା କି? ଏ ସରକାର ପରିସ୍ଥିତିର ମୁକାବିଲା ପାଇଁ ଠିକ୍ ପଦକ୍ଷେପ ନେଉଛନ୍ତି। ଶାସକ ଦଳ ସଭ୍ୟ ଦୁର୍ଗା ପ୍ରସନ୍ନ ନାୟକ ଓ ଅଶୋକ ମହାନ୍ତି ଆଲୋଚନାରେ ଭାଗ ନେଇଥିଲେ।

# ଫୁଲବାଣୀ ସଭାଗୃହରେ ଆନ୍ତର୍ଜାତିକ ଭିର୍ନ୍ନ କ୍ଷମ ଦିବସ ପାଳିତ








ଫୁଲବାଣୀ ତା,୦୪ / ୧୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଓଡ଼ିଶା ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ କନ୍ଧମାଳ ଜିଲ୍ଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ – ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏହି ଅନ୍ତର୍ଜାତୀୟ ଭିର୍ନ୍ନ କ୍ଷମ ଦିବସରେ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭିନ୍ନକ୍ଷମଙ୍କୁ ଅନ୍ୟ ସାଧାରଣ ବର୍ଗଙ୍କ ଭଳି ସମାନ ସୁଯୋଗ ଦେବା ଏବଂ ସରକାରଙ୍କର ପ୍ରୋତ୍ସାହନ ଉପଯୁକ୍ତ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବା । ଭିନ୍ନକ୍ଷମ ସକ୍ଷମ ଜନସାଧାରଣ ଙ୍କ ଠାରୁ କମ୍ ନୁହନ୍ତି ସେମାନଙ୍କୁ ଉପଯୁକ୍ତ ସହାୟତା ମିଳିଲେ ସେମାନେ ମଧ୍ୟ ସଫଳତାର ଶିଖର ଛୁଇଁ ପାରିବେ । ବାପ ମା' ଆ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସମାଜ ସେମାନଙ୍କୁ ସହଯୋଗ କରିବା ସହିତ ଆଗକୁ ବଢିବାପାଇଁ ଉତ୍ସାହିତ କରିବା ଆବଶ୍ୟକ । ଅନ୍ୟତମ ସନମାନୀତ ଅତିଥିଭାବେ ଉପଜିଲ୍ଲାପାଳ କନ୍ଧମାଳ ଶ୍ରୀ ଚିତ୍ତରଞ୍ଜନ ମହନ୍ତି ମୁଁ ବି ପାରିବି ବାକ୍ୟର ବିସ୍ତୃତ ଆଲୋଚନା କରିଥିଲେ । ଭିନ୍ନକ୍ଷମ ବ୍ୟକ୍ତି ମାନେ ନିଜକୁ ଅକ୍ଷମ ନ ଭାବି ଯେଉଁ ଠାରେ ନିଜର ଦକ୍ଷତା ଅଛି ସେହି ଦିଗରେ ପରିଶ୍ରମ କରି ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ । ଆଜିର ଭିର୍ନ୍ନକ୍ଷମ ଦିବସରେ ଅନ୍ୟତମ ସନ୍ମାନିତ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପାଢୀ କହିଲେ ଯେ ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଦେଶ । ଆଉ ମହାପ୍ରଭୁ ଜଗନ୍ନାଥ, ତାଙ୍କ ହାତ ଗୋଡ ନଥାଇ ମଧ୍ୟ ସେ ସର୍ବକ୍ଷମ, ସର୍ବଶକ୍ତିମାନ ଏବଂ ଜଗତ ଠାକୁର ଭାବେ ସେ ସାରାଜଗତ କୁ ପରିଚାଳନା କରୁଛନ୍ତି , ତେଣୁ ନିଜକୁ ଜଣେ ଭିନ୍ନକ୍ଷମ ବ୍ୟକ୍ତି ବୋଲି ଭାବିବା ଉଚିତ ନୁହଁ କି ହତାଶ ହେବ ଉଚିତ ନୁହଁ, ଭିନ୍ନକ୍ଷମ ଏକ ଚିନ୍ତାଧାରା ମାତ୍ର, ଏହାକୁ ଆମେ ସମସ୍ତେ ମିଳିମିଶି ଦୂର କରିବାକୁ ପଡିବ । ଗୋଟିଏ ଅଙ୍ଗ ଅକ୍ଷମ ହେଲେ ମଧ୍ୟ ଅନ୍ୟ ଅଙ୍ଗ ଅଧିକ ଦକ୍ଷ ହୋଇଥାଏ । ଏହାର ଉଚିତ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ମଂଚାସୀନ ସନମାନୀତ ଅତିଥିଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପ୍ରମୋଦ କୁମାର ଷଡଙ୍ଗୀ କହିଲେ ଭିନ୍ନକ୍ଷମ ସବୁ କାର୍ଯ୍ୟ କରିପାରିବେ ସେମାନଙ୍କୁ ସହଯୋଗ ଏବଂ ଉତ୍ସାହିତ କରିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି. ପଦ୍ମା ପ୍ରାରମ୍ଭିକ ଭାଷଣରେ କହିଥିଲେ ଯେ ଭିନ୍ନକ୍ଷମ ବ୍ୟକ୍ତିମାନେ ହେଉଛନ୍ତି ଏ ଦୁନିଆରେ ଭିନ୍ନ ଏକ କ୍ଷମତାର ଅଧିକାରୀ । ନିଜକୁ ଅକ୍ଷମ ନ ଭାବି ସକ୍ଷମ ଭାବିବା ଉଚିତ । ଭିନ୍ନକ୍ଷମଙ୍କ ସଶକ୍ତିକରଣ ପାଇଁ ସରକାର ସବୁପ୍ରକାର ଯୋଜନା କରିଛନ୍ତି ଏହାର ଲାଭ ନେବାକୁ କହିଥିଲେ ଶ୍ରୀ ଷଡ଼ଙ୍ଗୀ । ଏହି ଅନ୍ତର୍ଜାତୀୟ ଦିବସ ପାଳନ ଅବସରରେ ଭିନ୍ନକ୍ଷମ ପିଲାମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରରେ କେତେଗୁଡିଏ ପ୍ରତିଯୋଗିତା କରାଯାଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ଏହି ସମାରୋହରେ ପୁରସ୍କୃତ କରାଯିବା ସହ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା । ସ୍ୱାମୀ କିମ୍ବା ସ୍ତ୍ରୀ ମଧ୍ୟରୁ ଜଣେ ଭିନ୍ନକ୍ଷମ ଥିଲେ ସରକାର ୨ ଲକ୍ଷ ୫୦ ହଜାର ଟଙ୍କାର ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି । ଏହି କ୍ରମରେ ୫ ଜଣ ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ଚେକ୍ ଆକାରରେ ପ୍ରଦାନ କରାଯାଇଥିଲା । ବିଭିନ୍ନ ଅନୁଷ୍ଠାନ, ବାଲିଗୁଡା ସ୍ଥିତ ରେଡ୍ କ୍ରସ ଦୃଷ୍ଟିହୀନ ବିଦ୍ୟାଳୟ, ବନବାସୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଦ୍ୱାର ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ କରାଯାଇଥିଲା । ଏହି ସମାରୋହରେ ଫୁଲବାଣୀ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଇତିଶ୍ରୀ ମହାପାତ୍ର, ବାଲିଗୁଡା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମମତା ପ୍ରଧାନ, ବନବାସୀ ସେବା ସମିତିର ସମ୍ପାଦକ ଶ୍ରୀ ରବୀନ୍ଦ୍ର କୁମାର ପଣ୍ଡା, ନିପୀଡିତର ମୁଖ୍ୟ ପ୍ରମୋଦ କୁମାର ନାୟକ, ବିଭିନ୍ନ ଅନୁଷ୍ଠାନର ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ଅଭିଭାବକ, ଇଲେକ୍ଟ୍ରୋନିକ୍ ଏବଂ ପ୍ରିଣ୍ଟ୍ ମିଡ଼ିଆର କର୍ମକର୍ତ୍ତା ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ

ଯାଜପୁର, ତା ୦୪.୧୨.୨୦୨୪ ରିଖ: ଯାଜପୁର ଜିଲ୍ଲାର ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ତରଫରୁ ସର୍ବପୁରାତନ ବିଦ୍ୟାଳୟ ବିରଜା ଉଚ୍ଚ ବିଦ୍ୟାଳୟ, ଦେବୀଦ୍ୱାର ଠାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଯାଜପୁର ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ନିବେଦିତା ପାଣିଙ୍କ ସଭାପତିତ୍ୱରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବକ୍ରିଷ୍ଣ ଜେନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ଶିବାଶିଷ ମହାରଣା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାଜେଶ କୁମାର ସ୍ୱାଇଁ, ଶ୍ରୀ ନିତ୍ୟାନନ୍ଦ ବାରିକ, ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ମଲ୍ଲିକ, ବିରଜା ଉଚ୍ଚ ବିଦ୍ୟାଳୟ, ଆଜି ଯୋଗଦାନ କରିଥିଲେ। ଉକ୍ତ ସଭାରେ ଦଶ ଗୋଟି ବ୍ଲକରୁ ଭିନ୍ନ ଭିନ୍ନ ବର୍ଗର ଭିନ୍ନକ୍ଷମ ଛାତ୍ର ଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ। ଜିଲ୍ଲା ସ୍ତରରେ ସେହି ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା କରାଯାଇଥିଲା ଏବଂ ସେମାନଙ୍କୁ ପୁରସ୍କାର ସ୍ୱରୂପ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ଶତକଡା ୬୦% ରୁ ଅଧିକ ନମ୍ବର ରଖି ୨୩ ଜଣ ମେଧାବୀ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ସାଲ ଓ ସମ୍ବର୍ଦ୍ଧନା ପତ୍ର ଆଜି ମୁଖ୍ୟ ଓ ସମ୍ମାନିତ ଅତିଥିଙ୍କ ହାତରେ ପ୍ରଦାନ କରାଯାଇଥିଲା। ସଂଯୋଜିକା ଶ୍ରୀମତୀ ବନ୍ଦନା ଜେନା ଉକ୍ତ ସମାରୋହରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ବିରଜା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ଏବଂ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ କିଶୋର ଚନ୍ଦ୍ର ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।


# ପ୍ରବାସୀଙ୍କୁ ସ୍ୱାଗତ ପାଇଁ ଭବ୍ୟ ପ୍ରସ୍ତୁତି

## ସଜେଇ ହେଉଛି ରାଜଧାନୀ, ୩୭୦୦ରୁମ୍ ବୁକ୍




ଭୁବନେଶ୍ୱର, ୦୪/୧୨: ଓଡ଼ିଶାରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ପାଇଁ ଭବ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜଧାନୀ ଭୁବନେଶ୍ୱରକୁ ସଜେଇବା ସହ ପ୍ରବାସୀଙ୍କୁ ଭବ୍ୟ ସ୍ୱାଗତ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ରାଜଧାନୀର ବିଭିନ୍ନ ତାରକା ହୋଟେଲରେ ୩୭୦୦ରୁମକୁ ରାଜ୍ୟ ସରକାର ଆଗୁଆ ବୁକ୍ କରିସାରିଥିବାବେଳେ ଭୁବନେଶ୍ୱର, କଟକ ଓ ପୁରୀ ଆଦିରେ ଥିବା ୨୮ଟି ଦର୍ଶନୀୟ ସ୍ଥାନର ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯାଇଛି। ଆଜି ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନର ପ୍ରସ୍ତୁତିକୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁଆରୀ ୮ରୁ ୧୦ତାରିଖ ୩ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀର ଆୟୋଜନକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୪ଟି ସବକମିଟି ଗଠନ କରାଯାଇଛି। ଏହି କମିଟି ଦ୍ୱାରା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଜି ମୁଖ୍ୟ ସଚିବ ଆଲୋଚନା କରିଥିଲେ। ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ଯୋଗ ଦେବାକୁ ଆସିବାକୁ ଥିବା ଅତିଥି, ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ପାଇଁ ପର୍ଯ୍ୟଟନ ବିଭାଗ ୩୭୦୦ଟି ରୁମ୍ ବୁକ କରିଛି। ଭୁବନେଶ୍ୱରର ୫୫ଟି ରାସ୍ତାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ରାସ୍ତାର ପ୍ରାଚୀର, କାନ୍ଥ ଆଦିରେ ଚିତ୍ରକଳା ପେଣ୍ଟିଂ ସହ ବିଭିନ୍ନ ସ୍ଥାନରେ କଳାକୃତି ରଖାଯିବ। ଏହାସହ ବିଭାଗ ତରଫରୁ କେତେ ଏୟାରଲାଇନ୍ସ ଓ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶକଙ୍କୁ ଫ୍ଲାଇଟ୍ ସଂଖ୍ୟା ବୃଦ୍ଧି ପାଇଁ ଅନୁରୋଧ କରାଯାଇଛି। ନଗର ଉନ୍ନୟନ ବିଭାଗ, ବିଡିଏ, ବିଏମସି, ପର୍ଯ୍ୟଟନ ବିଭାଗ, ସଂସ୍କୃତି ବିଭାଗ ଆଦିର ସହଯୋଗରେ ଭୁବନେଶ୍ୱର ସହର ଯେଭଳି ଆକର୍ଷଣୀୟ ରୂପରେ ଶୋଭା ପାଇବ ସେଥିପାଇଁ ପ୍ରୟାସ କରିବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି। ରାଜ୍ୟ ସଂଗ୍ରହାଳୟ, ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ, ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ସେହିପରି କାର୍ଯ୍ୟକ୍ରମ ସ୍ଥଳ ଜନତା ମଇଦାନରେ ଯେପରି ବ୍ୟାପକ ଇଂଟରନେଟ୍ ସୁବିଧା ରହିବ ସେଥିପ୍ରତି ଦୃଷ୍ଟି ଦେବାକୁ ଆଇଟି ବିଭାଗକୁ କୁହାଯାଇଛି। ଜନତା ମଇଦାନର କାର୍ଯ୍ୟକ୍ରମ ସ୍ଥଳରେ ଭିଭିଆଇପି, ଅତିଥି, ପ୍ରବାସୀ ଭାରତୀୟ,ସ୍ଥାନୀୟ ଦର୍ଶକମାନଙ୍କ ବସିବା, ଯାନବାହନ ପାର୍କିଂ, ଉତ୍ସବ ସ୍ଥଳରେ ଖାଦ୍ୟବ୍ୟବସ୍ଥା ଆଦିର ବ୍ୟାପକ ଆୟୋଜନ ଠିକଠାକ୍ କରିବା ପାଇଁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି। ଆଜିର ଏହି ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ସବୁ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

# ହାଇକୋର୍ଟରେ ଖାଲି ପଡ଼ିଛି ୧୪ ବିଚାରପତି ପଦବୀ



ଭୁବନେଶ୍ୱର, ୦୪/୧୨: ଓଡ଼ିଶା ହାଇକୋର୍ଟରେ ଏବେ ମାତ୍ର ୧୯ଜଣ ବିଚାରପତି ଅଧିଷ୍ଠିତ ଅଛନ୍ତି। ମୋଟ ୩୩ଜଣ ବିଚାରପତି ରହିବା ବିଧେୟ ଥିବାବେଳେ ଏବେ ୧୪ଟି ବିଚାରପତି ପଦବୀ ଖାଲି ପଡ଼ିଛି। ଆବଶ୍ୟକ ସଂଖ୍ୟକ ବିଚାରପତି ନଥିବାରୁ ହାଇକୋର୍ଟରେ ପ୍ରାୟ ୧.୪୫ଲକ୍ଷରୁ ଅଧିକ ମାମଲା ମଧ୍ୟ ବିଚାର ପାଇଁ ପଡ଼ି ରହିଥିବା ଜଣାପଡ଼ିଛି। ଆଜି ବିଧାନସଭାରେ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଓଡ଼ିଶା ହାଇକୋର୍ଟରେ ମୋଟ ୩୩ଜଣ ବିଚାରପତି ରହିବା ବିଧେୟକ। ଏବେ ହାଇକୋର୍ଟରେ ୧୯ଜଣ ବିଚାରପତି ଅଧିଷ୍ଠିତ ଅଛନ୍ତି। ବକେୟା ଜମା ଥବା ମାମଲାଗୁଡ଼ିକ ଶୁଣାଣି କରି ଫଇସଲା କରିବା ବିଚାରପତିମାନଙ୍କର ପରିସରଭୁକ୍ତ। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରଶ୍ନ କରିଥିଲେ ଯେ, ଓଡ଼ିଶା ହାଇକୋର୍ଟରେ କେତେ ବିଚାରପତି ରହିବା ବିଧେୟ ଓ ଏବେ କେତେଜଣ ଅଧିଷ୍ଠିତ ଅଛନ୍ତି। ଏହି ବିଚାରପତିମାନେ ତାଙ୍କର ପୂର୍ଣ୍ଣଶକ୍ତି ନିୟୋଗ କଲେ କେତେବର୍ଷ ଭିତରେ ବାକିଆ ଜମା ହୋଇଥିବା ମାମଲାଗୁଡ଼ିକ ଫଏସଲା ହୋଇପାରିବ। ତ୍ୱରିତ୍ ମାମଲା ଫଏସଲା ପାଇଁ କି କି ସଂସ୍କାରମୂଳକ ପଦକ୍ଷେପ ନେବା ପାଇଁ ସରକାର ଯୋଜନା କରିଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ଓଡ଼ିଶା ହାଇକୋର୍ଟଙ୍କ ୱେବସାଇଟରୁ ମିଳିଥିବା ତଥ୍ୟ ଅନୁସାରେ, ଡିସେମ୍ବର ୨ତାରିଖ(ଗତକାଲି) ସୁଦ୍ଧା ହାଇକୋର୍ଟରେ ବିଭିନ୍ନ ବର୍ଗର ମୋଟ ୧ଲକ୍ଷ ୪୫ହଜାର ୬୪୯ଟି ମାମଲା ବିଚାରାଧୀନ ରହିଛି।

# ଗୋଲାମୁଣ୍ଡା ଠାରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ




ଗୋଲାମୁଣ୍ଡା//୪/୧୨/୨୪(ଜଗନ୍ନାଥ ଏକ୍ସପ୍ରେସ) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ତରଫରୁ ଗୋଲାମୁଣ୍ଡା ଠାରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରି ଭବାନି ଶଙ୍କର ଯୋଷୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରି ଲବଣୀ ନାଏକ , ପ୍ରଧାନ ଶିକ୍ଷକ ରାଜିବ ଖମାରୀ, ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା,ବିଆରସି ଅବନୀ ପ୍ରଧାନ ଆଇଇଭି ଶିବ ତ୍ରିପାଠୀ, ଜନାର୍ଦ୍ଦନ ବାଗ,କମଳ ଲୋଚନ ବର୍ଗର୍ତ୍ତା,ବବିତା ସୁନାନୀ, କେଦାର ସର୍ବ, ପ୍ରମୁଖ ମଞ୍ଚାସିନ ହୋଇଥିଲେ । ପ୍ରଥମେ ଗୋଲାମୁଣ୍ଡା ସହର ପରିକ୍ରମା କରି ଜନ ସାଧାରଣ ଙ୍କୁ ସଚେତନ କରିଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Manangingan Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ